ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୫୨
୯ ନଭେମ୍ବର, ୨୦୨୫ ରବିବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 152
9th November, 2025 Sunday
Bhubaneswar

ODISHA EXPRESS　SIGHTS TRUTH WRITES TRUTH　ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in　E-mail : odishaexpress@gmail.com　RNI Regd. No. ODIODI/2006/23033　Postal Regd. No. : BN/169/13-15　ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ସା ସଭା ଯତ୍ର ନ ସନ୍ତି ବୃଦ୍ଧା ନ ତେ ବୃଦ୍ଧା ଯେ ନ ବଦନ୍ତି ଧର୍ମମ୍
ନା ସୌ ଧର୍ମୋ ଯତ୍ର ନ ସତ୍ୟମସ୍ତି ନ ତତ୍ ସତ୍ୟଂ ଯଚ୍ଛକେନାଭ୍ୟୁପେତମ**

ଯେଉଁ ସଭାରେ ବୃଦ୍ଧଜନ ବିଦ୍ୟମାନ ନଥାନ୍ତି ସେ ସଭା ସଭା ନୁହେଁ। ଯେଉଁମାନେ ଧର୍ମସଂଗତ କଥା ନ କହନ୍ତି, ସେମାନେ ଯଥାର୍ଥ ବୃଦ୍ଧ ନୁହନ୍ତି। ଯେଉଁ ଧର୍ମ ସତ୍ୟକୁ ଅନୁସରଣ ନକରେ ତାହା ଧର୍ମ ନୁହେଁ। ଯାହା କପଟତାରେ ପରିପୂର୍ଣ୍ଣ ତାହା ସତ୍ୟ ନୁହେଁ।

# ବାଲକୋନି ଭୁଶୁଡ଼ି ୩ ମୃତ

**କଟକ,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

କଟକରେ ପୁଣି ଅଘଟଣ। ଏକ ପୁରୁଣା କୋଠାର ବାଲକୋନି ଭୁଶୁଡ଼ି ଜଣେ ଶିଶୁ ସମେତ ୩ ଜଣଙ୍କ ମୃତ୍ୟୁ ହୋଇଛି। ମଣିସାହୁ ଛକ ନିକଟସ୍ଥ ହାଡ଼ିବନ୍ଧୁ ସ୍କୁଲ ପାଖରେ ଥିବା ଏକ ପୁରୁଣା କୋଠାର ବାଲକୋନି ଭୁଶୁଡ଼ି ଏକ ଆଜବେଷ୍ଟ ଘର ଉପରେ ପଡ଼ିବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଆହତ ମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ପଠାଯାଇଥିଲା। ଆହତମାନଙ୍କ ମଧ୍ୟରୁ ସେଠାରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକମାନେ ହେଲେ ଅବଦୁଲ ଜଲିଲ, ଅବଦୁଲ ଜାହିଦ ଓ ୫ ବର୍ଷର ଶିଶୁ ଅବଦୁଲ ମୁଜାହିଦ ବୋଲି ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ଜଣେ ମହିଳା ଅନ୍ତର୍ଭୁକ୍ତ। ଘଟଣା ସ୍ଥଳରେ ଅଗ୍ନିଶମବାହିନୀ ଓ ପୋଲିସ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।



ସୂଚନା ମୁତାବକ, ଶନିବାର ଅପରାହ୍ନ ୫ଟା ସମୟରେ ମଣିସାହୁ ଛକ ନିକଟରେ ଥିବା ଏକ ପୁରୁଣା ଆପାର୍ଟମେଣ୍ଟର ବାଲକୋନି ହଠାତ ଭୁଶୁଡ଼ି ପଡ଼ି ନିକଟରେ ଥିବା ଏକ ଆଜବେଷ୍ଟସ ଘର ଉପରେ ପଡ଼ିଥିଲା। ଫଳରେ କୋଠରୀ ଭିତରେ ଥିବା ୬ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତମାନଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲ ପଠାଇଥିଲେ। କଟକ ବଡ଼ ମେଡ଼ିକାଲରେ ଡାକ୍ତର ୩ ଜଣଙ୍କୁ ମୃତ ଘୋଷଣା କରିଥିଲେ। *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧ରୁ ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଡିସେମ୍ବର ୧ରୁ ଆରମ୍ଭ ହେବ ସଂସଦର ଶୀତ ଅଧିବେଶନ। ଡିସେମ୍ବର ୧ରୁ ଆରମ୍ଭ ହେଉଥିବା ଶୀତ ଅଧିବେଶନ ଡିସେମ୍ବର ୧୯ ଯାଏ ଚାଲିବ। ଏ ସମ୍ପର୍କରେ ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି। ଏକ୍ସରେ ଏ ସମ୍ପର୍କରେ ସୂଚନା ଦେଇ ରିଜିଜୁ ଲେଖିଛନ୍ତି, "ସମ୍ମାନୀୟ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଜୀ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରି ଡିସେମ୍ବର ୧ରୁ ୧୯ ଯାଏ ସଂସଦର ଶୀତ ଅଧିବେଶ ଚାଲୁ ରଖିବାକୁ ଅନୁମତି ଦେଇଛନ୍ତି। ଗୋଟିଏ ଗଠନମୂଳକ ଓ ସଫଳ ଅଧିବେଶର ଆଶା ରହିଛି, ଯାହା ଗଣତନ୍ତ୍ରକୁ ମଜବୁତ କରିବ। ଏଥିସହ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବ।"

ଆସନ୍ତା ଶୀତ ଅଧିବେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଲ ଆସିବାର ରହିଛି। ଜାତୀୟ ସ୍ୱାର୍ଥ ସହ ଜଡିତ କିଛି ବିଲ ସରକାର ଉପସ୍ଥାପନ କରିପାରନ୍ତି। ଏହାକୁ ନେଇ ଉଭୟ ଲୋକସଭା ଓ ରାଜ୍ୟସଭାରେ ବଡ ବିତର୍କ ହେବ। ନୂଆ ବର୍ଷ ପୂର୍ବରୁ ସରକାର କିଛି ନୂଆ ବ୍ୟବସ୍ଥା ଗ୍ରହଣ କରିବା ମୁଡରେ ରହିଛନ୍ତି। ଏହାବାଦ ବିହାର ବିଧାନସଭା ନିର୍ବାଚନ ପରେ ସଂସଦର ଶୀତ ଅଧିବେଶ ବସିବ।

ତେଣୁ ବିହାର ନିର୍ବାଚନ ରେଜଲ୍ଟର ପ୍ରଭାବ ମଧ୍ୟ ସଂସଦ ଉପରେ ପଡିବାର ସମ୍ଭାବନା ରହିଛି। ବିହାରରେ ଏବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଥିବା ବେଳେ ୧୧ରେ ଶେଷ ପର୍ଯ୍ୟାୟ ମତଦାନ ହେବ। ଏହାପରେ ନଭେମ୍ବର ୧୪ରେ ଭୋଟ ଗଣତି ସହ ଫଳାଫଳ ପ୍ରକାଶ ପାଇବ। ଏନଡିଏ ଓ ମହାଗଠବନ୍ଧନ ମଧ୍ୟରେ ସିଧାସଳଖ ଲଢ଼େଇ ବିହାରରେ ଚାଲିଛି।

# ଗୋଟିଏ ଦିନ ଗୋଟିଏ ସମୟରେ ୨ ପରୀକ୍ଷା




**ଭୁବନେଶ୍ୱର,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ଉପୁଜିଲା ପରୀକ୍ଷା ଦ୍ୱନ୍ଦ୍ୱ। କାଲି ଗୋଟିଏ ଦିନ ଗୋଟିଏ ସମୟରେ ଦୁଇ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତିଭିତ୍ତିକ ପରୀକ୍ଷା। ଆସନ୍ତାକାଲି ଓପିଏସ୍‌ସି ପକ୍ଷରୁ ରହିଛି ଏଏସ୍‌ଓ ଏଜି ଲିଖିତ ପରୀକ୍ଷା। ଦିନ ୯ଟା, ୧୧ଟା ୩୦ ଓ ୨ଟା ୩୦ରେ ୩ଟି ସିଟିଂରେ ଏହି ପରୀକ୍ଷା ହେବ।

ଅନ୍ୟପକ୍ଷରେ ଓଡିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ବା ଓଟ୍ରିପଲ୍‌ଏସ୍‌ସି ପକ୍ଷରୁ ଚାଲିଛି ଆର୍‌ଆଇ ଏବଂ ଅମିନ ପରୀକ୍ଷା। ଆସନ୍ତାକାଲି ଦିନ ୯ଟାରୁ ୧୦ଟା ୩୦ ପର୍ଯ୍ୟନ୍ତ ଏହି ପରୀକ୍ଷା ଥିବା ସୂଚନା ମିଳିଛି। ଏହି ସମାନ ସମୟରେ ଏଏସ୍‌ଓ ପେପର୍-୧ ପରୀକ୍ଷା ହେବାକୁ ଥିବାରୁ, କ୍ଷୋଭ ପ୍ରକାଶ କରିଛନ୍ତି ନିଯୁକ୍ତି ଆଶାୟୀ। ତେବେ ଏନେଇ ଓପିଏସ୍‌ସି କିମ୍ବା ଓଟ୍ରିପଲ୍‌ଏସ୍‌ସି ପକ୍ଷରୁ ପ୍ରତିକ୍ରିୟା ମିଳିପାରିନାହିଁ।

ନିଯୁକ୍ତି ଆଶାୟୀମାନେ କହିଛନ୍ତି ଯେ ୧୬ ମାସର ବିଜେପି ସରକାର ଯେମିତି ଓଡ଼ିଶାରେ କାହାରିଙ୍କୁ ନିଯୁକ୍ତି ନଦେବାକୁ ପଣ କରିଛି। କାରଣ ୧୬ ମାସର ବିଜେପି ସରକାରରେ ୧୬ଟି ସରକାରୀ ପରୀକ୍ଷାରେ ବିଭ୍ରାଟ ଘଟିଛି। ଆଉ ଏଥିରୁ ସରକାର ଶିକ୍ଷା ନେବେ କ'ଣ ପୁଣି ସମାନ ଘଟଣା। ୯ ତାରିଖରେ ଦୁଇ ଦୁଇଟି ସରକାରୀ ଚାକିରି ପାଇଁ ପରୀକ୍ଷା ହେବାକୁ ଯାଉଛି। ଏପରି ବିଭ୍ରାଟକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିବା ସ୍ୱାଭାବିକ ବୋଲି କହିଛନ୍ତି ଚାକିରି ପ୍ରତ୍ୟାଶୀ।

# ମଦୁଆ ପୁଲିସ୍‌ବାବୁଙ୍କ ଗାଡ଼ି ଚଢ଼ି ଶିକ୍ଷକଙ୍କ ମୃତ୍ୟୁ

**ଭୋପାଳ,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭୟଙ୍କର କାଣ୍ଡ ଘଟାଇଛନ୍ତି ଜଣେ ପୁଲିସ ବାବୁ। ମଦ ନିଶାରେ ଜଣେ ଏଏସ୍‌ଆଇ ନିଜର ଗାଡିକୁ ଏକାଧିକ ବାଇକ ଉପରେ ଚଢ଼ାଇ ଦେବାଫଳରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମଦ୍ୟପ ପୁଲିସ ବାବୁଙ୍କ ଯୋଗୁ ମଧ୍ୟପ୍ରଦେଶର ନୀମୁଚ-ଜୱାଦ ରାସ୍ତାରେ ଉପସ୍ଥିତ ଥିବା ଲୋକମାନେ ପୂରା ଆତଙ୍କିତ ହୋଇ ପଡିଥିଲେ। ନୀମୁଚର ଭାରଭାଡିଆ ଗାଁ ନିକଟରେ ପୁଲିସ୍ ବାବୁଙ୍କ ଗାଡି ଧକ୍କାରେ ମୃତ ଶିକ୍ଷକଙ୍କର ପତ୍ନୀ ଓ ଦୁଇ ଛୋଟ ଛୁଆ ଏବେ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଏଏସଆଇ ମନୋଜ ଯାଦବ ଏତେ ମଦ ପିଇଥିଲେ ଯେ ସେ ଠିକ ଭାବେ ଛିଡା ହୋଇ ପାରୁ ନଥିଲେ। ସେହି ଅବସ୍ଥାରେ ସେ ଗାଡି ଚଳାଇବା ସହ ଗୋଟିଏ ପରେ ଗୋଟିଏ ବାଇକୁ ରାସ୍ତାରେ ଧକ୍କା ଦେଇ ଚାଲିଥିଲେ। ତାଙ୍କ ଗାଡି ଧକ୍କାରେ ଏକାଧିକ ଲୋକ ଆହତ ହୋଇଥିଲେ। ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି।

ସିରିଜ ଦୁର୍ଘଟଣା ପରେ ଯାଦବ ଗାଡିରୁ ବାହାରିଥିଲେ। ତାଙ୍କ ପାଟିରୁ ମଦର ଗନ୍ଧ ବାହାରୁଥିଲା। ପୁଲିସ୍ ପରବର୍ତ୍ତୀ ଅବସ୍ଥାରେ ଯାଦବଙ୍କ ଗାଡିରୁ ମଦ ବୋତଲ ଓ ଗ୍ଲାସକୁ ଜବତ କରିଛି। ଏଏସ୍‌ଆଇ ଯାଦବଙ୍କ ଗାଡି ଧକ୍କାରେ ପ୍ରାଣ ହରାଇଥିବା ଶିକ୍ଷକ ଜଣଙ୍କ ହେଲେ ୪୨ ବର୍ଷୀୟ ଦଶରଥ। ସେ ତାଙ୍କ ପତ୍ନୀ ଲଳିତା ବାଈ(୩୫), ପୁଅ ହରର୍ଷିତ(୧୦) ଓ ଝିଅ ଜୟା(୬)ଙ୍କ ସହ ପରିବା କିଣି ଘରକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଧାନସଭା ନିର୍ବାଚନ: ଅଳିଆ ଗଦାରେ ଭିଭିପାଟ୍ ସ୍ଲିପ୍

**ପାଟନା,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିହାର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଯେଉଁଠାରେ ମତଦାନ ହୋଇସାରିଛି, ସେଠାରେ ଷ୍ଟ୍ରଙ୍ଗ୍ ରୁମଗୁଡ଼ିକୁ ସୁରକ୍ଷା ଦେବା ଏବଂ ଇଭିଏମ୍ ମେସିନଗୁଡ଼ିକର ଯତ୍ନ ନେବା ପାଇଁ ବହୁ ସଂଖ୍ୟକ ଲୋକଙ୍କୁ ନିୟୋଜିତ କରାଯାଇଛି। ଏଥିରେ ପୁଲିସ କର୍ମଚାରୀ ଏବଂ ଦଳୀୟ କର୍ମୀ ମଧ୍ୟ ସାମିଲ ଅଛନ୍ତି। ଏହି ସମୟରେ, ସମସ୍ତିପୁରରୁ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। ସରାଇରଞ୍ଜନ ବିଧାନସଭା ନିର୍ବାଚନ ମଣ୍ଡଳୀର ଶୀତଲପଟ୍ଟି ଗାଁ ନିକଟରେ ହଜାର ହଜାର ଭିଭିପାଟ୍ ସ୍ଲିପ୍ ଅଳିଆ ଗଦାରେ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି।

ଏହାର ଏକ ଭିଡିଓ ରାଷ୍ଟ୍ରୀୟ ଜନତା ଦଳର ସୋସିଆଲ ମିଡିଆ ଆକାଉଣ୍ଟରୁ ମଧ୍ୟ ସେୟାର କରାଯାଇଛି। ଯେଉଁଥିରେ ଅଭିଯୋଗ କରାଯାଇଛି, ଭିଡିଓଟି ସମସ୍ତିପୁରର ସରାଇରଞ୍ଜନ ବିଧାନସଭା ନିର୍ବାଚନ ମଣ୍ଡଳୀର। ଭିଡିଓଟି ସେୟାର କରି ଆରଜେଡି ଲେଖିଛି, ସମସ୍ତିପୁରର ସରାଇରଞ୍ଜନ ବିଧାନସଭା ନିର୍ବାଚନ ମଣ୍ଡଳୀର କେଏସଆର କଲେଜ ନିକଟରେ ରାସ୍ତାରେ ଇଭିଏମରୁ ବହୁ ସଂଖ୍ୟକ ଭିଭିପିଏଟି ସ୍ଲିପ୍ ଫିଙ୍ଗାଯାଇଥିବା ଦେଖିବାକୁ ମିଳିଛି। କେବେ, କିପରି, କାହିଁକି ଏବଂ କାହା ଇଙ୍ଗିତରେ ଏହି ସ୍ଲିପ୍ ଫିଙ୍ଗାଯାଇଛି ବୋଲି ଦଳ ପ୍ରଶ୍ନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଗୁଣ୍ଡିଚା ମନ୍ଦିର ଦଳାଚକଟା ପାଇଁ ୭ ପୋଲିସ ଅଧିକାରୀ ଦାୟୀ

**ଭୁବନେଶ୍ୱର,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ରଥଯାତ୍ରା ବେଳେ ଗୁଣ୍ଡିଚା ମନ୍ଦିରରେ ଦଳାଚକଟା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରାଯାଇଛି। ୨୯/୬/୨୫ ରଥଯାତ୍ରା ଦିନ ଦଳାଚକଟା ହୋଇଥିଲା। ଉନ୍ନୟନ କମିଶନରଙ୍କ ତଦନ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରାଯାଇଛି। ୭ପୁଲିସ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରାଯାଇଛି। ୭ଜଣ ପୁଲିସ କର୍ମଚାରୀ କାର୍ଯ୍ୟରେ ଅବହେଳା କରିଥିବା ରିପୋର୍ଟରେ ଉଲ୍ଲେଖ ହୋଇଛି। ଏଥିସହ ପୁଲିସ ନିମନ୍ତେ 'କମାଣ୍ଡ ଓ କଂଟ୍ରୋଲ ରୁମ୍' ସ୍ଥାପନ କରିଥିବା ସଂସ୍ଥା 'ଇନଭେଷ୍ଟ ଗ୍ରୀଡ୍ ଇଣ୍ଡିଆ ଲିମିଟେଡ'କୁ କଳା ତାଲିକାଭୁକ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି।



ଏହି ଅଧିକାରୀମାନେ ହେଲେ ଓଏସ୍‌ଏପି ଥାର୍ଡ ବାଟାଲିୟନର କମାଣ୍ଡାଣ୍ଟ ଅଜୟ ପାଢୀ, ଡିସିପି ବିଷ୍ଣୁ ପତି, ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ କମାଣ୍ଡାଣ୍ଟ ତାପସ ରଞ୍ଜନ ଦାସ, ଡେପୁଟି କମାଣ୍ଡାଣ୍ଟ କେ.କେ ନାୟକ, ପୁରୀ ସିଟି ଡିଏସପି ପ୍ରଶାନ୍ତ ସାହୁ, କୁମ୍ଭାରପଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁ ଓ ଓଏସ୍‌ଏପି ୮ମ ବାଟାଲିୟନ କମାଣ୍ଡାଣ୍ଟ ସାରଦା ପ୍ରସାଦ ଦାସ। ଗୃହ ବିଭାଗର ଅତିରିକ୍ତ ସଚିବ ଡିଜି ଓ ଆଇଜି ପୁଲିସକୁ ଏନେଇ ଚିଠି ଲେଖିଛନ୍ତି।

ତେବେ ରଥଯାତ୍ରାରେ ବିପର୍ଯ୍ୟସ୍ତ ପରିଚାଳନା ପାଇଁ ସବଇନ୍ସପେକ୍ଟରରୁ ଅତିରିକ୍ତ ଏସପି ପାହ୍ୟାର ୭ଜଣ ପୁଲିସ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିବା ଅନୁ ଗର୍ଗ କମିଟି କିଭଳି ସମଗ୍ର ରଥଯାତ୍ରା ପରିଚାଳନାରେ ନିୟୋଜିତ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କୁ ଛୁଇଁବାକୁ ବି ସାହାସ କଲେନି, ଓଲଟା ସେମାନଙ୍କୁ କ୍ଲିନଚିଟ୍ ଦେଇଛନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି।

ଯଦିଓ ରଥଯାତ୍ରାର ୩ଦିନ ପୂର୍ବରୁ ଖୋଦ୍ ପୁଲିସ ଡିଜି ଶ୍ରୀ ଖୁରାନିଆଙ୍କ ସମେତ ଏଡିଜି ପାହ୍ୟାର ୫ ଆଇପିଏସ୍ ଅଫିସର ପୁରୀରେ ଡେରା ପକାଇ ବିଭିନ୍ନ ଦାୟିତ୍ୱରେ ନିୟୋଜିତ ହୋଇଥିଲେ। କେବଳ ସେତିକି ନୁହେଁ, ରଥଯାତ୍ରା ସମୟରେ ପୁଲିସ ଡିଜି ଖୋଦ୍ ସମଗ୍ର ସୁରକ୍ଷା ବ୍ୟବସ୍ଥାର ତଦାରଖ କରୁଥିଲେ ମଧ୍ୟ ଅନୁ ଗର୍ଗ ତଦନ୍ତ କମିଟିକୁ ସହଯୋଗ କରିନଥିଲେ କି ହାଜର ହୋଇ ପକ୍ଷ ରଖି ନଥିଲେ ବୋଲି ଜଣାପଡିଛି।

ତେବେ ପ୍ରଶ୍ନ ଉଠୁଛି, ଯଦି ଏହି ଅଫିସରମାନେ ସବୁ କାର୍ଯ୍ୟ ପାଇଁ ଦାୟୀ ବୋଲି ଦର୍ଶାଯାଉଛି, ତା'ହେଲେ ରଥଯାତ୍ରାବେଳେ ଓଡିଶା ପୁଲିସର ଡିଜିଙ୍କଠୁ ଆରମ୍ଭ କରି ଏଡିଜି ପାହ୍ୟାର ଅଫିସରମାନେ ପୁରୀରେ କେଉଁ ଦାୟିତ୍ୱରେ ନିୟୋଜିତ ହୋଇଥିଲେ *(ଶେଷ ପୃଷ୍ଠା ଦେଖନ୍ତୁ)*




# ଯନ୍ତ୍ରୀ ଅଭାବ: ସଡ଼କ ନିର୍ମାଣ ହେବ କିପରି ?

**ଭୁବନେଶ୍ୱର,୮।୧୧: ତଥ୍ୟ**

ଭାରତୀୟ ସଡ଼କ କଂଗ୍ରେସର ଭୁବନେଶ୍ୱରରେ ଅନୁଷ୍ଠିତ ୮୪ତମ ଅଧିବେଶନରେ ଉନ୍ନତମାନର ସଡ଼କ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଓଡ଼ିଶାରେ କିନ୍ତୁ ପୂର୍ତ୍ତ ବିଭାଗର ସଡ଼କ ଓ କୋଠାବାଡ଼ି ନିର୍ମାଣ ତଥା ରକ୍ଷଣାବେକ୍ଷଣ ଲାଗି ପର୍ଯ୍ୟାପ୍ତ ସଂଖ୍ୟକ ଯନ୍ତ୍ରୀ ନାହାନ୍ତି। ମାନବ ସମ୍ବଳ ଅଭାବ ଏ କ୍ଷେତ୍ରରେ ପ୍ରମୁଖ ପ୍ରତିବନ୍ଧକ ବୋଲି ବହୁ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଯନ୍ତ୍ରୀ ସ୍ୱୀକାର କରୁଛନ୍ତି।




ସରକାରୀ ତଥ୍ୟ ମୁତାବକ ପୂର୍ତ୍ତ ବିଭାଗରେ ୪ ହଜାରରୁ ଅଧିକ ପଦବୀ ଖାଲି ପଡିଛି। ଏଥିମଧ୍ୟରୁ ଯନ୍ତ୍ରୀ ପଦବୀ ସଂଖ୍ୟା ୨ ହଜାରରୁ ଅଧିକ ବୋଲି କୁହାଯାଉଛି। ବିଭିନ୍ନ କାରଣରୁ ବର୍ଷବର୍ଷ ଧରି ପଦୋନ୍ନତି ଓ ପ୍ରତ୍ୟକ୍ଷ ନିଯୁକ୍ତି ଭିତ୍ତିରେ ଖାଲି ପଡିଥିବା ସମସ୍ତ ଯନ୍ତ୍ରୀ ପଦବୀ ପୂରଣ ହେଉନାହିଁ। ଯେତେବେଳେ ବି ନିଯୁକ୍ତି ଓ ପଦୋନ୍ନତି ପ୍ରସଂଗ ଉଠୁଛି ସେତେବେଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତ୍ରୁଟି ବିଚ୍ୟୁତି ଯୋଗୁ ମାମଲା ବୋଝ ଚାପି ହୋଇଯାଉଥିବାରୁ ଖାଲି ପଦବୀ ପୂରଣରେ ବିଳମ୍ବ ହେଉଥିବା କୁହାଯାଉଛି।

ଗତବର୍ଷ ୩୦୦ରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ କରିବା ଲାଗି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ବିଭାଗୀୟ ପଦୋନ୍ନତି କମିଟି ବସାଇଥିଲେ। ଯେଉଁମାନଙ୍କୁ ପଦୋନ୍ନତି ଦେବା ପାଇଁ ଏଥିରେ ଆଲୋଚନା ହୋଇଥିଲା ତାହା ସ୍ଥାନ ସଂରକ୍ଷଣ ନିୟମର ଉଲ୍ଲଂଘନ କରୁଥିବାରୁ କମିଟିର ସଦସ୍ୟମାନଙ୍କ ଭିତରେ ପୂର୍ଣ୍ଣ ସହମତି ହୋଇପାରିନଥିଲା। ଏମିତିକି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରତିନିଧି ଡିପିସିର ନିଷ୍ପତ୍ତି ଚିଠାରେ ଦସ୍ତଖତ ଦେବାକୁ ମନା କରିଦେଲେ।

ଏଭଳି ବିବାଦୀୟ ସ୍ଥିତିରେ ଆଇନର ଠିକଣା ତର୍ଜମା ପରେ ଚଳିତବର୍ଷ ମାର୍ଚ୍ଚ ମାସରେ ଆଉ ଏକ ଡିପିସି ବସି ଯୋଗ୍ୟତା ଆଉ ଦକ୍ଷତା ଆଧାରରେ ଆଇନ୍ ଅନୁଯାୟୀ ପଦୋନ୍ନତି ଦେବାକୁ ସୁପାରିସ କରିଥିଲେ। ପୂର୍ବ ଡିପିସିର ଚିଠାରେ ଯେଉଁମାନଙ୍କ ନାମ ଥିଲା ସେଥିରୁ କେତେଜଣଙ୍କ ନାମ ୨୦୨୫ ଡିପିସି ତାଲିକାରୁ ବାଦ୍ ପଡ଼ିବା ଫଳରେ ସେମାନେ ଆଇନ୍ ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏ କଥା ବିଭାଗୀୟ ବରିଷ୍ଠ ଅଧିକାରୀମାନେ ସ୍ୱୀକାର କରୁଛନ୍ତି।

ଓଡ଼ିଶା ସରକାରଙ୍କ ପଦୋନ୍ନତି ଆଇନ୍‌ରେ ଯୋଗ୍ୟତା ଆଉ ଦକ୍ଷତା ଭିତ୍ତିରେ ବରିଷ୍ଠମାନଙ୍କୁ ପଦୋନ୍ନତି ଦେବା ପାଇଁ ବ୍ୟବସ୍ଥା ରହିଛି। ସ୍ପଷ୍ଟ ଆଇନ୍ ଥିବାବେଳେ ବିଭାଗର କିଛି ଅଧିକାରୀ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୯ ନଭେମ୍ବର ୨୦୨୫ । ରବିବାର




## ଗାଁ ରାସ୍ତା ମରାମତି କଲେ କୁରୁକୁଟି ଗ୍ରାମବାସୀ

**କଲ୍ୟାଣସିଂହପୁର: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ସେରିଗୁମ୍ମା ପଞ୍ଚାୟତର କୁରୁକୁଟି ଗ୍ରାମ ରାସ୍ତାର ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଗୁହାରି କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାସ୍ତା ମରାମତି ନ ହେବାରୁ ଶେଷରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ନିଜେ ଶ୍ରମଦାନ କରି ରାସ୍ତା ମରାମତି କରିଛନ୍ତି ।

ସରପଞ୍ଚଠୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଗୁହାରୀ କରିବା ପରେ ବି ରାସ୍ତା କାମ ନ ହେଉଥିବା ଯୋଗୁ ଗାଁକୁ ଆମ୍ବୁଲାନ୍ସ ଆସିବା ସମ୍ଭବ ହୋଇପାରୁ ନାହିଁ । ଏମିତି କି ରାସ୍ତା ଖରାପ ଯୋଗୁ ଅନେକ ଦୁର୍ଘଟଣା ଘଟିଛି । ପୂର୍ବରୁ ଗର୍ଭବତୀ ମହିଳାମାନଙ୍କୁ ଭାରରେ ବୁହା ହୋଇଥିବା ନଜିର ମଧ୍ୟ ରହିଛି । ଅନେକ ନେତା, ମନ୍ତ୍ରୀ, ବିଧାୟକ, ସାଂସଦଙ୍କୁ କହିବା ପରେ ବି କେହି କର୍ଣ୍ଣପାତ କରିନାହାନ୍ତି । ୨୪ ବର୍ଷ ଗତ ସରକାର ଏବଂ ଚଳିତ ୧୬ ମାସର ସରକାରରେ ବି ଗ୍ରାମ ରାସ୍ତା ହେବା ସ୍ୱପ୍ନ ପାଲଟି ଯାଇଛି । ଏହି ସମସ୍ୟା ଭିତରେ ଆଗାମୀ ନିର୍ବାଚନରେ ଗାଁ ଲୋକ ଭୋଟ ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା କହିଛନ୍ତି ।

## ମରଣାନ୍ତକ ଆକ୍ରମଣ ଅଭିଯୋଗ, ୨ ଗିରଫ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡିଆବୋରଦା ଗ୍ରାମର ଯୁବକ ନାରାୟଣ ନାଇକ(୩୬)ଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ସେହି ଗ୍ରାମର ଶିବ ନାଇକ ଓ ଶଙ୍କର ନାଇକକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ କେସ୍ ନଂ ୬୯୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାଯାଇଛି । ପ୍ରକାଶ ଯେ, ଗତ ୫ ତାରିଖ ରାତି ୮ଟା ବେଳେ ଶିବ ନାଇକ, ଶଙ୍କର ନାଇକ, ଅଭି ନାଇକ ଓ ଗରିବ ନାଇକ ମିଳିମିଶି ନାରାୟଣଙ୍କ ଘରକୁ ଅନଧିକାର ପ୍ରବେଶ କରି ତାଙ୍କୁ ଗାଳିଗୁଲଜ କରିବା ସହ କାତି ଓ ଲାଠିରେ ମରଣାନ୍ତକ ଆକ୍ରମଣ କରିଥିଲେ । ଶଙ୍କର ଓ ଅଭିର ଆକ୍ରମଣରେ ନାରାୟଣଙ୍କୁ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେବା ସହ ଡାହାଣ ହାତ ଜଖମ ହୋଇଯାଇଥିଲା । ଏହି ସମୟରେ ନାରାୟଣଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ପ୍ରତିବାଦ କରିବାରୁ ସେ ମଧ୍ୟ ଅଭଦ୍ର ଗାଳିଗୁଲଜର ଶିକାର ହୋଇଥିଲେ । ଏ ନେଇ ନାରାୟଣ ପୋଲିସରେ ଅଭିଯୋଗ କ୍ରମେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ କରି ଅଭିଯୁକ୍ତ ଶିବ ଓ ଶଙ୍କରକୁ ଗିରଫ କରିଥିଲେ ।

## ନୂତନ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଦାବି

**କୁଚିଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**



ବାମରା ବ୍ଲକ୍ ଅନ୍ତର୍ଗତ ଜରାବଗା ଗ୍ରା.ପ.ର କର୍ଲିଆଡିହି ଗ୍ରାମ ବଜାର ପରିସରରେ ଜରାବଗା ଗ୍ରା.ପ.କୁ ବିଭାଜନ କରି ଏକ ନୂତନ ଗ୍ରାମ ପଞ୍ଚାୟତ ଗଠନ ଦାବି ଉଦ୍ଦେଶ୍ୟରେ ନବୀନ କୁମାର ପଟେଲଙ୍କ ସଭାପତିତ୍ୱରେ ଜରାବଗା ଗ୍ରାମ ପଞ୍ଚାୟତର ବେତଝରନ, କର୍ଲିଆଡିହି, ସର୍ଗିଡିହି, କନ୍ଧକୁଲେଇ, ଦୁମକୁ, କିନାବଗା ଓ ଲପଡ଼ା ଗ୍ରାମବାସୀଙ୍କୁ ନେଇ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ଯୋଗଦାନ କରିଥିବା ଜରାବଗା ଗ୍ରାମ ପଞ୍ଚାୟତର ୭ଟି ଗ୍ରାମର ସର୍ବସମ୍ମତି କ୍ରମେ ବେତଝରନ ପାଞ୍ଚ ଗାଁ ଛକ ଠାରେ ଏକ ନୂତନ ଗ୍ରାମ ପଞ୍ଚାୟତ ଗଠନ କରିବା ପାଇଁ ସହମତି ପ୍ରକାଶ କରିବା ସହ ଏକ ଦାବିପତ୍ର ବାମରା ବ୍ଲକ୍ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଓଡ଼ିଶାଙ୍କୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରକାଶ ଥାଉକି, ଜରାବଗା ଗ୍ରା.ପ. ଅନ୍ତର୍ଗତ ପ୍ରାୟ ୧୩ଟି ରାଜସ୍ୱ ଗ୍ରାମ ରହିଛି ଏବଂ ଏହାର ଜନସଂଖ୍ୟା ପ୍ରାୟ ୧୨,୦୦୦ (ବାର ହଜାର) । ଭୌଗଳିକ ଦୃଷ୍ଟିରୁ ମଧ୍ୟ ଏହା ବୃହତ୍ ଅଟେ ଓ ଏଥି ଯୋଗୁଁ ଗ୍ରାମସଭାରେ ମଧ୍ୟ ଉଚିତ୍ ଭାଗିଦାରୀ ରହିବା ସମ୍ଭବପର ହୋଇପାରେନାହିଁ । ଏହି ପ୍ରସ୍ତାବିତ ୭ଟି ଗ୍ରାମରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ପ୍ରାୟ ୨.୫ କି.ମି.ରୁ ୧୦କି.ମି. ରହିଛି । ଏହି ଗ୍ରାମମାନଙ୍କର ମୋଟ ଜନସଂଖ୍ୟା ପ୍ରାୟ ୩୦୦୦ରୁ ଉର୍ଦ୍ଧ୍ୱ ହେବ ଏବଂ ଏହି ଗ୍ରାମମାନଙ୍କରେ ପ୍ରାୟ ୯୩% ଅନୁସୂଚୀତ ଜନଜାତି ବର୍ଗର । ଏହି ଗ୍ରାମମାନଙ୍କରେ ବସବାସ କରୁଥିବା ଅଧିକାଂଶ ପରିବାର କୃଷି, ଦିନ ମଜୁରିଆ, ଜଙ୍ଗଲ ଦ୍ରବ୍ୟ ସଂଗ୍ରହ କରି ଜୀବନ ଯାପନ କରିଥାନ୍ତି । ଏସବୁ ସମସ୍ୟା ଯୋଗୁଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନେକ ଜନ କଲ୍ୟାଣକାରୀ ଯୋଜନା ଠିକ୍ ଭାବରେ ପହଞ୍ଚି ପାରେନାହିଁ ଓ ଏହି ଗ୍ରାମମାନଙ୍କରେ ବସବାସ କରୁଥିବା ଜନସାଧାରଣଙ୍କ ସାମାଜିକ, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ସ୍ଥିତିରେ ବିକାଶ ହୋଇପାରୁନାହିଁ । ଏଣୁ ନୂତନ ଗ୍ରା.ପ. ଗଠନ କରି ଅଞ୍ଚଳର ବିକାଶ ସମ୍ଭବ ହୋଇ ପାରିବ ବୋଲି ଜନ ସାଧାରଣଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଇଛି । ଉକ୍ତ ସଭାରେ ଲୋକମୁକ୍ତି ସଂଗଠନର ଉପଦେଷ୍ଟା ଅନନ୍ତ ଓ ସଂଯୋଜକ ଜିନିତ ସାମାଦ ମଧ୍ୟ ଯୋଗଦାନ କରି ନିଜ ବକ୍ତବ୍ୟରେ ଏହି ନୂତନ ଗ୍ରା.ପ. ଗଠନ ଦାବିକୁ ସମର୍ଥନ ଜଣାଇବା ସହ ପେସା ଆଇନ୍, ଜଙ୍ଗଲ ଅଧିକାର ଆଇନ୍, ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍ ବିଷୟ ସମ୍ବନ୍ଧରେ ଆଲୋଚ଼ନା କରିଥିଲେ । ଏହି ସଭାରେ ବେତଝରନ୍ ଗ୍ରାମର ୱାର୍ଡ ସଭ୍ୟ ରାଜିନ କୁଲୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବେତଝରନ ଗାଁ ଗୌନ୍ତିଆ ମନୋଜ କୁମାର ନାଏକ ସଭା ପରିଚ଼ାଳନା କରିଥିଲେ । ଏହି ସଭାରେ ଉମ୍ଲାନ ତପ୍ପ, ମଳୟ କୁମାର ନାଏକ, ଯଶୋବନ୍ତି ନାଏକ, ମାଗ୍ରେଟ ତପ୍ପ, ନୋର୍ବେଟ ଖେସ, ଏକାନ୍ତ ନାଏକ, ଫୁଲ କୁମାର କୁଲୁ, ମାତିଆସ ବାଗେ, ରାଜୁ ଭଞ୍ଜ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ । ଏହି ସଭାରେ ଉକ୍ତ ୭ଟି ଗ୍ରାମରୁ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ ।

## ବାଲି ଚୋରି ଯୋଗୁ ସାଇପନ ବିପଦରେ

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

କଣ୍ଟାପଡା ବ୍ଲକ୍‌ର ୬ଟି ପଞ୍ଚାୟତ-ବ୍ରାହ୍ମଣ ବାଟି, ପୋସ୍ତଳ, ଉରାଡ଼, ଉତାରଣ, ଡ଼ିମିରି, ବ୍ରାହ୍ମଣ ସାଇଲୋ ଓ ନିଆଳି ବ୍ଲକର ୬ଟି ପଞ୍ଚାୟତ - ଏରଞ୍ଚ, କସର୍ଦା, ରାଣୀଓଳା, ସହଡାଇଲୋ, ସିଠାଳ ଓ ଏକବରୁଆ ପଞ୍ଚାୟତ ଏହି ଦୁଇଟି ବ୍ଲକର ୧୨ଟି ପଞ୍ଚାୟତର ଶତାଧିକ ଚାଷୀଙ୍କ କ୍ଷେତକୁ କେନାଲରେ ପାଣି ଯୋଗାଇବା ନିମନ୍ତେ କଣ୍ଟାପଡା ବ୍ଲକ୍ ଅନ୍ତର୍ଗତ ବ୍ରାହ୍ମଣ ବାଟି ପଞ୍ଚାୟତ ଅଧିନସ୍ତ ବଡ଼ବିଲ କନ୍ଦଳ ନଦୀ ଉପରେ ଏକ ସାଇପନ ନିର୍ମାଣ ହୋଇଛି । ଏହି ସାଇପନଟି ନିର୍ମାଣ ହେବା ପ୍ରାୟ ୫୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଅତିକ୍ରାନ୍ତ କରିସାରିଲାଣି । ଅନେକ ଜାଗାରେ ଏହି ସାଇପନରୁ ପାଣି ଲିକେଜ୍ ହେଉଥିବା ବେଳେ ଏହାକୁ ମରାମତି କରି ଜଳ ସେଚନ ବିଭାଗ ଚଳାଉଛନ୍ତି । ଏଠାରୁ ହାଇବା ମାଧମରେ ବାଲି ଚୋରା ଚାଲାଣ ହେଉଥିବାରୁ ଏହି ପୁରୁଣା ସାଇପନ ପ୍ରତି ବିପଦ ସୃଷ୍ଟି ହୋଇଛି । ଯଦି ସାଇପନଟି ନଷ୍ଟ ହୋଇଯାଏ ଦୁଇଟି ବ୍ଲକ୍‌ର ଦେବୀକନ୍ଦଳ ଦୀପାଞ୍ଚଳରେ ମରୁଡ଼ି ଆଶଙ୍କା ଦେଖାଦେବ । ଯାହାକୁ ନେଇ ବ୍ରାହ୍ମଣ ବାଟି ସରପଞ୍ଚ ସଂଜୟ ରାଉତ ରାୟ ଓ ଅଞ୍ଚଳବାସୀ ଏକ ସ୍ଥାୟୀ ଧାତବ ବ୍ୟାରିକେଟ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲା ପାଳ, ବିଭାଗୀୟ ଯନ୍ତ୍ରୀ, ଜଳ ସେଚନ ସହକାରୀ ଅଧିକ୍ଷଣ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ତହସିଲଦାର, ଆରକ୍ଷୀ ନିର୍ଦ୍ଦେଶକ, ଏସଡିପିଓ ସଦର ଓ ଆଇଆଇସି ଗୋବିନ୍ଦପୁରଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି । ଯଦି ଆସନ୍ତା ୧୨ ତାରିଖ ବୁଧବାର ସୁଧା ବ୍ୟାରିକେଟ ନିର୍ମାଣ କରାନ ଯାଏ ଅନିର୍ଦ୍ଦିଷ୍ଟ କାଳ ପାଇଁ ବଡ଼ବିଲ ଜଳ ସେଚନ ବିଭାଗ କାର୍ଯ୍ୟାଳୟ ଆଗରେ ସରପଞ୍ଚ ଓ ଅଞ୍ଚଳବାସୀ ଧାରଣା ଦେବେ ବୋଲି ଜଣାଇଛନ୍ତି । ସୂଚନା ଥାଉ କି ଏହି ଜାଗାରୁ ବାଲି ଚୋରା ଚାଲାଣ ହେଉଥିବାରୁ ପୂର୍ବରୁ ଜଳ ସେଚନ ବିଭାଗ ଦୁଇ ଦୁଇ ଥର ଏତେଲା ଦେଇଛନ୍ତି ।

## ମାନବିକ ସ୍ପର୍ଶ ବଳରେ ମଣିଷର କଷ୍ଟ ଯନ୍ତ୍ରଣା ଲାଘବ କରିବାର ସୁଯୋଗ ନର୍ସମାନଙ୍କୁ ମିଳିଥାଏ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ନର୍ସିଂ ଏଭଳି ଏକ ମହାନ ବୃତି ଯେଉଁଥିରେ କି ବିଶ୍ୱରେ କଷ୍ଟ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କୁ ମାନବିକ ସ୍ପର୍ଶ ବଳରେ ସେମାନଙ୍କର ଯନ୍ତ୍ରଣା ଲାଘବ କରିବାର ସୁଯୋଗ ମିଳିଥାଏ ବୋଲି ଶୁକ୍ରବାର କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ।

କୋଭିଡ-୧୯ ସମୟରେ ନର୍ସମାନଙ୍କର ମହାନ ବୃତି । ସେମାନଙ୍କ ସେବା ସାରା ବିଶ୍ୱ ଅନୁଭବ କରିଛି ବୋଲି ସୋଆ ପରିଚାଳିତ ସମ ନର୍ସିଂ କଲେଜ -୧ର ନୂତନ ନର୍ସିଂ ଛାତ୍ରଛାତ୍ରୀଙ୍କର ଓରିଏଂଟେସନ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଫେସର ନନ୍ଦ ଏହା କହିଛନ୍ତି ।

ଜେନେରାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫ୍ରି (ଜିଏନ୍‌ଏମ୍), ବିଏସ୍‌ସି (ନର୍ସିଂ), ପୋଷ୍ଟ ବେସିକ୍ ବିଏସ୍‌ସି (ନର୍ସିଂ) ଓ ଏମ୍‌ଏସ୍‌ସି (ନର୍ସିଂ) ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ସୋଆ ପରିଚାଳିତ ଏହି ଅନୁଷ୍ଠାନରେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇ କୁଳପତି କହିଥିଲେ ଯେ ସେମାନେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସନ୍‌ାଲ ର୍‌ୟାଙ୍କିଙ୍ଗ ଫ୍ରେମ୍‌ୱାର୍କ (ଏନଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗ ଅନୁଯାୟୀ ଦେଶର ୧୫ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଯାହା ଅଧିନରେ କି ଅନେକ ବଡ଼ ବଡ଼ ହସ୍ପିଟାଲ୍ ପରିଚାଳିତ ହେଉଛି ସେଠାରେ ପାଠ ପଢ଼ିବାର ସୁଯୋଗ ପାଇଛନ୍ତି ।

ଆମ ଅନୁଷ୍ଠାନ ଏକ ଗବେଷଣାମନସ୍କ ବିଶ୍ୱବିଦ୍ୟାଳୟ ଏବଂ ତୁମ୍ଭେମାନେ ଗବେଷଣା ପାଇଁ ଅନେକ ସୁଯୋଗ ପାଇପାରିବ । ଆମେ ଛାତ୍ରଛାତ୍ରୀଙ୍କୁ ଗବେଷଣା କରିବା ସହ ଜ୍ଞାନ ଆହରଣ ପାଇଁ ଅନେକ ସୁଯୋଗ ଦେଇଥାଉ ବୋଲି ପ୍ରଫେସର ନନ୍ଦ କହିଛନ୍ତି ।

କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ-୧ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନର୍ସିଂ ବୃତି ଆଡ଼କୁ ଏବେ ଛାତ୍ରଛାତ୍ରୀମାନେ ଆକୃଷ୍ଟ ହେଉଥିବା ସେ କହିଛନ୍ତି ।

ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସିଂ ବୃତି ଖୁବ ଗୁରୁତ୍ୱପୂର୍ଣ୍ଣ । କାରଣ ସେମାନେ ରୋଗୀଙ୍କୁ ବୁଝାଇବା ଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ପ୍ରାୟ ଅଧିକାଂଶ କାର୍ଯ୍ୟ ତୁଲାଇଥାନ୍ତି ବୋଲି ପ୍ରଫେସର ସାମନ୍ତସିଂହାର କହିଥିଲେ ।

କାର୍ଯ୍ୟକ୍ରମରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ନର୍ସିଂ ସୁପରିଟେଣ୍ଡେଂଟ ଶ୍ରୀମତି ମିନତୀ ମିଶ୍ର ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଏହି ଅବସରରେ ସମ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତୀ ତ୍ରିପାଠୀ, ଏସ୍‌ଏନ୍‌ସି-୧ର ଡିନ୍ ପ୍ରଫେସର ସସ୍ମିତା ଦାସ, ଆଡିସ୍‌ନାଲ୍ ଡିନ୍ ପ୍ରଫେସର ତପତି ଶାହା କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ । ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଆମନ୍ତ୍ରିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିପାରି ନଥିବାରୁ ନିଜର ଶୁଭେଚ୍ଛା ବାର୍ତା ପ୍ରେରଣ କରିଥିଲେ । ଶେଷରେ ଆସୋସିଏଟ ପ୍ରଫେସର ମମତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଫେଁରାର ୨ ମଦ ବେପାରୀ ଗିରଫ

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୋର ବ୍ଲକ କେଶରୀପୁର ପଞ୍ଚାୟତ ଫଟାଆମ୍ବ ଗ୍ରାମରୁ ମଦ ଜବତ ଘଟଣାରେ ସୋର ପୋଲିସ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନା ଅନୁସାରେ ସୋର ପୋଲିସ ପକ୍ଷରୁ ଗତ ୧୦ ତାରିଖରେ ଫଟାଆମ୍ବ ଗ୍ରାମରେ ଚଢ଼ାଉ କରି ୧୪୦ ଲିଟର ଦେଶୀମଦ ଜବତ କରିଥିବା ବେଳେ ଅଭିଯୁକ୍ତ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ତେବେ ପୋଲିସ ମଦକୁ ଜବତ କରି ସୋର ଥାନାକୁ ଆଣିଥିଲେ । ଏ ବାବଦରେ ପୁଲିସ ୮୧୪/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ପୁଲିସ ଫଟାଆମ୍ବ ଗ୍ରାମର ଅମିଶା ସିଂ (୨୫) ଏବଂ ଦିଗୀ ଭଅଁରା ଗ୍ରାମର ଗୋପୀନାଥ ନାୟକ (୪୦) ଏହି ମଦ ଚାଲାଣ କରୁଥିବା ଜାଣି ପାରିଥିଲା । ଶୁକ୍ରବାର ରାତିରେ ପୋଲିସ ଉଭୟଙ୍କୁ ତାଙ୍କ ଘରୁ ଗିରଫ କରିଥିଲା । ଶନିବାର ଅପରାହ୍ନରେ ସୋର ମେଡ଼ିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ପୁଲିସ ଉଭୟଙ୍କୁ କୋର୍ଟ ଚାଲାଣ କରିଛି ।

### ବାଣିଜ୍ୟ

## ନାଲକୋର ଦ୍ୱିତୀୟ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲ୍ୟୁମିନିୟମ କମ୍ପାନୀ ଲିମିଟେଡ଼ (ନାଲକୋ) ପକ୍ଷରୁ ସେପ୍ଟେମ୍ବର ୨୦୨୫ରେ ସମାପ୍ତ ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଘୋଷିତ ହୋଇଛି । ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ୩୫ % ଅଭିବୃଦ୍ଧି ସହ ନିଟ ଲାଭ ୧,୪୩୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ସମାନ ଅବଧିରେ ୧୦୬୨ କୋଟି ଟଙ୍କା ଥିଲା । ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ ଆୟ ୪,୨୯୨ କୋଟି ଟଙ୍କା ହୋଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୭.୨ % ଅଭିବୃଦ୍ଧି ଅଟେ । ଚ଼ଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ, ନାଲକୋ ନିଟ୍ ଲାଭରେ ୫୦.୧୫ % ଅଭିବୃଦ୍ଧି ସହିତ ଏହାର ଦୃଢ଼ ପ୍ରଦର୍ଶନ ଜାରି ରଖିଛି, ଯାହା ପୂର୍ବ ବର୍ଷର ସମାନ ସମୟର ୧,୬୬୩ କୋଟି ଟଙ୍କା ତୁଳନାରେ ସର୍ବକାଳୀନ ୨,୪୯୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

ଉତ୍ପାଦନ କ୍ଷେତ୍ରରେ, ନାଲକୋ ୨୦୨୫ - ୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଆଲୁମିନା ହାଇଡ୍ରେଟ୍ ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ କରିଛି । କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୧୧,୫୩,୦୦୦ ମେଟ୍ରିକ ଟନ୍ ଆଲୁମିନା ହାଇଡ୍ରେଟ୍ ଏବଂ ୨,୩୪,୧୪୮ ମେଟ୍ରିକ ଟନ୍ ଆଲୁମିନା କାଷ୍ଟ ମେଟାଲ୍ ଉତ୍ପାଦନର ରେକର୍ଡ କରିଛି । ସେହିପରି, ବିକ୍ରୟ କ୍ଷେତ୍ରରେ, ନାଲକୋ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୬,୯୯,୯୧୩ ମେଟ୍ରିକ ଟନ୍ ଆଲୁମିନା ବିକ୍ରି କରିଛି, ଯାହା ୨୦୧୩-୧୪ ଆର୍ଥିକ ବର୍ଷରେ ହାସଲ କରିଥିବା ପୂର୍ବ ସର୍ବାଧିକ ୬,୫୬,୪୮୦ ମେଟ୍ରିକ ଟନକୁ ଅତିକ୍ରମ କରିଛି । କମ୍ପାନୀ ୨୦୨୫ -୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୨,୨୫,୬୭୫ ମେଟ୍ରିକ ଟନ୍ ଘରୋଇ ଧାତୁ ବିକ୍ରୟର ସର୍ବକାଳୀନ ରେକର୍ଡ ମଧ୍ୟ କରିଛି । ଏଥି ସହ କମ୍ପାନୀ ପ୍ରତି ଇକ୍ୱିଟି ସେୟାର ପିଛା ୪ ଟଙ୍କାର ମଧବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛି, ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୭୩୪.୬୫ କୋଟି ଟଙ୍କା ହେବ ।

ନାଲକୋର ଅଧ୍ୟକ୍ଷ-ତଥା-ପରିଚ଼ାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ଅର୍ଦ୍ଧବାର୍ଷିକ ଏବଂ ଦ୍ୱିତୀୟ ତ୍ରୟମାସିକ ଫଳାଫଳ ସମସ୍ତ କର୍ମଚ଼ାରୀଙ୍କ କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ତଥା ସମସ୍ତ ଅଂଶୀଦାରଙ୍କ ଦୃଢ ସମର୍ଥନର ପ୍ରମାଣ । ଆନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟରେ ଅସ୍ଥିରତା ସତ୍ତ୍ୱେ ଏହି ଉନ୍ନତ ପ୍ରଦର୍ଶନ କମ୍ପାନୀର କାର୍ଯ୍ୟଦକ୍ଷତା, ମୂଲ୍ୟ ଅପ୍ଟିମାଇଜେସନ୍ ସମ୍ବନ୍ଧୀୟ ପଦକ୍ଷେପ ଏବଂ ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରି ପରିମାଣ ଦ୍ୱାରା ହାସଲ ହୋଇପାରିଛି । ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଉତ୍କୃଷ୍ଟ ପରିଚ଼ାଳନା ବ୍ୟବସ୍ଥା, ମୂଲ୍ୟ-ସଞ୍ଚୟ ପଦକ୍ଷେପ ଏବଂ ଦୀର୍ଘସ୍ଥାୟୀ ଉତ୍ପାଦକତା ମାଧ୍ୟମରେ କମ୍ପାନୀ ଉନ୍ନତ ପ୍ରଦର୍ଶନ ଜାରି ରଖିଛି । ଆଗାମୀ ସମୟରେ ଆମେ ମୂଲ୍ୟ ସଂଯୋଗୀକରଣ, ଉତ୍ପାଦନ କ୍ଷମତା ବିସ୍ତାର ଏବଂ ସ୍ଥାୟୀ ପ୍ରଦର୍ଶନ ମାଧ୍ୟମରେଅଂଶୀଦାରଙ୍କ ପାଇଁ ମୂଲ୍ୟ ସୃଷ୍ଟି ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି । 'ଏହି ସଫଳତା ନାଲକୋ ପାଇଁ ଗର୍ବର ମୁହୂର୍ତ୍ତ ଏବଂ ଆମର ମୂଲ୍ୟବାନ ଅଂଶୀଦାର, ଖଣି ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନ ପାଇଁ ଆମେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଛୁ' ବୋଲି ସେ କହିଛନ୍ତି ।

## ବିଦ୍ୟାଳୟରେ ବିଜ୍ଞାନ ମେଳା

**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ସହରର ୧୧ନଂ ୱାର୍ଡ ସ୍ଥିତ ଓମ ସାଇ ଇଣ୍ଟର ନ୍ୟାସନାଲ ସ୍କୁଲ ପରିସରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରତିଷ୍ଠାତା ଶିକ୍ଷାବିତ ପଞ୍ଚାନନ ମିଶ୍ର ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଅତିଥି ଭାବେ ଖଣ୍ଡପଡ଼ା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରଶ୍ମିରେଖା ପାତ୍ର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଦ୍ୟାଧର ମହାରଣା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୧୩୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିଲା । ଡଃ ପ୍ରଦୀପ କୁମାର ପାଇକରାୟ, ଶ୍ରୀନିବାସ ମହାନ୍ତି, ଆଶିଷ କୁମାର ବିଶୋଇ, ନାରାୟଣ ଭୋଳ, ସ୍ନେହମୟୀ ସାହୁ ପ୍ରମୁଖ ବିଚାରକମଣ୍ଡଳୀଙ୍କ ଦ୍ୱାରା ଶ୍ରେଷ୍ଠ ବିବେଚିତ ପ୍ରକଳ୍ପ ଗୁଡ଼ିକୁ ଚିହ୍ନଟ କରାଯାଇଥିବା ବେଳେ ଆସନ୍ତା ୧୪ ତାରିଖରେ ଶିଶୁଦିବସ ପାଳନ ଅବସରରେ ଶ୍ରେଷ୍ଠ ପ୍ରକଳ୍ପ ପ୍ରଦର୍ଶନ କରିଥିବା ବରିଷ୍ଠ ବିଭାଗର ଛାତ୍ର ସ୍ୱସ୍ତିକ ମିଶ୍ର କନିଷ୍ଠ ବିଭାଗରେ ରୋହନ କୁମାର ମଲ୍ଲ, ସବ ଜୁନିଅର ବିଭାଗରେ ଅର୍ପିତା ପଣ୍ଡା, ନର୍ସରୀ ବିଭାଗରେ ଆରକ୍ଷୀ ପ୍ରିୟଦର୍ଶନୀ, ନିହାରିକା କର, ଶିବନ୍ୟା ଅଗ୍ରୱାଲ ପ୍ରମୁଖଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି ।

## ଉତ୍କଳ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ



**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**

ଉତ୍କଳ ସାମ୍ବାଦିକ ସଂଘର ଦାନଗଦି ବ୍ଲକ୍ ଶାଖା ପକ୍ଷରୁ ଆସନ୍ତା ମାସରେ ବାର୍ଷିକୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଏହି ଅବସରରେ ଏକ ପ୍ରସ୍ତୁତି ବୈଠକ ଯାଜପୁରରୋଡ଼୍ ସ୍ଥିତ ହୋଟେଲ ନଟରାଜ ଠାରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଜିଲ୍ଲା ସାଧାରଣ ସଂପାଦକ ପବିତ୍ର ମହାନ୍ତି, ଜାତୀୟ ପରିଷଦ ସଭ୍ୟ ପ୍ରଦୀପ୍ ଚାନ୍ଦ୍, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗ ବଲ୍ଲବ ସାହୁ ଏବଂ ବରିଷ୍ଠ ସଭ୍ୟ ଶୁଭାଷିସ ରାଉତ ପ୍ରମୁଖ ଉପସ୍ଥିତ ରହି ହେବାକୁଥିବା କାର୍ଯ୍ୟକ୍ରମର ସଫଳ ରୂପାୟନ ବାବଦରେ ଆଲୋଚ଼ନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଂଘ ଅନ୍ତର୍ଭୁକ୍ତ ସମସ୍ତ ବ୍ଲକ୍ ଶାଖାର କର୍ମକର୍ତ୍ତା ଏବଂ ସଭ୍ୟମାନେ କିପରି ଅଧିକରୁ ଅଧିକ ଯୋଗଦାନ କରିବେ ସେଥିପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ନିଷ୍ପତ୍ତି ହୋଇଥିଲା

## ଯୋଗ ଶିକ୍ଷା ଶିବିର ଓ ସଫେଇ କାର୍ଯ୍ୟ

**ବେତନଟୀ: ଏକ୍ସପ୍ରେସ ନ୍ୟୁଜ୍**




ଶନିବାର ସକାଳ ୬ଘ ୩୦ରେ ବେତନଟୀ ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଯୋଗଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ବେତନଟୀର ରୋଟାରୀ କ୍ଲବ୍ ଆନୁକୁଲ୍ୟରେ ସଭାପତି ରୋଟାରିଆନ ଗିରିଧାରୀ ସାହୁ ଓ ସଂପାଦକ ରୋଟାରିଆନ ରବୀନ୍ଦ୍ର ନାଥ ମିଶ୍ର ତଥା ପୂର୍ବତନ ସଭାପତି ରଟାରିଆନ ଭଗିରଥ ପଣ୍ଡିତ ଏବଂ ଶ୍ୟାମ ପ୍ରସାଦ ମଦୁଆଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୋଗଶିକ୍ଷା ଶିବିର ପରିଚ଼ାଳିତ ହୋଇଥିଲା । ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ ସିଂହଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଓତା, ସିଭିଲ ସୋସାଇଟି ସଂପାଦକ ସଚ୍ଚିଦାନନ୍ଦ ମହାନ୍ତି ଯୋଗଦେଇ, ଯୋଗ କରିବାସହ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଯୋଗ ଶିକ୍ଷକ ଭାବେ ଯୁବ ସଂଗଠକ ପ୍ରତୀକ କୁମାର ପରିଡା ବିଭିନ୍ନ ଯୋଗ ପ୍ରଣାଳୀ ଓ ଏହାର ଉପକାରୀତାର ସମ୍ବନ୍ଧରେ ବହୁମୂଲ୍ୟ ପରାମର୍ଶ ସହ ଯୋଗ ଶିକ୍ଷାଦାନ କରିଥିଲେ । ଏହାପରେ ବେତନଟୀ ରୋଟାରୀ କ୍ଲବ୍‌ର ଉପରୋକ୍ତ କର୍ମକର୍ତ୍ତାଗଣଙ୍କ ସହ ବରିଷ୍ଠ ସାମ୍ବାଦିକ ଓ ସିଭିଲ ସୋସାଇଟିର ସଂପାଦକ, ପୂର୍ବତନ କୋଚ଼ିଳାଖୁଣ୍ଟା ସରପଞ୍ଚ ନରେନ୍ଦ୍ର ସିଂ ଓ ସରପଞ୍ଚଙ୍କ ସହ ସ୍ଥାନୀୟ ଜୁଣପଦା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ସଫେଇ କରିଥିଲେ । ପ୍ରମୁଖ ଦାୟିତ୍ୱ ନେଇ ସଂପାଦକ ରବୀନ୍ଦ୍ରନାଥ ମିଶ୍ର ଗୋଟିଏ ଦିନରେ ଦୁଇଟି ମହତ୍ୱ କାର୍ଯ କରାଇଥିବାରୁ ରୋଟାରୀ କ୍ଲବର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ବୁଦ୍ଧିଜୀବୀଗଣ ପ୍ରଶଂସା କରିଛନ୍ତି ।

### ସିନେମାଫିନେମା ଟିଭିଫିବି



## ଗୋଆରେ ଆଇଏଫଏଫଆଇରେ ଓଡିଆ ଫିଲ୍ମ 'ପାପା ବୁକା'

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶା ଓ ଓଡିଆ ଫିଲ୍ମ ପାଇଁ ଏକ ଅତ୍ୟନ୍ତ ଗର୍ବର ମୁହୂର୍ତ୍ତ । ଲୋକପ୍ରିୟ ଓଡ଼ିଆ ପ୍ରଯୋଜକ ଅକ୍ଷୟ କୁମାର ପରିଜା ପୁଣି ଥରେ ରାଜ୍ୟ ପାଇଁ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଆଣୁଛନ୍ତି । ଅକ୍ଷୟ ପରିଜାଙ୍କ ଐତିହାସିକ ଫିଲ୍ମ 'ପାପା ବୁକା' ଗୋଆରେ ଅନୁଷ୍ଠିତ ୫୬ତମ ଅନ୍ତର୍ଜାତୀୟ ଫିଲ୍ମ ମହୋତ୍ସବ (ଆଇଏଫଏଫଆଇ)ରେ ପ୍ରତିଷ୍ଠିତ ରେଡ କାର୍ପେଟ ଗାଲା ପ୍ରିମିୟର ପାଇଁ ମନୋନୀତ ହୋଇଛି । ଏହି ପ୍ରିମିୟର ଆସନ୍ତା ୨୨ ନଭେମ୍ବର, ୨୦୨୫ରେ ଅନୁଷ୍ଠିତ ହେବ । ଯାହା ଅକ୍ଷୟ ପରିଜା ଓ ଭାରତୀୟ ସିନେମାର ବିଶ୍ୱସ୍ତରୀୟ ସହଯୋଗର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହୋଇଛି ।

୨୦ରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଗୋଆରେ ଏହି ଉତ୍ସବ ଆୟୋଜିତ ହେବ । ଭାରତୀୟ ପାନୋରମା ଭାବରେ ଏପର୍ଯ୍ୟନ୍ତ ୨୭୦ ଫିଲ୍ମ ମଧ୍ୟରୁ ୧୭ଟି ଚ଼ୟନ ହୋଇଛି । ଯେଉଁଥିରେ ୩ଟି ଓଡ଼ିଆ ଫିଲ୍ମ ଥିବା ହେତୁ ଓଡିଶା ପାଇଁ ଏକ ଗୌରବର ବିଷୟ ହୋଇଛି । ପୂର୍ବରୁ ପପୁଆ ନ୍ୟୁ ଗୁନିଆର (ପିଏନଜି) ୫୦ତମ ସ୍ୱାଧୀନତା ଉତ୍ସବ ସମୟରେ ପୋର୍ଟ ମୋରେସବିରେ ଏହି ଫିଲ୍ମର ଜାତୀୟ ପ୍ରିମିୟର ହୋଇଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ଜେମ୍ସ ମାରାପେ ଯୋଗ ଦେଇଥିଲେ । ବର୍ତ୍ତମାନ, ମିନସ୍କରେ ଏହାର ଅନ୍ତର୍ଜାତୀୟ ପ୍ରିମିୟର ସହିତ ଏହି ଫିଲ୍ମର ଅବିସ୍ମରଣୀୟ ଯାତ୍ରାରେ ଯୋଡି ହୋଇଥିଲା ଏକ ନୂତନ ଇତିହାସ ।

ପିଏନଜିରେ ସମ୍ପୂର୍ଣ୍ଣ ଭାବରେ ସୁଟିଂ ହୋଇଥିବା ଏହି ଫିଲ୍ମଟି ଆମେ ଭୁଲିଯାଇଥିବା ଦ୍ୱିତୀୟ ବିଶ୍ୱଯୁଦ୍ଧର ଇତିହାସକୁ ଜୀବନ୍ତ କରିଛି ଯାହା ଭାରତ ଏବଂ ପିଏନଜିକୁ ଏକ ସ୍ମୃତି ଏବଂ ସ୍ଥିରତା ମାଧ୍ୟମରେ ବାନ୍ଧି ରଖିଛି । ତିନିଥର ଜାତୀୟ ପୁରସ୍କାର ବିଜେତା ଡକ୍ଟର ବିଜୁ କୁମାର ଦାମୋଦରନଙ୍କ ନିର୍ଦ୍ଦେଶିତ, 'ପାପା ବୁକା' ଏକ ହୃଦୟସ୍ପର୍ଶୀ ଯୁଦ୍ଧ ବିରୋଧୀ କାହାଣୀ ଯାହା ପିଏନଜି ଓ ଭାରତର ଇତିହାସକୁ ଜୀବନ୍ତ କରିବା ସହ ଶହୀଦ ବୀର ସୈନିକଙ୍କ ସାହସ, କ୍ଷତି ଏବଂ ଆରୋଗ୍ୟ ପାଇଁ ଏକ ଶ୍ରଦ୍ଧାଞ୍ଜଳି ହୋଇଛି ।

୮୫ ବର୍ଷୀୟ ଆଦିବାସୀ ନେତା ସାଇନ ବୋବୋରୋଙ୍କ ଦମଦାର ଅଭିନୟ ସହିତ, ରୀତାଭରୀ ଚ଼କ୍ରବର୍ତ୍ତୀ, ପ୍ରକାଶ ବେରେ ଏବଂ ଜନ୍ ସାଇକେଙ୍କ ଅଭିନୟ 'ପାପା ବୁକା'କୁ ଦେଇଛି ଏକ ଆନ୍ତର୍ଜାତୀୟ ପରିଚ଼ୟ । ତିନିଥର ଗ୍ରାମୀ ପୁରସ୍କାର ବିଜେତା ଏବଂ ଜାତିସଂଘର ସଦ୍‌ଭାବନା ଦୂତ ରିକି କେଜଙ୍କ ଆକର୍ଷଣୀୟ ସ୍କୋର ସହିତ, ଏହି ଫିଲ୍ମଟି ନୂତନ ପିଢ଼ିକୁ ଦେଇଛି ଏକ ସଂସ୍କୃତି, ଶାନ୍ତି ଏବଂ ଆଶାର ବାର୍ତ୍ତା । ନୋଏଲେନ ତୌଲା ଉନୁମ, ଅକ୍ଷୟ କୁମାର ପରିଜା, ପା ରଞ୍ଜିଥ ଏବଂ ପ୍ରକାଶ ବେରେ ଗଢିଛନ୍ତି ଭାରତ ଏବଂ ପିଏନଜି ମଧ୍ୟରେ ବନ୍ଧୁତାର ଏକ ସମୃଦ୍ଧ ଇତିହାସ । ସେମାନେ କହିଛନ୍ତି ଯେ 'ପାପା ବୁକା' ହେଉଛି ଆମର କାହାଣୀ, ଆମର ଇତିହାସ, ବିଶ୍ୱ ମଞ୍ଚରେ ଆମର ସ୍ୱର ଯାହା ପାଳନ କରୁଛି ଆମର ସଂସ୍କୃତି, ସହଯୋଗ ଏବଂ ମାନବତାର ଏକ ଉତ୍ସବ ।

ଆଞ୍ଚଳିକ ଓଟିଟି ପ୍ଲାଟଫର୍ମ 'କଞ୍ଚା ଲଙ୍କା'ର ଅଧକ୍ଷ ଅକ୍ଷୟ କୁମାର ପରିଜା ଏହି ସମ୍ମାନନୀୟ ରେଡ୍ କାର୍ପେଟରେ ଚ଼ାଲିବାକୁ ପ୍ରସ୍ତୁତ ହେଉଥିବାରୁ, ବିଶ୍ୱ ମନୋରଂଜନ ମଞ୍ଚରେ ଓଡ଼ିଆଙ୍କ ପାଇଁ ଗର୍ବ ଆଣିଛି । ସମସ୍ତଙ୍କ ନଜର ଏବେ ଏହି ଐତିହାସିକ ଚ଼ଳଚ୍ଚିତ୍ର ଉପରେ ରହିଛି କାରଣ ଆନୁଷ୍ଠାନିକ ଭାବରେ ଏହି ଫିଲ୍ମ ନିଜର ଯାତ୍ରା ଆରମ୍ଭ କରୁଛି ।



ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ
ଭାରତ ସରକାର



# ଉତ୍ତରାଖଣ୍ଡର ପ୍ରଗତିପଥରେ ଏକ ନୂତନ ଦିଗନ୍ତ ଆଡ଼କୁ ଉଡ଼ାଣ...

## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ

ପ୍ରଧାନମନ୍ତ୍ରୀ

## ପିଥୋରାଗଡ଼ ନୈନି ସାଇନି ବିମାନବନ୍ଦର ଦଖଲ ପାଇଁ ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଏବଂ ଉତ୍ତରାଖଣ୍ଡ ସରକାର ମଧ୍ୟରେ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହେବା ନିମନ୍ତେ ।

### ଲାଭ

- ପିଥୋରାଗଡ ନୈନି ସାଇନି ବିମାନବନ୍ଦରକୁ ହାତକୁ ନେବା ଦ୍ୱାରା ବିଦ୍ୟମାନ ବିମାନବନ୍ଦର ଭିତ୍ତିଭୂମି ସୁଦୃଢ ହେବା ଏବଂ କାର୍ଯ୍ୟକ୍ଷମ ମାନଦଣ୍ଡ ସୁଗମ ହେବ ।
- ଉତ୍ତରାଖଣ୍ଡ ସ୍ଥାନୀୟ କଳା ଏବଂ ସମୃଦ୍ଧି ସଂସ୍କୃତି ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ବାଣିଜ୍ୟ, ଯାତ୍ରା ଏବଂ ତିର୍ଥଯାତ୍ରା ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହନ ଦିଆଯିବ ।
- ଶିକ୍ଷା ସ୍ୱାସ୍ଥ୍ୟସେବା ଏବଂ ଆତିଥ୍ୟ ଭଳି ପ୍ରମୁଖ କ୍ଷେତ୍ରକୁ ସୁଦୃଢ କରିବା ଯାହା ଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଉତ୍ତରାଖଣ୍ଡର ସାମଗ୍ରିକ ବିକାଶ ପାଇଁ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରାଯିବ ।

### ପିଥୋରାଗଡ଼ ଏୟାରପୋର୍ଟର ପ୍ରମୁଖ ବୈଶିଷ୍ଟ୍ୟ

- ନୈନି ସାଇନି ବିମାନବନ୍ଦର ମୋଟ ଜମି କ୍ଷେତ୍ର ୭୦ ଏକର (ପ୍ରାୟ) ଏବଂ ଭିଡ ସମୟରେ ୪୦ ଜଣ ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ସକ୍ଷମ ଏକ ନିର୍ମିତ କ୍ଷେତ୍ର ସହିତ ଟର୍ମିନାଲ କୋଠା ।
- ଆଞ୍ଚଳିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ ଏକ ସମୟରେ ୨ ନମ୍ବର ବିମାନ (କୋଡ-୨ବି) ରଖିବା ପାଇଁ ଆପ୍ରନ୍ ସଜ୍ଜିତ ।
- ଏହି ବିକାଶ ସୁଲଭ ଏବଂ ସ୍ଥାୟୀ ବିମାନ ଭିତ୍ତିଭୂମି ସୃଷ୍ଟି କରିବା ଏବଂ ଏହି ରଣନୀତିକ ହିମାଳୟ ଜୋନରେ ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତାକୁ ଅଧିକ ଲାଭ ଦେବା ପାଇଁ ରାଷ୍ଟ୍ରର ଦୃଷ୍ଟିକୋଣକୁ ସମର୍ଥନ କରିବ ବୋଲି ଆଶା କରାଯାଉଛି ।

### ଗରିମାମୟୀ ଉପସ୍ଥିତି

**ଏଲଟି. ଜେନ ଗୁରମିତ ସିଂହ**
ପିଭିଏସଏମ, ୟୁଓ୍ୱାଇଏସଏମ, ଏଭିଏସମ (ଅବସରପ୍ରାପ୍ତ)
ରାଜ୍ୟପାଳ, ଉତ୍ତରାଖଣ୍ଡ

**ଶ୍ରୀଯୁକ୍ତ ପୁଷ୍କର ସିଂହ ଧାମୀ**
ମୁଖ୍ୟମନ୍ତ୍ରୀ, ଉତ୍ତରାଖଣ୍ଡ

**ଶ୍ରୀଯୁକ୍ତ କିଞ୍ଜରାପୁ ରାମମୋହନ ନାଇଡୁ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ

**ଶ୍ରୀଯୁକ୍ତ ମୁରଲିଧର ମୋହୋଲ**
କେନ୍ଦ୍ର ବେସାମରିକ ବିମାନ ଚଳାଚଳ ଏବଂ ସହଯୋଗ ରାଷ୍ଟ୍ରମନ୍ତ୍ରୀ

**ଶ୍ରୀଯୁକ୍ତ ଅଜୟ ଭଟ୍ଟ**
ସାଂସଦ (ଲୋକସଭା)

**ଶ୍ରୀମତୀ କଳ୍ପନା ସାଇନି**
ସାଂସଦ (ରାଜ୍ୟସଭା)

**ଶ୍ରୀଯୁକ୍ତ ମହେନ୍ଦ୍ର ଭଟ୍ଟ**
ସାଂସଦ (ରାଜ୍ୟସଭା)

**ଶ୍ରୀଯୁକ୍ତ ନରେଶ ବନଶଲ**
ସାଂସଦ (ରାଜ୍ୟସଭା)

**ଶ୍ରୀଯୁକ୍ତ ଶିବ ଅରୋରା**
ବିଧାନସଭା ସଦସ୍ୟ

ରବିବାର, ୯ ନଭେମ୍ବର, ୨୦୨୫ ୧୨୩୦ ଘଟିକା ଡେରାଡୁନ, ଉତ୍ତରାଖଣ୍ଡ

CBC 03111/15/0012/2526



ଡିଡି ନ୍ୟୁଜରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଦେଖନ୍ତୁ

ପ୍ରଶାସନ ଯଦି ଏଇଭଳି ବ୍ୟବସାୟ ପ୍ରତି ଶୂନ୍ୟ ସହନଶୀଳ ନହେବ ତା'ହେଲେ ଲୋକେ କେବେବି ଏକ ଉପଭୋଗ୍ୟ ପରିବେଶ ପାଇବେନି ସୁସ୍ଥ ଭାବରେ ବଞ୍ଚିବାକୁ । ଗାଡ଼ି ବିକ୍ରିରେ ଆମେ ରେକର୍ଡ କରିଛୁ– ଏହାକୁ ନେଇ ଗର୍ବ କଲେ ତ ପ୍ରଦୂଷଣ ନିଶ୍ଚିତ ଭାବରେ ବଢ଼ିବ । ମଦ ବିକ୍ରି ବଢ଼ିଲେ ତ ଅପରାଧ, ରାସ୍ତା ଦୁର୍ଘଟଣା ଏବଂ ପାରିବାରିକ ଅଶାନ୍ତି ନିଶ୍ଚେ ବଢ଼ିବ– ଏଥିରେ ସନ୍ଦେହ ଅଛି କି? ତେଣୁ ଦି'ପଟେ ଦାଢ଼ ଥିବା ଛୁରୀ ହେଉ କି ଖଣ୍ଡା ତାହା ସବୁବେଳେ ବିପଦ ସୃଷ୍ଟି କରିଥାଏ । ଯଦି ଆମେ ପରିବେଶ ପାଇଁ ସତରେ ଚିନ୍ତା କରୁଛେ, ତା'ହେଲେ ଆମକୁ କଠୋର ହେବାକୁ ପଡ଼ିବ ଏବଂ ଲୋକଙ୍କୁ ମଧ୍ୟ କିଛି ତ୍ୟାଗ କରିବାକୁ ପଡ଼ିବ ।



# ଓଡ଼ିଶା ଏକ୍ସପ୍ରେସ୍

## ୪୨ଦିନରେ ୫୨ ଲକ୍ଷ ଗାଡ଼ି ବିକ୍ରି

ଦିଲ୍ଲୀରେ ବାୟୁ ପ୍ରଦୂଷଣ ପାଇଁ ଶ୍ୱାସରୋଗୀଙ୍କ ସଂଖ୍ୟା ବଢ଼ୁଛି ଏବଂ ଛୋଟଛୋଟ ପିଲାଏ ଏଥିରେ ଅଧିକ ପ୍ରଭାବିତ ହେଉଥିବାର ଖବର ନିକଟରେ ପ୍ରକାଶ ପାଇଥିଲା । କେତେକ ସ୍ୱାସ୍ଥ୍ୟ ବିଶାରଦ ଦିଲ୍ଲୀ ଛାଡ଼ି କିଛି ସପ୍ତାହ ପାଇଁ ବାହାରକୁ ଚାଲିଯିବାର ପରାମର୍ଶ ମଧ୍ୟ ଦେଇଥିଲେ ସେଠିକା ଲୋକଙ୍କୁ । ବାୟୁ ପ୍ରଦୂଷଣର ମୁଖ୍ୟ କେତୋଟି କାରଣ ଭିତରେ ରହିଛି– ଗାଡ଼ି ମଟର ସଂଖ୍ୟା ବୃଦ୍ଧି । ଏଥିରୁ ନିର୍ଗତ ବାଷ୍ପ ଏବଂ ଏଥିରେ ଲାଗିଥିବା ଏସିଗୁଡ଼ିକ ମଧ୍ୟ ଗାଡ଼ି ଭିତରକୁ ଥଣ୍ଡା ରଖିବା ସହିତ ବାହାରକୁ ଗରମ ହାଓ୍ୱା ଛାଡ଼ିଥାଏ । ବାୟୁମଣ୍ଡଳ ଅଧିକ ଶୁଷ୍କ ରହିଲେ ଧୂଳିକଣାଗୁଡ଼ିକ ବାୟୁମଣ୍ଡଳରେ ଘୂରିବୁଲେ । ଏଥିସହିତ ରହିଛି କଳକାରଖାନାର ଧୂଆଁ । ଆମ ଦେଶର କଳକାରଖାନାଗୁଡ଼ିକ ପ୍ରଦୂଷଣ ଗାଇଡ୍ ଲାଇନ୍‌ର ଖୋଲା ଉଲ୍ଲଂଘନ କରନ୍ତି । ଲୋକେ ହୋ–ହାଲ୍ଲା କଲେ କିଛିଦିନ ଧରପଗଡ଼ ହୁଏ ତା' ପରେ ପୁଣି ସବୁ ପୂର୍ବ ଅବସ୍ଥାକୁ ଫେରିଆସେ ।

ଚଳିତବର୍ଷ ପାର୍ବଣ ସମୟରେ ଦେଶରେ ଗାଡ଼ି ବିକ୍ରି ରେକର୍ଡ ସ୍ତରରେ ପହଞ୍ଚିଛି । ୪୨ଦିନ ଭିତରେ ଦେଶରେ ୫୨ ଲକ୍ଷ ୩୮ହଜାର ୪୦୧ଟି ଗାଡ଼ି ବିକ୍ରି ହୋଇଛି ବୋଲି ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ (ଏଫ୍‌ଡିଏ) ରିପୋର୍ଟରୁ ଜଣାଯାଇଛି । ପାର୍ବଣ ସମୟରେ ଜିଏସ୍‌ଟି ହ୍ରାସର ପ୍ରଭାବ ସମେତ ଲୋକଙ୍କ ମଧ୍ୟରେ ଗାଡ଼ି କିଣିବାର ଉତ୍ସାହ ବୃଦ୍ଧି ପାଇଛି । ଗତବର୍ଷ ତୁଳନାରେ ୨୧ ପ୍ରତିଶତ ଅଧିକ ଗାଡ଼ି ବିକ୍ରି ହୋଇଛି ମାତ୍ର ୪୨ଦିନ ଭିତରେ ।

ଗାଡ଼ି ବିକ୍ରି ୨୧ପ୍ରତିଶତ ବଢ଼ିଛି ମାନେ ସେତିକି ସଂଖ୍ୟକ ଗାଡ଼ି ରାସ୍ତାକୁ ଆସିଛି । ତେଣୁ ଏସବୁ ଗାଡ଼ି ପୂର୍ବରୁ ଥିବା ଗାଡ଼ିମାନଙ୍କ ସହିତ ମିଶିଲେ ତା'ର ସଂଖ୍ୟା କେତେ ହେବ ଆପଣ ଚିନ୍ତା କରନ୍ତୁ ! ଏତେ ସଂଖ୍ୟାକ ଗାଡ଼ି ରାସ୍ତାରେ ଗଡ଼ିଲେ ଟ୍ରାଫିକ୍ ଜାମ୍ ସହିତ ପରିବେଶ ପ୍ରଦୂଷଣ ଯେ ବଢ଼ିବ ଏଥିରେ ସନ୍ଦେହ ଅଛି କି?

ଅନେକ ବିଜ୍ଞ ଲୋକ ମତ ଦିଅନ୍ତି ଗାଡ଼ି ବିକ୍ରି ଉପରେ କ'ଣ ଅଙ୍କୁଶ ଲଗାଇ ହେବ? ଏସବୁ ତ ଏକ ବ୍ୟବସାୟ?

ଶୋଭାଯାତ୍ରାମାନଙ୍କରେ ଡିଜେର ପ୍ରଭାବରେ ବରିଷ୍ଠ ନାଗରିକମାନେ ନାହିଁ ନଥିବା କଷ୍ଟ ପାଉଛନ୍ତି । ଡିଜେର ତୀବ୍ର ଶବ୍ଦରେ ହୃଦ୍‌ଘାତରେ ଜୀବନ ଚାଲିଯିବାର ଖବର ମଧ୍ୟ ପ୍ରକାଶ ପାଉଛି, ତଥାପି ଏହାକୁ ବନ୍ଦ କରାଯାଇପାରୁଛି କି? ଓଲଟା କୈଫିୟତ ଶୁଣିବାକୁ ମିଳୁଛି ଯେ– ସେମାନେ ପୁଣି ବଞ୍ଚିବେ କେମିତି? ଏଇଟା ତ ସେମାନଙ୍କ ଦାନାପାଣି, ବୃତ୍ତି?

ସୁସ୍ଥ ସମାଜ ଗଠନ ପାଇଁ ଯେଉଁସବୁ ବ୍ୟବସାୟ କ୍ଷତିକାରକ ସେସବୁ ବ୍ୟବସାୟକୁ ବନ୍ଦ କରାଯିବା ଉପରେ ସାଲିସ କରାଯିବା ବୋଧେ ଉଚିତ୍ ନୁହେଁ । ସେମାନେ ବୃତ୍ତି ହରାଇବେ, ଏଥିପାଇଁ ଦୁଃଖ ପ୍ରକାଶ କଲେ ଏହା ଏକ ବିରାଟ ସଂଖ୍ୟକ ଲୋକଙ୍କ ପାଇଁ କ୍ଷତିକାରକ ଯେ ହେବ ଏଥିରେ ସନ୍ଦେହ ନାହିଁ । ଏସବୁକୁ ସରକାର ଦୃଢ଼ହସ୍ତରେ ଦମନ କରିବା ଉଚିତ୍ । ଯେଉଁମାନେ ଏ ବ୍ୟବସାୟରେ ସେମାନଙ୍କ ବୃତ୍ତି ହରାଇବେ ସେମାନଙ୍କ ପାଇଁ ଆଉ କ'ଣ କରାଯାଇପାରିବ କିମ୍ବା ସେମାନଙ୍କୁ କିଭଳି ରୋଜଗାର ଦେଇହେବ ସେ ଚିନ୍ତା ସରକାର କରନ୍ତୁ । ସେମାନେ ବୃତ୍ତି ହରାଇବେ– ଏଥିପାଇଁ ଦରଦୀ ହେଲେ ତ ଶବ୍ଦ ପ୍ରଦୂଷଣ ସେମିତି ବଢ଼ିଚାଲିଥିବ ଏବଂ ବରିଷ୍ଠ ନାଗରିକମାନେ ଏମିତି କଷ୍ଟ ପାଉଥିବେ ।

ନକଲି ମଦ, ଭେଜାଲ ଖାଦ୍ୟ ଏବଂ ଠକ ଚିଟ୍‌ଫଣ୍ଡ ସଂସ୍ଥା ମଧ୍ୟ ଅନେକଙ୍କ ପାଇଁ ଏକ ବୃତ୍ତି ଏବଂ ରୋଜଗାରର ପନ୍ଥା । ତାମାନେ କ'ଣ ଏସବୁକୁ ରୋକାନଯାଇ ଛାଡ଼ି ଦିଆଯାଇପାରିବ କି? ଏଭଳି ଯୁକ୍ତିରେ ଏସବୁ ବ୍ୟବସାୟକୁ ସୁରକ୍ଷା ଦେଇହେବ କି? ଚୋରା ବନ୍ଧୁକ ଯିଏ ତିଆରି କରୁଛି ସେଇଟା ବି ତା'ର ଏକ ବୃତ୍ତି ଏବଂ ବ୍ୟବସାୟ । ତାକୁ କ'ଣ ଛାଡ଼ି ଦିଆଯାଇପାରିବ?

ପ୍ରଶାସନ ଯଦି ଏଇଭଳି ବ୍ୟବସାୟ ପ୍ରତି ଶୂନ୍ୟ ସହନଶୀଳ ନହେବ ତା'ହେଲେ ଲୋକେ କେବେବି ଏକ ଉପଭୋଗ୍ୟ ପରିବେଶ ପାଇବେନି ସୁସ୍ଥ ଭାବରେ ବଞ୍ଚିବାକୁ ।

ଗାଡ଼ି ବିକ୍ରିରେ ଆମେ ରେକର୍ଡ କରିଛୁ– ଏହାକୁ ନେଇ ଗର୍ବ କଲେ ତ ପ୍ରଦୂଷଣ ନିଶ୍ଚିତ ଭାବରେ ବଢ଼ିବ । ମଦ ବିକ୍ରି ବଢ଼ିଲେ ତ ଅପରାଧ, ରାସ୍ତା ଦୁର୍ଘଟଣା ଏବଂ ପାରିବାରିକ ଅଶାନ୍ତି ନିଶ୍ଚେ ବଢ଼ିବ– ଏଥିରେ ସନ୍ଦେହ ଅଛି କି? ତେଣୁ ଦି'ପଟେ ଦାଢ଼ ଥିବା ଛୁରୀ ହେଉ କି ଖଣ୍ଡା ତାହା ସବୁବେଳେ ବିପଦ ସୃଷ୍ଟି କରିଥାଏ । ଯଦି ଆମେ ପରିବେଶ ପାଇଁ ସତରେ ଚିନ୍ତା କରୁଛେ, ତା'ହେଲେ ଆମକୁ କଠୋର ହେବାକୁ ପଡ଼ିବ ଏବଂ ଲୋକଙ୍କୁ ମଧ୍ୟ କିଛି ତ୍ୟାଗ କରିବାକୁ ପଡ଼ିବ ।

# ସୁଖ ସୌଭାଗ୍ୟର ପଛ ଧାଡ଼ିରେ ଭାରତ



**ମୂଲ୍ୟବୋଧ**

**ଅରବିନ୍ଦ ରାଉତରାୟ**

ସମଗ୍ର ବିଶ୍ୱରେ ୧୪୭ଟି ରାଷ୍ଟ୍ରର ସୁଖ ସୌଭାଗ୍ୟ ତାଲିକାର ୧୧୮ ନମ୍ବର ଧାଡ଼ିରେ ବିକାଶଶୀଳ ରାଷ୍ଟ୍ର ଭାରତ ନିଜର ସ୍ଥିତି ବଜାୟ ରଖିଛି । ଅବଶ୍ୟ ପୂର୍ବବର୍ଷର ଏହି ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ଘଟିଛି ଓ ୨୦୧୩ରେ ୧୧୧ ଥିବାବେଳେ ୨୦୨୩–୨୪ରେ ୧୨୬ ନମ୍ବରରେ ରହିଥିଲା । ଏକଥା ଆମେ କହୁ ନାହୁଁ । ମାର୍ଚ୍ଚ କୋଡ଼ିଏ ଜାତିସଂଘ ଆନ୍ତର୍ଜାତିକ ସୁଖ ସୌଭାଗ୍ୟ ଦିବସ ଉପଲକ୍ଷେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ୨୦୨୪–୨୫ ପାଇଁ ପ୍ରକାଶିତ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି । ପୃଥିବୀର କ୍ଷୁଦ୍ର ରାଷ୍ଟ୍ର ଫିନ୍‌ଲାଣ୍ଡ ଲଗାତର ଆଠବର୍ଷ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିବାରେ ସମର୍ଥ ହୋଇଥିବା ବେଳେ ଆମେରିକା ଚବିଶ ଓ ବ୍ରିଟେନ ତେଇଶିତମ ସ୍ଥାନରେ ରହିଛନ୍ତି । ଦଶନ୍ଧି ପୂର୍ବେ ଆମେରିକା ବିଶ୍ୱତାଲିକାର ଏକାଦଶ ସୁଖ ସମୃଦ୍ଧ ରାଷ୍ଟ୍ରର ମାନ୍ୟତା ହାସଲ କରିଥିଲା । ବିକଶିତ ରାଷ୍ଟ୍ର ଚୀନ ୬୮ ନମ୍ବର ଧାଡ଼ିରେ ଥିବା ସ୍ଥଳେ ନରୱେ ଓ ଇସ୍ରାଏଲ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନାଧିକାର କରିଛନ୍ତି । ପଡ଼ୋଶୀ ରାଷ୍ଟ୍ର ନେପାଳ ୯୨ ଓ ପାକିସ୍ତାନ ୧୦୯ ସ୍ଥାନରେ ରହି ଏ କ୍ଷେତ୍ରରେ ଭାରତକୁ ପଛଧାଡ଼ିକୁ ଠେଲି ଦେଇଛନ୍ତି । ବିଶ୍ୱର ଅସୁଖୀ ରାଷ୍ଟ୍ରତାଲିକାର ଶୀର୍ଷରେ ଆଫଗାନିସ୍ଥାନ ରହିଛି ଏବଂ ସିରିଆ ଓ ଲେବାନନ ପରବର୍ତ୍ତୀ ସ୍ଥାନରେ ରହିଛନ୍ତି । ତେବେ ବିଶ୍ୱର ସୁଖସମୃଦ୍ଧି ରାଷ୍ଟ୍ର ଚୟନ ପ୍ରକ୍ରିୟା ମୁଖ୍ୟତଃ ଛଅଟି ଅର୍ଥନୈତିକ, ସାମାଜିକ ଓ ପାରିବେଶିକ ଦିଗ ଉପରେ ନିର୍ଭରଶୀଳ । ସେଗୁଡ଼ିକ ହେଲା ମୁଣ୍ଡପିଛା ଜାତୀୟ ଉତ୍ପାଦନ ସାମାଜିକ ସହାୟତା କ୍ଷେତ୍ର, ଜୀବନ ଧାରଣର ଅବଧି, ଜୀବନ ଜୀଇଁବା ପ୍ରଣାଳୀରେ ସ୍ୱାଧୀନତା, ଉଦାରବାଦୀ ମନୋଭାବ ଓ ଦୁର୍ନୀତିର କାୟାବୃଦ୍ଧିକୁ ପ୍ରତିହତ ନିଷ୍ପତ୍ତି । ଏ କ୍ଷେତ୍ରରେ ପାରିବେଶିକ ଉପଲବ୍ଧିକୁ ମଧ୍ୟ ବିଚାର ପରିସରଭୁକ୍ତ କରାଯାଇଛି ସେହି ଆନ୍ତର୍ଜାତିକ ରିପୋର୍ଟରେ ।

ବୃହତ ଜନସଂଖ୍ୟା ବିଶିଷ୍ଟ ରାଷ୍ଟ୍ର ଭାରତରେ ଯେ ସୁଖ ସ୍ୱାଚ୍ଛନ୍ଦ୍ୟ ନାହିଁ ତାହା ନୁହେଁ, ଆନ୍ତର୍ଜାତିକ ମାପଦଣ୍ଡରେ ସଂପୂର୍ଣ୍ଣ ନଗଣ୍ୟ । ଯଦି ଫିନ୍‌ଲାଣ୍ଡ ଭଳି ଛୋଟିଆ ଦେଶ ଲଗାତର ତାଲିକାର ଶୀର୍ଷରେ ଆଠବର୍ଷ ରହିପାରୁଛି, ତେବେ ଭାରତ ଏତେ ପଛୁଆ କ'ଣ ପାଇଁ? ପଡ଼ୋଶୀ ଦେଶ ନେପାଳଠାରୁ ଆମେ କ'ଣ ଶିଖିବାର ସମୟ ଆସିନି କି? ହଁ, ଅନ୍ୟାନ୍ୟ କ୍ଷେତ୍ରରେ ଆମେ ବହୁ ଦେଶ ଠାରୁ ଆଗୁଆ ସତ ହେଲେ ସୁଖ ସୌଭାଗ୍ୟ ହେଲା ବିକାଶ ପ୍ରକ୍ରିୟାର ମୂଳ ଉପଲବ୍ଧି । ଯଦି ସେଥିରେ ଆମେ ପଡ଼ୋଶୀ ଅନୁନ୍ନତ ଦେଶ ପାକିସ୍ଥାନ ଠାରୁ ପଛୁଆ, ତେବେ ବିକାଶ ଧାରାର ସୁଫଳ ଦେଶବାସୀଙ୍କ ନିକଟରେ ବାସ୍ତବ ରୂପରେ ପହଞ୍ଚିବାରେ ଅସାମର୍ଥ୍ୟ କେଉଁଠି? ବ୍ରିଟିଶ ଶାସନରୁ ମୁକ୍ତ ହୋଇ ଅମୃତ ମହୋତ୍ସବ ପାଳନ କରିଥିବା ଭାରତ ସତରେ କ'ଣ ବ୍ରିଟେନ ଠାରୁ ଜନତାଙ୍କ ଯତ୍ନ ଓ ସୁଖ ସମୃଦ୍ଧି ବୃଦ୍ଧିରେ ଶତପ୍ରତିଶତ ସହାୟକ ହୋଇଛି । ନହେଲେ ଏହି ତାଲିକାରେ ବ୍ରିଟେନ ଆମେରିକା ଠାରୁ ଆଗଧାଡ଼ିରେ ରହିଥିବା ବେଳେ ଭାରତ ଏତେ ପଛକୁ ଯାଇ ନଥାନ୍ତା । ବିକାଶ ଓ ବିକଶିତ ରାଷ୍ଟ୍ର ସ୍ୱପ୍ନକୁ ପ୍ରଚାର ପ୍ରସାର କରିଦେଲେ ଯେ ତା'ର ସୁଫଳ ଦେଶବାସୀଙ୍କ ନିକଟରେ ପହଞ୍ଚିଯିବ ତାହା ନୁହେଁ ।

ଏବେ ଆମେ ଦେଖିବା ଫିନ୍‌ଲାଣ୍ଡର ନିରବଚ୍ଛିନ୍ନ ସଫଳତାର କାରଣ କ'ଣ? କେବଳ ଯେ ଅର୍ଥନୈତିକ ସଫଳତା ଓ ଧନସମ୍ପତ୍ତି ଆହରଣ ଏହି ଉପଲବ୍ଧିର ମୂଳକାରଣ ତାହା ନୁହେଁ, ପାରସ୍ପରିକ ଦୃଢ଼ ବିଶ୍ୱାସ, ସହଯୋଗ ଓ ସବୁରି କ୍ଷେତ୍ରରେ ମଣିଷପଣିଆ ଏବଂ ଏ କ୍ଷେତ୍ରରେ ସାମାଜିକ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏପରିକି ଏହି ଉପଲବ୍ଧି ପଛରେ ସାମାଜିକ ସଂସ୍କାର ଏକପ୍ରକାର ଅଦୃଶ୍ୟ କାରଣ ହୋଇରହିଛି । ଜୀବନରେ ଶାନ୍ତି ଓ ସହନଶୀଳତା ସେମାନଙ୍କ ସଂସ୍କାରର ଆଉ ଏକ ଲକ୍ଷ୍ୟ । ଆବଶ୍ୟକତା ଠାରୁ ଅଧିକ ଆହରଣ ଯେ ଦୁଃଖର କାରଣ ତାହା ସେମାନଙ୍କ ସଂସ୍କାରରେ ପ୍ରତିଫଳିତ । ପ୍ରାକୃତିକ ପରିବେଶର ଭରପୁର ଫାଇଦା ଉଠାଇବା, ପ୍ରକୃତି ପ୍ରଦ ପାଣି, ପବନ, ଜଙ୍ଗଲକୁ ଉପଭୋଗ କରିବାରେ ଫିନଲାଣ୍ଡ ଅଧିବାସୀ କୁଣ୍ଠା ପ୍ରକାଶ କରନ୍ତି ନାହିଁ । ଏପରିକି ଶୀତ ଋତୁରେ ବରଫାବୃ ସ୍ଥଳଭାଗକୁ ଏକପ୍ରକାର କ୍ରୀଡ଼ା କ୍ଷେତ୍ର ରୂପେ ବାଛି ନେବାରେ କୁଣ୍ଠିତ ହୁଅନ୍ତି ନାହିଁ । ସାଧାରଣ ଜୀବନରେ ଅଧିକ ଶୁଣିବା ଓ କମ୍ କହିବା ଭଳି ସକରାତ୍ମକ ଭାବଧାରାକୁ ଦେଶବାସୀ ଆପଣେଇ ନେବା ସହ ଅଧିକ ସମୟ ନୀରବ ରହିବାକୁ ଶ୍ରେୟ ମଣିଥାନ୍ତି । ସେମାନଙ୍କ ଭାଷାରେ 'ନୀରବତା ସ୍ୱର୍ଣ୍ଣମୟ ଓ ବାର୍ତ୍ତାଳାପ ଶ୍ୱେତଧାତୁ ବା ରୁପା ସହ ସମାନ' ଦୈନନ୍ଦିନ ଜୀବନରେ ବିଶ୍ରାମ ଓ ଉପଯୁକ୍ତ ବିଶ୍ରାମର ବିକଳ୍ପ ନାହିଁ । ଜୀବନର ପ୍ରତିଟି ମୁହୂର୍ତ୍ତ ସେମାନଙ୍କ ପାଇଁ ଯେପରି ଉତ୍ପାଦନଭିକ, ଠିକଣା ସମୟରେ ଶାରୀରିକ ବିଶ୍ରାମ ମଧ୍ୟ ତତୋଧିକ ଆବଶ୍ୟକ । ଏହା ଅର୍ଥ ନୁହେଁ ଯେ ପଖାଳ ଖାଇ ଲକ୍ଷ୍ୟହୀନ ବିଶ୍ରାମ ନେବା ।

ଶିକ୍ଷା ଫିନଲାଣ୍ଡ ଅଧିବାସୀଙ୍କ ସୁସ୍ଥ ଜୀବନର ଅଂଶ ବିଶେଷ । ସମଗ୍ର ବିଶ୍ୱରେ ସେମାନଙ୍କ ଶିକ୍ଷା ପ୍ରଣାଳୀ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଦେଶର ଶିକ୍ଷାବ୍ୟବସ୍ଥା ତିନୋଟି ଦିଗ ଉପରେ ନିର୍ଭରଶୀଳ । ତାହା ହେଲା ସମତା, ସୃଜନଶୀଳତା ଓ ପୂର୍ଣ୍ଣାଙ୍ଗ ବିଶ୍ଳେଷଣ । ଶିକ୍ଷକମାନଙ୍କ ସ୍ଥାନ ବହୁ ଉଚ୍ଚରେ । ଛାତ୍ରମାନଙ୍କୁ ନିଜସ୍ୱ ଇଚ୍ଛାନୁଯାୟୀ ଶିକ୍ଷା ପ୍ରଦାନ କରାଯିବା ସହିତ ଚାରିତ୍ରିକ ଗଠନ ଏହି ବ୍ୟବସ୍ଥାର ମୂଳପିଣ୍ଡ । ଦେଶର ସମଗ୍ର ଲୋକସଂଖ୍ୟା ଯେଉଁ ମୂଳଭିତ୍ତି ଉପରେ ଗଢି ଉଠେ, ତାହା ହେଲା ଜ୍ଞାନ ଆହରଣ, ଜୀବନ ବ୍ୟାପି ଶିକ୍ଷା ଓ ବ୍ୟକ୍ତିଗତ ବିକାଶ । ସାଂପ୍ରତିକ ପରିବେଶରେ ଇରନେଟ୍ ମାଧ୍ୟମରେ ମୁକ୍ତ ଶିକ୍ଷା ଜୀବନ ବ୍ୟାପି ଆହରଣ କରିବାରେ କୌଣସି ବାଧାବନ୍ଧନ ନାହିଁ ସତ, ମାତ୍ର ଏହାର ଉତ୍ପାଦନଭିତ୍ତିକ ବିନିଯୋଗ ହିଁ ଏକମାତ୍ର ଲକ୍ଷ୍ୟ । ବିଶ୍ୱରେ ଦୁର୍ନୀତି ବିହୀନ ବା ସ୍ୱଳ୍ପ ଦୁର୍ନୀତିଗ୍ରସ୍ତ ଦେଶ ଭାବରେ ଫିନ୍‌ଲାଣ୍ଡର ଦବ୍‌ଦବା ରହିଛି । ଏହାର ମୁଖ୍ୟକାରଣ ହେଲା ସବୁକ୍ଷେତ୍ରରେ ବିଶ୍ୱାସ ଓ ଭରସାର କାୟା ବୃଦ୍ଧି । ପଡ଼ୋଶୀଙ୍କୁ କାୟ ମନୋବାକ୍ୟରେ ସାହାଯ୍ୟ ସହଯୋଗ କରିବା ଠାରୁ ଆରମ୍ଭ କରି ସେମାନଙ୍କ ମନରୁ ଅଜ୍ଞତା ଦୂର କରିବାରେ ସହାୟକ ହେବାରେ ଦେଶବାସୀ ଏକପ୍ରକାର ସିଦ୍ଧହସ୍ତ । ଏଭଳି ଚାରିତ୍ରିକ ସଫଳତା କେବଳ ଯେ ଫିନ୍‌ଲାଣ୍ଡକୁ ସୁଖ ସମୃଦ୍ଧି ରାଷ୍ଟ୍ରର ଶ୍ରେଷ୍ଠ ମାନ୍ୟତା ଦେଇଆସୁଛି, ତାହା ନୁହେଁ ପଡ଼ୋଶୀ ରାଷ୍ଟ୍ର ଆୟରଲାଣ୍ଡ, ଡେନ୍‌ମାର୍କ ଓ ସୁଇଡେନ୍ ମଧ୍ୟ ପରର୍ବୀ ଧାଡ଼ିରେ ସ୍ଥାନାଧିକାର କରିଛନ୍ତି ।

ବିଶ୍ୱର ବୃହତ ଅର୍ଥନୈତିକ ଶକ୍ତି ତାଲିକାରେ ଭାରତ ପଛରେ ଥିବା ବିକଶିତ ରାଷ୍ଟ୍ର ବ୍ରିଟେନ ସର୍ବଶକ୍ତିଶାଳୀ ରାଷ୍ଟ୍ର ଆମେରିକାକୁ ସୁଖ ସମୃଦ୍ଧି କ୍ଷେତ୍ରରେ ପଛକୁ ଠେଲି ଦେବାରେ ସଫଳ ହୋଇଛି । ମାତ୍ର ଜନବହୁଳ ବିକାଶଶୀଳ ଦେଶ ଭାରତ ଏ କ୍ଷେତ୍ରରେ ଏତେ ପଛକୁ ଚାଲିଯିବାର କାରଣ ସଂପର୍କରେ ତର୍ଜମା କରାଯିବାର ସମୟ ଆସିଛି । ମୁଣ୍ଡପିଛା ଜାତୀୟ ଉତ୍ପାଦନ କ୍ଷେତ୍ରରେ ଦେଶର ସ୍ଥିତି ଏତେ ଦୁର୍ବଳ ଯେ ଆମେରିକାର ଏକ–ଚତୁର୍ଥାଂଶ ମୁଣ୍ଡ ପିଛା ଜାତୀୟ ଉତ୍ପାଦନ ସ୍ଥିତିରେ ପହଞ୍ଚିବାକୁ ଭାରତକୁ ପ୍ରଚଳିତ ଧାରାରେ ପଞ୍ଚସ୍ତରୀ ବର୍ଷ ଲାଗିଯିବ ବୋଲି ନିକଟରେ ବିଶ୍ୱବ୍ୟାଙ୍କ ରିପୋର୍ଟ ସ୍ପଷ୍ଟ କରିଦେଇଥିଲା । ଏବେ ଯିବା ଆମେ ସାମାଜିକ କ୍ଷେତ୍ରକୁ । ସାମାଜିକ କ୍ଷେତ୍ରରେ ବିଶ୍ୱାସ ଓ ଭରସାର ଅଭାବ ଏତେ ଗତିଶୀଳ ଯେ ଦେଶରେ ଦୁର୍ନୀତିକୁ ରୋକିବାରେ ସବୁ ପନ୍ଥା ଅସାମର୍ଥ୍ୟ ପ୍ରକାଶ କରୁଛି । ନହେଲେ ୨୦୨୪ରେ ଭାରତ ବିଶ୍ୱର ୧୮୦ଟି ଦୁର୍ନୀତିଗ୍ରସ୍ତ ରାଷ୍ଟ୍ର ତାଲିକାରେ ୯୬ତମ ସ୍ଥାନ ଅଧିକାର କରିନଥାନ୍ତା । ଗଣତାନ୍ତ୍ରିକ ବ୍ୟବସ୍ଥାରେ କ୍ଷମତା ଦଖଲ ପାଇଁ ଶତପ୍ରତିଶତ ସୁନୀତିକୁ ହତାଦର କରୁଥିବା ଦେଶ ଦୁର୍ନୀତିମୁକ୍ତ ହେବ ବା କିପରି? ସୁଷମ ଖାଦ୍ୟର ଅଭାବ ଓ ସବୁକ୍ଷେତ୍ରରେ ଅନାବଶ୍ୟକ ଚିନ୍ତାରେ ଗ୍ରସ୍ତ ଦେଶବାସୀଙ୍କ ଜୀବନ ଧାରଣ ଅବଧି ନିମ୍ନଗାମୀ ନ ହେବ ବା କେମିତି ? ଆର୍ଥିକ ଅନଟନ ମଧ୍ୟରେ କାଳାତିପାତ କରୁଥିବା ଦେଶର ଅଶୀକୋଟି ଲୋକଙ୍କୁ ସରକାର ମାଗଣା ପଡ଼ି ଯୋଗାଇ ଦେଉଛନ୍ତି । ଦେଶର ସେହି ଅର୍ଦ୍ଧାଧିକ ଲୋକସଂଖ୍ୟା ଯେଉଁମାନେ କି ପ୍ରତି ମୁହୂର୍ତ୍ତରେ ବଞ୍ଚିବାର ରାହା ପାଇଁ ସଂଗ୍ରାମ କରୁଛନ୍ତି, ସେମାନଙ୍କ ନିକଟରେ ଭଲ ବଞ୍ଚିବାର ସ୍ୱାଧୀନତା ଆସିବ ବା କେଉଁଠୁ ? 'ନିଜେ ବଞ୍ଚିଲେ ବାପର ନାଁ'ରେ ବିଶ୍ୱାସ କରୁଥିବା ଅଧିକାଂଶ ଦେଶବାସୀ ପଡ଼ୋଶୀକୁ ସାହାଯ୍ୟର ହାତ ବଢାଇଇବାର ମାନସିକତା ପାଇବ ବା କିପରି? ପ୍ରଚଳିତ ଶିକ୍ଷା ବ୍ୟବସ୍ଥା କଥା ନ କହିଲେ ଭଲ । ଫିନ୍‌ଲାଣ୍ଡର ଶିକ୍ଷା ବ୍ୟବସ୍ଥା ଓ ଭାରତୀୟ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ଆକାଶ ପାତାଳ ଫରକ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ସଂକୀର୍ଣ୍ଣ ଭାବଧାରାକୁ ଦୂର କରାଯିବା ପାଇଁ ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ । ପରିବର୍ତ୍ତନ ହିଁ ସର୍ବଦା ଉନ୍ନତିର ଲକ୍ଷଣ । ସକରାତ୍ମକ ପରିବର୍ତ୍ତନକୁ ଆପଣେଇ ପାରୁନଥିବା ଦେଶର ଶିକ୍ଷା ବ୍ୟବସ୍ଥା ଦେଶବାସୀଙ୍କ ପାଇଁ ଆୟର ଉତ୍ସ ହେବ ସିନା ମାନସିକତାରେ ପରିବର୍ତ୍ତନ ଆଣିବ ବା କିପରି? ଅବାଧ ଗତିରେ ବଢିଚାଲିଥିବା ଦେଶର ବେକାରୀ ସମସ୍ୟା ଯୁବବର୍ଗର ଉତ୍ପାଦିକତା କମାଇବାରେ ସଫଳ ହେଉଛି । ଘରୋଇ କ୍ଷେତ୍ରରେ କାର୍ଯ୍ୟରତ ସେହି ଯୁବବର୍ଗ ପ୍ରତିମୁହୂର୍ତ୍ତରେ ନିଜ ନିଯୁକ୍ତି ସୁଯୋଗ ନେଇ ଚିନ୍ତାରେ । କାଲିକି ଚାକିରୀ ସୁରକ୍ଷିତ ତ?

ତେବେ ସୁଖ ସୌଭାଗ୍ୟ କ୍ଷେତ୍ରରେ ଦେଶର ସ୍ଥିତିକୁ ଯେ ଉର୍ଦ୍ଧ୍ୱଗାମୀ କରାଯାଇପାରିବ ନାହିଁ ତାହା ନୁହେଁ, ଏଥିପାଇଁ ଚାରିଟି ବୃହତ ଦିଗର ଆବଶ୍ୟକତା ରହିଛି । ସରକାରଙ୍କ ଉତ୍ତମ ଶାସନ ପ୍ରଣାଳୀ ଓ ପ୍ରଶାସନିକ କ୍ଷେତ୍ରରୁ ଦୁର୍ନୀତି ଲୋପ ଏ ଦିଗରେ ସଫଳତା ଆଣିବାରେ ସହାୟକ ହୋଇପାରିବ । ନିରବଚ୍ଛିନ୍ନ ସାମାଜିକ ଓ ଅର୍ଥନୈତିକ ପ୍ରଗତି ଦେଶବାସୀଙ୍କ ଦୈନନ୍ଦିନ ଭାବଧାରାରେ ବାସ୍ତବ ପରିବର୍ତ୍ତନ ଆଣିପାରିବାରେ ସନ୍ଦେହ ନାହିଁ । ପାରିବେଶିକ ସୁରକ୍ଷା ପ୍ରତି ସରକାର କେତେ ସମ୍ବେଦନଶୀଳ ତାହା ମଧ୍ୟ ପ୍ରତିଫଳିତ ହୋଇଥାଏ ଦୁର୍ନୀତିମୁକ୍ତ ଶାସନ ପ୍ରଣାଳୀରେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା ସଂସ୍କୃତି ପୂର୍ବ ପ୍ରଚଳିତ ସଂସ୍କୃତିର ସୁରକ୍ଷା ଓ ପ୍ରସାର ଦିଗରେ ଦେଶବାସୀ ଓ ସରକାର କେତେ ଯତ୍ନବାନ ତାହା ସ୍ପଷ୍ଟ ବାରି ହୋଇପଡ଼େ ଲୋକଙ୍କ ସୁଖସୌଭାଗ୍ୟରୁ ।

***ସିଡିଏ, ସେକ୍ଟର–୬, କଟକ,***
***ମୋ– ୯୪୩୭୧୩୪୪୦୦***

# ଇଣ୍ଡିଆନ ରୋଡ କଂଗ୍ରେସ ଆଶା ଓ ସମ୍ଭାବନା

**■ ସୌଭାଗ୍ୟ ରଂଜନ ମହାନ୍ତି ■**

ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ ଆଇଆର୍‌ସି ଏକ ପ୍ରମୁଖ ବୈଷୟିକ ସଂସ୍ଥା ଯାହା ଭାରତରେ ରାସ୍ତା ବିକାଶ ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ ଏବଂ ଅଦ୍ୟତନ କରେ । ଓଡିଶାରେ, ଆଇଆର୍‌ସି ରାଜ୍ୟର ଭିତ୍ତିଭୂମି ଗଠନରେ, ବିଶେଷକରି ରାସ୍ତା ଏବଂ ରାଜପଥ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଲେଖାଟି ଆଇଆର୍‌ସିର ପଦକ୍ଷେପ ଏବଂ ଓଡିଶାର ରାସ୍ତା ନେଟଓ୍ୱାର୍କ ଉପରେ ପ୍ରଭାବ ଉପରେ ଏକ ଗଭୀର ଦୃଷ୍ଟିକୋଣ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି । ପୂର୍ବ ଭାରତର ଏକ ଉପକୂଳବର୍ତ୍ତୀ ରାଜ୍ୟ, ଓଡିଶା, ଏହାର ସମୃଦ୍ଧ ପ୍ରାକୃତିକ ସମ୍ପଦ, ରଣନୈତିକ ସ୍ଥାନ ଏବଂ ଭିତ୍ତିଭୂମି ବିକାଶ ଦ୍ୱାରା ଚାଳିତ ହୋଇ ସାମ୍ପ୍ରତିକ ବର୍ଷଗୁଡିକରେ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଅଭିବୃଦ୍ଧି ଦେଖିଛି । ରାଜ୍ୟର ରାସ୍ତା ନେଟଓ୍ୱାର୍କ, ଯାହା ୪୩୮୨ କିଲୋମିଟରରୁ ଅଧିକ ଜାତୀୟ ରାଜପଥ, ୧୩,୩୯୫ କିଲୋମିଟର ରାଜ୍ୟ ରାଜପଥ ଏବଂ ୫୭,୬୪୭ କିଲୋମିଟର ଜିଲ୍ଲା ରାସ୍ତା ପରିବ୍ୟାପ୍ତ, ସାମଗ୍ରୀ ଏବଂ ଲୋକଙ୍କ ପରିବହନକୁ ସହଜ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ଇଣ୍ଡିଆନ୍ ରୋଡ୍ସ କଂଗ୍ରେସ ଆଇଆର୍‌ସି ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ ପାଇଁ ବୈଷୟିକ ବିଶେଷଜ୍ଞତା ମାର୍ଗଦର୍ଶିକା ଏବଂ ମାନଦଣ୍ଡ ପ୍ରଦାନ କରି ରାଜ୍ୟର ରାସ୍ତା ଭିତ୍ତିଭୂମି ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଇଆର୍‌ସି ୧୯୨୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା ଏବଂ ସେବେଠାରୁ ଏହା ଓଡ଼ିଶାରେ ରାସ୍ତା ବିକାଶକୁ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ସାମିଲ ହୋଇଆସୁଛି । ରାଜ୍ୟର ପ୍ରଥମ ରାସ୍ତା ବିକାଶ ଯୋଜନା ୧୯୫୧ ମସିହାରେ ପ୍ରଣୟନ କରାଯାଇଥିଲା, ଯାହା ପ୍ରମୁଖ ସହର ଏବଂ ସହରଗୁଡିକୁ ସବୁଦିନିଆ ରାସ୍ତା ସହିତ ସଂଯୋଗ କରିବା ଉପରେ ଧ୍ୟାନ ଦେଇଥିଲା । ବର୍ଷ ବର୍ଷ ଧରି, ଆଇଆର୍‌ସି ରାଜ୍ୟର ରାସ୍ତା ନେଟଓ୍ୱାର୍କକୁ ଉନ୍ନତ କରିବା ପାଇଁ ଓଡିଶା ସରକାରଙ୍କ ସହିତ ଘନିଷ୍ଠ ଭାବରେ କାର୍ଯ୍ୟ କରିଛି, ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ସର୍ବୋତ୍ତମ ଅଭ୍ୟାସ ପ୍ରଚଳନ କରିଛି । ରାଜ୍ୟର ରାସ୍ତା ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ଆଇଆର୍‌ସି ଓଡିଶାରେ ଅନେକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛି । କିଛି ଉଲ୍ଲେଖନୀୟ ପଦକ୍ଷେପ ମଧ୍ୟରେ ଅନ୍ତର୍ଭୁକ୍ତ । ୧. ଭାରତମାଳା ପରିଯୋଜନା : ସାରାଦେଶରେ ରାଜପଥ ଏବଂ ରାସ୍ତାର ନେଟଓ୍ୱାର୍କ ବିକାଶ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା କେନ୍ଦ୍ର ସରକାରଙ୍କ ଯୋଜନା ଭାରତମାଳା ପରିଯୋଜନା କାର୍ଯ୍ୟକାରୀ କରିବାରେ ଆଇଆର୍‌ସି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଓଡିଶାରେ, ଏହି ପ୍ରକଳ୍ପରେ ୭,୫୪୮ କିଲୋମିଟର ଜାତୀୟ ରାଜପଥର ଉନ୍ନତିକରଣ ଅନ୍ତର୍ଭୁକ୍ତ, ଯାହା ଯାହା ସଂଯୋଗୀକରଣକୁ ବୃଦ୍ଧି କରିବ ଏବଂ ଯାତ୍ରା ସମୟ ହ୍ରାସ କରିବା, ୨. ରାଜପଥ ରକ୍ଷଣାବେକ୍ଷଣ : ଆଇଆର୍‌ସି ନବସୃଜନଶୀଳ ସମାଗ୍ରୀ ଏବଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର ସମେତ ରାଜପଥ ରକ୍ଷଣାବେକ୍ଷଣରେ ସର୍ବୋତ୍ତମ ଅଭ୍ୟାସଗୁଡିକୁ ପ୍ରୋତ୍ସାହିତ କରିଆସୁଛି । ଓଡିଶାରେ, ଆଇଆର୍‌ସି ରାଜ୍ୟ ସରକାରଙ୍କ ସହିତ ଏକ ରକ୍ଷଣାବେକ୍ଷଣ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ କାମ କରିଛି, ଯାହା ନିଶ୍ଚିତ କରେ ଯେ ରାସ୍ତାଗୁଡିକ ଭଲ ଅବସ୍ଥାରେ ରହିଛି । ୩. ସଡକ ସୁରକ୍ଷା : ଓଡ଼ିଶାରେ ସଡକ ସୁରକ୍ଷା ଏକ ପ୍ରମୁଖ ଚିନ୍ତାର ବିଷୟ ଏବଂ ଆଇଆର୍‌ସି ସଡକ ସୁରକ୍ଷା ପଦକ୍ଷେପଗୁଡିକ ପ୍ରୋତ୍ସାହିତ କରିବାରେ ସକ୍ରିୟ ଭାବରେ ଜଡିତ । ଆଇଆର୍‌ସି ରାସ୍ତା ଡିଜାଇନ୍ ଏବଂ ନିର୍ମାଣରେ ସୁରକ୍ଷାର ଗୁରୁତ୍ୱକୁ ଆଲୋକପାତ କରି ରାସ୍ତା ବ୍ୟବହାରକାରୀ, ଇଞ୍ଜିନିୟର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିଛି । ୪. କ୍ଷମତା ନିର୍ମାଣ : ଆଇଆର୍‌ସି ରାସ୍ତା ଏବଂ ରାଜପଥ ବିଭାଗରେ କ୍ଷମତା ନିର୍ମାଣ ପାଇଁ ଓଡ଼ିଶା ସରକାରଙ୍କ ସହିତ କାମ କରୁଛି । ଆଇଆର୍‌ସି ଇଞ୍ଜିନିୟର ଏବଂ ଅନ୍ୟ ଅଧିକାରୀମାନଙ୍କୁ ତାଲିମ ଏବଂ ବୈଷୟିକ ସହାୟତା ପ୍ରଦାନ କରିଛି, ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣରେ ସେମାନଙ୍କ ଦକ୍ଷତା ଏବଂ ଜ୍ଞାନ ବୃଦ୍ଧି କରିଛି । ଆଇଆର୍‌ସିର ପଦକ୍ଷେପଗୁଡିକ ଓଡ଼ିଶାର ରାସ୍ତା ନେଟଓ୍ୱାର୍କ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଛି । କିଛି ପ୍ରମୁଖ ଲାଭ ମଧ୍ୟରେ ଅନ୍ତର୍ଭୁକ୍ତ । ୧. ଉନ୍ନତ ସଂଯୋଗୀକରଣ : ଆଇଆର୍‌ସିର ପ୍ରୟାସ ରାଜ୍ୟରେ ଉନ୍ନତ ସଂଯୋଗୀକରଣ ଆଣିଛି, ଅନେକ ଗ୍ରାମ ଏବଂ ସହର ଜାତୀୟ ରାଜପଥ ନେଟଓ୍ୱାର୍କ ସହିତ ସଂଯୋଗ ହୋଇଛି । ୨. ପରିବେଶ ସମୟ ହ୍ରାସ : ଭାରତମାଳା ପରିଯୋଜନା ଅଧୀନରେ ଜାତୀୟ ରାଜପଥଗୁଡିକରେ ଉନ୍ନତିକରଣ ରାଜ୍ୟର ପ୍ରମୁଖ ସହର ଏବଂ ସହର ମଧ୍ୟରେ ଯାତ୍ରା ସମୟ ହ୍ରାସ କରିଛି । ୩. ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି : ଉନ୍ନତ ସଡକ ଭିତ୍ତିଭୂମି ଯୋଗୁଁ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି, ଅନେକ ବ୍ୟବସାୟ ଏବଂ ଶିଳ୍ପ ଓଡିଶାରେ କାର୍ଯ୍ୟ ପ୍ରତିଷ୍ଠା କରିଛନ୍ତି । ୪. ଉନ୍ନତ ସଡକ ସୁରକ୍ଷା : ଆଇଆର୍‌ସିର ସଡକ ସୁରକ୍ଷା ପଦକ୍ଷେପ ରାଜ୍ୟରେ ସଡକ ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବାରେ ସହାୟକ ହୋଇଛି । ପ୍ରଗତି ସତ୍ତ୍ୱେ, ଆଇଆର୍‌ସି ଏବଂ ଓଡିଶା ସରକାରଙ୍କ ପାଇଁ ଆଗକୁ ଅନେକ ଚ୍ୟାଲେଞ୍ଜ ରହିଛି । କିଛି ପ୍ରମୁଖ ଚ୍ୟାଲେଞ୍ଜ ମଧ୍ୟରେ ଅନ୍ତର୍ଭୁକ୍ତ । ୧. ଅର୍ଥଦାନ : ରାସ୍ତା ବିକାଶ ଏବଂ ରକ୍ଷଣାବେକ୍ଷଣ ପାଇଁ ଯଥେଷ୍ଟ ପାଣ୍ଠି ଆବଶ୍ୟକ, ଯାହା ପ୍ରାୟତଃ ରାଜ୍ୟ ସରକାରଙ୍କ ପାଇଁ ଏକ ଚ୍ୟାଲେଞ୍ଜ। ୨. ଭୂମି ଅଧିଗ୍ରହଣ : ଓଡ଼ିଶାର ଜମି ଅଧିଗ୍ରହଣ ଏକ ପ୍ରମୁଖ ସମସ୍ୟା, ବିଶେଷକରି ରାଜପଥ ପ୍ରକଳ୍ପ ପାଇଁ ଆଇଆର୍‌ସି ଏବଂ ରାଜ୍ୟ ସରକାରଙ୍କୁ ଏହି ସମସ୍ୟାର ସମାଧାନ ପାଇଁ ଏକାଠି କାମ କରିବାକୁ ପଡିବ। ୩. ପରିବେଶିକ ଚିନ୍ତା : ରାସ୍ତା ନିର୍ମାଣର ପରିବେଶଗତ ପ୍ରଭାବ ପଡିପାରେ ଏବଂ ଆଇଆର୍‌ସି ଏବଂ ରାଜ୍ୟ ସରକାରଙ୍କୁ ନିଶ୍ଚିତ କରିବାକୁ ପଡିବ ଯେ ଏହି ପ୍ରଭାବଗୁଡିକୁ ସର୍ବନିମ୍ନ କରାଯାଉଛି । ୪. ରକ୍ଷଣାବେକ୍ଷଣ : ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଏକ ପ୍ରମୁଖ ଚ୍ୟାଲେଞ୍ଜ, ଏବଂ ଆଇଆର୍‌ସି ଏବଂ ରାଜ୍ୟ ସରକାରଙ୍କ ନିଶ୍ଚିତ କରିବାକୁ ପଡିବ ଯେ ରାସ୍ତାଗୁଡିକର ଅବନତିକୁ ରୋକିବା ପାଇଁ ନିୟମିତ ଭାବରେ ରକ୍ଷଣାବେକ୍ଷଣ କରାଯାଉଛି । ଭାରତୀୟ ସଡକ କଂଗ୍ରେସ ଓଡିଶାର ରାସ୍ତା ଭିତ୍ତିଭୂମିକୁ ଗଢି ତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆଇଆର୍‌ସିର ପଦକ୍ଷେପଗୁଡିକୁ ସଂଯୋଗୀକରଣକୁ ଉନ୍ନତ କରିଛି, ଯାତ୍ରା ସମୟ ହ୍ରାସ କରିଛି ଏବଂ ରାଜ୍ୟରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି କରିଛି। ତଥାପି ଆଗକୁ ଅନେକ ଚ୍ୟାଲେଞ୍ଜ ଅଛି, ଏବଂ ଆଇଆର୍‌ସି ଏବଂ ଓଡିଶା ସରକାରଙ୍କୁ ଏହି ଚ୍ୟାଲେଞ୍ଜଗୁଡିକର ମୁକାବିଲା ପାଇଁ ଏକାଠି କାମ କରିବାକୁ ପଡିବ। ସଠିକ୍ ନୀତି ଏବଂ ପଦକ୍ଷେପ ସହିତ, ଓଡିଶାର ରାସ୍ତା ନେଟଓ୍ୱାର୍କ ଦେଶର ଅନ୍ୟ ରାଜ୍ୟଗୁଡିକ ପାଇଁ ଏକ ମଡେଲ ହୋଇପାରିବ ।

***ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ***
***ମୋ. ୭୯୭୮୬୬୬୪୦୩***

# ସାରଳା ଦାସଙ୍କ ଜନ୍ମ ତିଥି ଓ ତାରିଖକୁ ନେଇ ଦ୍ୱନ୍ଦ୍ୱ ନରହୁ ?

**■ ହିମାଂଶୁ ଶେଖର ଆଚାର୍ଯ୍ୟ ■**

ଆଦିକବି ସାରଳା ଦାସ । ସେପୁଣି ଓଡିଆ ଭାଷା ସାହିତ୍ୟର ଜନକ । ଆଉ କେହି ତାଙ୍କୁ ଉତ୍କଳବ୍ୟାସ ଓ ମାଟିର ମହାକବି ବୋଲି କହିଥାନ୍ତି । ମା ସାରଳାଙ୍କ କୃପା ଓ କରୁଣା ଲାଭକରି ସେ ସିଦ୍ଧେଶ୍ୱର ପରିଡାରୁ ସାରଳା ଦାସ ରୂପେ ସୁପରିଚିତ ହୋଇଥିଲେ । ରାମାୟଣ, ମହାଭାରତ ଓ ଭାଗବତ ଭଳି ମହାଗ୍ରନ୍ଥ ଲେଖି ଯାଇଛନ୍ତି । ନିଜକୁ ମୁର୍ଖ ବୋଲି ପ୍ରମାଣ କରିବାକୁ ଯାଇ ସେ ଲେଖିଛନ୍ତି– ଶ୍ରୀ ସାରଳାଚଣ୍ଡୀ ଯାହା ଆଜ୍ଞା ଦିଏ ନିତ୍ୟେ, ମୁହିଁ ତାହା ଲେଖିଯାଏ ଜଗଜନ ହିତେ । କିନ୍ତୁ ତାଙ୍କ ଜନ୍ମ ତିଥିକୁ ଓ ତାରିଖକୁ ନେଇ ଏବେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । କାରଣ ସାରଳା ଦାସ ଜନ୍ମଦିନ କେବେ ତାହା ତାଙ୍କ ରଚନା ବଳୀରେ ଉଲ୍ଲେଖ କରିନାହାନ୍ତି କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ । ୨୦୨୩ ମସିହାରେ ସାରଳା ରୋଡରେ ଉଦ୍‌ଘାଟିତ ହୋଇଥିବା ସାରଳା ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ତାରିଖରେ ତାଙ୍କର ଜନ୍ମ ୧୪୨୧ ବିଛା ମାସ କୃଷ୍ଣପକ୍ଷ ପ୍ରତିପଦା ତିଥି ଉଲ୍ଲେଖ ରହିଥିଲା ବେଳେ ତାଙ୍କ ସ୍ୱର୍ଗାରୋହଣ ୧୪୯୫ ମାଘମାସ ସପ୍ତମୀ ତିଥି ରଖାଯାଇଛି ।

ସୂଚନାଯୋଗ୍ୟ ଯେ, ଏପରି ସ୍ଥଳେ ଗତ ବର୍ଷ ୧୬.୧୧.୨୦୨୪ରେ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ତରଫରୁ ତାଙ୍କ ଜୟନ୍ତୀ ସମାରୋହ ପାଳିତ ହୋଇଥିଲା । ସାରଳା ଦାସ ସ୍ମୃତି ସଂସଦ ଓଡିଶା ଭୁବନେଶ୍ୱର ଓ ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି, ତେନ୍ତୁଳିପଦା ମିଳିତ ଆନୁକୂଲ୍ୟରେ ଆଖଣ୍ଡଳେଶ୍ୱର ମନ୍ଦିର, ତେନ୍ତୁଳିପଦା ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଏବେ ପୁଣି ୧୫.୭.୨୦୨୫ରେ କଟକରେ ସାରଳା ସାହିତ୍ୟ ସଂସଦର ୪୫ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଅଛି । ଯେଉଁଥିରେ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ଓଡିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି, ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଓ କେନ୍ଦ୍ରଶିକ୍ଷାମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଯୋଗଦେଇଥିଲେ । ଆୟୋଜକମାନେ ଖୁସି କାରଣ ମହାମହିମ ରାଷ୍ଟ୍ରପତିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଥିଲେ । ଏଠାରେ ପ୍ରଶ୍ନ ଉଠେ କେଉଁ ତଥ୍ୟ ଆଧାରରେ ଚଳିତ ବର୍ଷ ଉକ୍ତ ତାରିଖକୁ ତାଙ୍କର ୬୦୦ତମ ଜନ୍ମଦିନ ବୋଲି ସ୍ଥିର କରାଗଲା । ଦ୍ୱିତୀୟ କଥା ହେଲା ସାରଳା ଦାସଙ୍କ ରଚିତ କେଉଁ ପୁସ୍ତକ ବା ଅନ୍ୟାନ୍ୟ ସାରସ୍ୱତ ସାଧକ, ସାହିତ୍ୟିକ ବା ଗବେଷକଙ୍କ ଲେଖାକୁ ଭିତ୍ତିକରି ଏହି ତାରିଖ ଗ୍ରହଣ କରାଗଲା । ଗତ ବର୍ଷ କେତେକ ପଞ୍ଜିକାରେ ତୁଳା ଦିନ ୨୧ନଭେମ୍ବର ୬ତାରିଖ ଛାଡଖାଇ, ମାର୍ଗଶିର ଗୁରୁବାର ସାରଳା ଦାସଙ୍କ ଜୟନ୍ତୀ ବୋଲି ଉଲ୍ଲେଖ କରାଯାଇଥିଲା । ଏତଥ୍ୟ କେଉଁଠୁ ଆସିଲା ଏବଂ ପଞ୍ଜିକାରେ ଉଲ୍ଲେଖ କରାଯାଇଥିଲା । ଏବେ ପୁଣି ସାରଳା ଦାସ ପ୍ରତିମୂର୍ତ୍ତି ନିର୍ମାଣ କମିଟି ତରଫରୁ ଆସନ୍ତ ନଭେମ୍ବର ୬ତାରିଖ ଦିନ ସାରଳା ଦାସଙ୍କ ଜୟନ୍ତୀ ପାଳନ କରାଯିବ ବୋଲି ନିମନ୍ତ୍ରଣ ପତ୍ର ଛପାଯାଇଛି । ବହୁମାଣ୍ୟ ବ୍ୟକ୍ତିଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇଛ ।

ବିନା ତଥ୍ୟରେ ଆଦିକବିଙ୍କ ଜୟନ୍ତୀ ଏମିତି ପାଳନ କରାଯିବା କେତେଦୂର ଯଥାର୍ଥ । ରାଜ୍ୟର ସମସ୍ତ ସାହିତ୍ୟିକ ବୁଦ୍ଧିଜୀବୀ , ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଦିଗରେ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ବା ସେମାନଙ୍କ ମତାମତକୁ ନେଇ ପ୍ରକୃତ ସତ୍ୟକୁ ଉନ୍ମୋଚନ କରାଯିବା ଯୁକ୍ତିଯୁକ୍ତ ମନେହୁଏ । ତେବେ ମାଟିର ଏହି ବିସ୍ମୟ ପ୍ରତିଭା ସାରଳା ଦାସ ସୂର୍ଯ୍ୟବଂଶର ପ୍ରତିଷ୍ଠାତା ମହାରାଜା କପିଳେନ୍ଦ୍ର ଦେବ (୧୪୩୫–୬୮) ସମସାମୟିକ ଥିଲେ ବୋଲି ଅନୁମାନ କରାଯାଏ । ପ୍ରଚଳିତ ଜନଶ୍ରୁତି ଓ ତାଙ୍କ ରଚନା ସମୁହରେ ବିକ୍ଷିପ୍ତ ଭାବେ ରହିଥିବା କେତେକ ପଂକ୍ତିକୁ ବିଚାରକୁ ନେଲେ ଝଙ୍କଡ ପ୍ରଗଣାସ୍ଥିତ ସାରୋଳ ଗ୍ରାମ ଅନ୍ତର୍ଗତ କାଳିନାଗ ଗ୍ରାମରେ କବି ଜନ୍ମଗ୍ରହଣ କରିଥିଲେ । ଆଦିକବି ସାରଳା ଦାସ ନିଜେ ତାଙ୍କ ଜନ୍ମଦିନ କେବେ କେଉଁଠି ତାଙ୍କ ରଚନା ବଳୀରେ ଉଲ୍ଲେଖ କରିନାହାନ୍ତି । କେବଳ ମାଘସପ୍ତମୀରେ ତାଙ୍କ ତିରୋଧାନ ଦିବସ ପାଳନ କରାଯାଏ ।

ଉତ୍କଳର ବରପୁତ୍ର ଏହି ମହାନ କବିଙ୍କ ଜୀବନୀ ସମ୍ବନ୍ଧରେ ବିଶେଷ କିଛି ତଥ୍ୟ ଉପଲବ୍ଧ ହୁଏ ନାହିଁ । କାରଣ ନିଜ ଗ୍ରନ୍ଥମାନଙ୍କରେ ନିଜ ପରିଚୟ ସେ ସ୍ପଷ୍ଟ ଭାବରେ ଦେଇନାହାନ୍ତି । ସମସାମୟିକ ସମାଜରେ ସଂସ୍କୃତ ଭାଷାର ଥିଲା ନିରଙ୍କୁଶ ରାଜତ୍ୱ । ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଜନତାର ଭାଷାରେ ଗ୍ରନ୍ଥ ରଚନା କରିବାରେ ସେ ଥିଲେ ପ୍ରଥମ କବି । ଏପରି ଏକ ବୈପ୍ଲବିକ ପଦକ୍ଷେପ ନେଇ ଉଭୟ ବାଲ୍ମିକୀ ଓ ବ୍ୟାସଙ୍କୁ ନୂତନ ଭଙ୍ଗୀରେ ରୂପାନ୍ତର କରି ତତ୍କାଳୀନ ନିଷ୍ପ୍ରଭ ବାଣୀଭଣ୍ଡାରକୁ ଜନଜୀବନ ସହିତ ଜଡିତ କରି ନିଜର ପାରଦର୍ଶିତା ପ୍ରମାଣ କରିଥିଲେ । ସାରଳା ଦାସ ଯେଉଁ କାବ୍ୟ କବିତା ରଚନା କରିଥିଲେ ସେଥିରେ ଥିଲା– ରାମାୟଣ, ମହାଭାରତ ଓ ଭାଗବତ । ସେ ଲେଖିଛନ୍ତି– ଏଠାରେ ରାମାୟଣ ହେଉଛି 'ବିଲଙ୍କା ରାମାୟଣ', ଭାରତ ହେଉଛି 'ମହାଭାରତ' ଓ ଶିରୀ ଭାଗବତ ହେଉଛି 'ଦେବୀ ଭାଗବତ' ବା 'ଚଣ୍ଡୀପୁରାଣ' । ଏଥି ସହିତ ବାଲ୍ମିକୀ ରାମାୟଣ, ଲକ୍ଷ୍ମୀନାରାୟଣ ବଚନିକା ଓ 'ସପ୍ତକାଣ୍ଡ ରାମାୟଣ' ପ୍ରଭୃତି ମଧ୍ୟ ତାଙ୍କ ଲେଖନୀରୁ ନିଃସୃତ ହୋଇଅଛି ।

ସାରଳା ଦାସ ମହାଭାରତ ଓଡିଆ ଜାତିର ଜୀବନ ବେଦ କହିଲେ ଅତ୍ୟୁକ୍ତି ହେବନାହିଁ । ଏହା ମୂଳ ସଂସ୍କୃତ ମହାଭାରତର ଅନୁବାଦ ନୁହେଁ । ମୂଳ ଗ୍ରନ୍ଥଟିର କଙ୍କାଳକୁ ମାତ୍ର ଗ୍ରହଣ କରି ସାରଳା ଦାସ ସେଥିଲେ ସ୍ୱ–କଳ୍ପନା ଶକ୍ତି ବଳରେ ରକ୍ତମାଂସ ସଂଯୋଗ କରିଛନ୍ତି । ସାରଳା ମହାଭାରତର ଏପରି କୌଣସି ଦିଗ ନାହିଁ, ଯେଉଁଥିଲେ ସାରଳା ଦାସଙ୍କ ଜାତୀୟତାର ଛାପ ଦେଖିବାକୁ ମିଳେନାହିଁ । ତାଙ୍କ ବିରଚିତ ମହାଭାରତରେ ଓଡିଶାର ମଠମନ୍ଦିର, ଧର୍ମପୀଠ, ଭୂଗୋଳ, ଜନପଦ, ପର୍ବତ, ନଦ ନଦୀ, ଅରଣ୍ୟ, କିମ୍ବଦନ୍ତୀ, ଲୋକକଥା ଓ ଲୋକ ବିଶ୍ୱାସକୁ ଜୀବନ୍ତ ରୂପରେ ରୂପାୟିତ କରିଛନ୍ତି ତାହା ତାଙ୍କ ଅସାମାନ୍ୟ ବୌଦ୍ଧିକ ଚେତନାର କଥା କହେ । ମହାଭାରତରେ ସାରଳା ଦାସ ୧୮ଟି ପର୍ବ ରଖିଛନ୍ତି ଯେଉଁଥିରେ ଆଦିପର୍ବ, ମଧ୍ୟପର୍ବ, ସଭାପର୍ବ, ବନପର୍ବ, ବିରାଟ ପର୍ବ, ଉଦ୍ୟୋଗ ପର୍ବ, ଭୀଷ୍ମପର୍ବ, ଦ୍ରୋଣପର୍ବ, କର୍ଣ୍ଣପର୍ବ, ଶଲ୍ୟପର୍ବ, ଗଦାପର୍ବ, କାଇଁଶିକା ପର୍ବ, ନାରୀପର୍ବ, ଶାନ୍ତିପର୍ବ, ଅଶ୍ୱମେଧ ପର୍ବ, ଆଶ୍ରମିକା ପର୍ବ, ମୂଷଳୀ ପର୍ବ ଓ ସ୍ୱର୍ଗାରୋହଣ ପର୍ବ ରହିଛି ।

ଏବେ ତର୍ଜମା କରିବାର ଉପଯୁକ୍ତ ସମୟ ଆସିଛି । ଓଡିଆ ଭାଷା ସାହିତ୍ୟର ଜନକ, ଉତ୍କଳ ବ୍ୟାସ, ଓ ସର୍ବୋପରି ମାଟିର ମହାକବି ସାରଳା ଦାସଙ୍କ ଜନ୍ମ ତିଥି ଓ ତାରିଖ ସଠିକ୍ ଭାବେ ନିରୁପଣ କରାଯାଉ । ଯାହାକି ଉତ୍ତରପିଢି ଅନୁସରଣ କରିବେ । ତରବରିଆ ଭାବେ ବା ବାହାବାଃ ନେବାପାଇଁ କୌଣସି କାର୍ଯ୍ୟ ଆମକୁ ଲକ୍ଷସ୍ଥଳରେ ପହଞ୍ଚାଇବ ନାହିଁ । ତେଣୁ ଆଦିକବିଙ୍କ ଜନ୍ମତିଥି ଓ ତାରିଖ ବିର୍ତକରୁ ଉର୍ଦ୍ଧ୍ୱରେ ରହୁ ଏହାହିଁ ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

*ମୋ – ୯୩୩୭୨୨୧୯୨୪*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ






# ୬୪ ଲକ୍ଷ୍ମୀଙ୍କ ଅଧିଷ୍ଠାତ୍ରୀ ଦେବୀ ସୁନ୍ଦରା ମହାଲକ୍ଷ୍ମୀ

ମନ୍ଦିରର ସହର କୁହାଯାଉଥିବା ତାମିଲନାଡୁର କାଞ୍ଚିପୁରମ୍ ସହରଠାରୁ ୧୫ କିଲୋମିଟର ଦୂରରେ ଅଛି ଅରାସର କୋଇଲ୍‌ଠାରେ ବିଶ୍ୱର ସବୁଠାରୁ ଦୁର୍ଲ୍ଲଭ ଲକ୍ଷ୍ମୀ ପ୍ରତିମା ଅଛି । ଏହି ଲକ୍ଷ୍ମୀ ହେଉଛନ୍ତି ସୁନ୍ଦରା ମହାଲକ୍ଷ୍ମୀ । ସୁନ୍ଦରା ମହାଲକ୍ଷ୍ମୀଙ୍କର ଏହି ମନ୍ଦିର ମା' ସୀତାଙ୍କ ପୀତା ରାଜା ଜନକ ସ୍ଥାପନ କରିଥିଲେ । ତେଣୁ ଏହି ମନ୍ଦିର ରାମାୟଣ କାଳରେ ସ୍ଥାପନ କରାଯାଇଥିଲା । ଏହି ମନ୍ଦିରରେ ସ୍ଥାପିତ ମାତା ଲକ୍ଷ୍ମୀଙ୍କ ପ୍ରତିମା ସାରା ବିଶ୍ୱରେ ଏହି ପ୍ରକାରର ଏକମାତ୍ର ମୂର୍ତ୍ତି । ଏହି ମୂର୍ତ୍ତିର ଡାହାଣ ପାଦରେ ପାଞ୍ଚ ଆଙ୍ଗୁଠି ବଦଳରେ ୬ଟି ଆଙ୍ଗୁଠି ରହିଛି । ଏହି ଷଷ୍ଠ ଆଙ୍ଗୁଠି ଶୁକ୍ରଗ୍ରହଙ୍କର ପ୍ରତୀକ । ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଶୁକ୍ର ସମସ୍ତ ଐଶ୍ୱର୍ଯ୍ୟ ପ୍ରଦାନ କରୁଥିବା ଗ୍ରହ । ସୁନ୍ଦରା ମହାଲକ୍ଷ୍ମୀଙ୍କ ଷଷ୍ଠ ଆଙ୍ଗୁଠି ଶୁକ୍ରଗ୍ରହଙ୍କ ନିୟନ୍ତ୍ରକ ଦେବୀ । ସୁନ୍ଦରା ମହାଲକ୍ଷ୍ମୀ ୬୪ ପ୍ରକାର ଲକ୍ଷ୍ମୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୋଲି ବିଶ୍ୱାସ କରାଯାଏ । ତେଣୁ ସୁନ୍ଦରା ମହାଲକ୍ଷ୍ମୀ ମନୁଷ୍ୟଙ୍କୁ ୬୪ ପ୍ରକାର ଐଶ୍ୱର୍ଯ୍ୟ ପ୍ରଦାନ କରନ୍ତି । କାଞ୍ଚିପୁରମ୍ ଜିଲାରେ ଥିବା ଏହି ମନ୍ଦିରକୁ ତାମିଲନାଡୁର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଭାବେ ବିବେଚନା କରାଯାଏ । ସ୍ଥାପନ କାଳରୁ ଆଜିପର୍ଯ୍ୟନ୍ତ ଏହାକୁ ୬ଥର ମରାମତି କରାଯାଇଛି । ଏହି ମନ୍ଦିରରେ ନରକ ଚତୁର୍ଦ୍ଦଶୀଠାରୁ ତୃତୀୟା ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଏକ ଉତ୍ସବ ଅନୁଷ୍ଠିତ ହୁଏ । ଏହି ଉତ୍ସବ ଅବସରରେ ଦେବତାମାନଙ୍କ କୋଷାଧ୍ୟକ୍ଷ କୁବେରଙ୍କ ମଧ୍ୟ ପୂଜା କରାଯାଏ । ତାଳ ପୁରାଣ ଅନୁଯାୟୀ କୁବେର ବର୍ଷର ଏହି ସମୟରେ ଏହି ସ୍ଥାନରେ ସ୍ୱୟଂ ସୁନ୍ଦରା ମହାଲକ୍ଷ୍ମୀଙ୍କ ପୂଜା କରନ୍ତି । ମନ୍ଦିରରେ ସୁନ୍ଦରା ମହାଲକ୍ଷ୍ମୀଙ୍କ ସହ ଭଗବାନ ବିଷ୍ଣୁଙ୍କର ଏକ ମନ୍ଦିର ରହିଛି । ଏଠାରେ ବିଷ୍ଣୁ କମଳ ବରଦରାଜ ଭାବରେ ପ୍ରତିଷ୍ଠିତ ହୋଇଛନ୍ତି । ଏହାକୁ ଦକ୍ଷିଣ ଭାରତରେ ଭଗବାନ ବିଷ୍ଣୁଙ୍କର ୧୦୮ଟି ଦିବ୍ୟଦେଶମ୍ ମଧ୍ୟରେ ଗଣନା କରାଯାଏ ।



ଦକ୍ଷିଣ ଭାରତୀୟ ତାଳ ପୁରାଣ ଅନୁଯାୟୀ ସୃଷ୍ଟିକର୍ତ୍ତା ବ୍ରହ୍ମା ଏକଦା ପୃଥିବୀ ପୃଷ୍ଠକୁ ବ୍ରହ୍ମଭୂମି ସନ୍ଧାନରେ ଆସିଥିଲେ । ସେତେବେଳେ କାଞ୍ଚିପୁରମ୍ ନିକଟରେ ସମୁଦ୍ର କୂଳରେ ସେ ଭଗବାନ ବିଷ୍ଣୁ ଏବଂ ରାଜା ଜନକଙ୍କୁ ଦେଖିଲେ । ଭଗବାନ ବିଷ୍ଣୁ ବ୍ରହ୍ମାଙ୍କୁ ମାଟିରେ ଦୁଗ୍ଧ ମିଶାଇ ଯଜ୍ଞକୁଣ୍ଡ ସ୍ଥାପନ କରିବାର ପରାମର୍ଶ ଦେଇଥିଲେ ଏବଂ ତାଙ୍କ ପରାମର୍ଶ ଅନୁଯାୟୀ ବ୍ରହ୍ମା କାଞ୍ଚି ନିକଟରେ ଏହି ସ୍ଥାନରେ ଯଜ୍ଞକୁଣ୍ଡ ସ୍ଥାପନ କରିଥିଲେ । ଭଗବାନ ବିଷ୍ଣୁ ଏବଂ ରାଜା ଜନକ ଏଠାରେ ରାଜ୍ୟରେ ଧନଧାନ୍ୟ ପୂର୍ତ୍ତି ପାଇଁ ମହାଲକ୍ଷ୍ମୀଙ୍କ ପୂଜା କରିଥିଲେ । ସେବେଠାରୁ ମହାଲକ୍ଷ୍ମୀ ଏଠାରେ ସୁନ୍ଦରା ମହାଲକ୍ଷ୍ମୀ ଭାବରେ ସ୍ଥାପିତ ହୋଇଛନ୍ତି । ଶୁକ୍ରଙ୍କ ଉପରେ ସୁନ୍ଦରା ମହାଲକ୍ଷ୍ମୀଙ୍କ ନିୟନ୍ତ୍ରଣ କାରଣରୁ ତାଙ୍କ ଡାହାଣ ପାଦରେ ୬ଟି ଆଙ୍ଗୁଠି ରହିଛି ।



ଦେବଶିଳ୍ପୀ ବିଶ୍ୱକର୍ମା ନିଜେ ସୁନ୍ଦରା ମହାଲକ୍ଷ୍ମୀଙ୍କ ପ୍ରତିମା ନିର୍ମାଣ କରିଛନ୍ତି ବୋଲି ବିଶ୍ୱାସ କରାଯାଏ । ଏହି ମନ୍ଦିରରେ କଳା ପଥରରେ ତିଆରି ମହାଲକ୍ଷ୍ମୀଙ୍କ ପ୍ରତିମା ଖୁବ୍ ସୁନ୍ଦର । ସେ ଏଠାରେ କମଳ ପୁଷ୍ପ ଉପରେ ପଦ୍ମାସନରେ ବସିଛନ୍ତି । ଚତୁର୍ଭୁଜା ମା'ଙ୍କର ଦୁଇ ହାତରେ ପଦ୍ମଫୁଲ, ଗୋଟିଏ ହାତ ବରଦାନ ମୁଦ୍ରାରେ ଏବଂ ଅନ୍ୟ ହାତ ଅଭୟ ମୁଦ୍ରାରେ ରହିଛି । ମୂର୍ତ୍ତିର ଗଳାରେ ତୁଳସୀମାଳା, ହାତରେ ଗହଣା ଏବଂ ମସ୍ତକରେ ସୂର୍ଯ୍ୟ ଓ ଚନ୍ଦ୍ର ଅଛନ୍ତି । ମନ୍ଦିରରେ ଶୁକ୍ରବାର ଏକ ବିଶେଷ ପୂଜା ଅନୁଷ୍ଠାନ ହୁଏ । ଏହି ଦିନ ଲକ୍ଷ୍ମୀ ଏବଂ କୁବେରଙ୍କ ସହ ଶୁକ୍ରଙ୍କର ମଧ୍ୟ ପୂଜାର୍ଚ୍ଚନା କରାଯାଏ ଏଠାରେ । ବିଶ୍ୱାସ କରାଯାଏ ଶୁକ୍ରବାର ଦିନ ବ୍ରାହ୍ମ ମୁହୂର୍ତ୍ତରେ ଏହି ମନ୍ଦିରରେ ଶୁକ୍ରଙ୍କୁ ଦର୍ଶନ କରିବା ଦ୍ୱାରା ୬୪ ପ୍ରକାର ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ । ପ୍ରତି ସପ୍ତାହରେ ଶୁକ୍ରବାର ଦିନ ନିଜେ ଶୁକ୍ରାଚାର୍ଯ୍ୟ ଏହି ମନ୍ଦିରକୁ ଆସନ୍ତି ସୁନ୍ଦରା ମହାଲକ୍ଷ୍ମୀଙ୍କୁ ଆରାଧନା କରିବା ପାଇଁ ଆସନ୍ତି । ଦକ୍ଷିଣ ଭାରତର ବିଜୟନଗରମ୍ ସାମ୍ରାଜ୍ୟ ସମୟରେ ଏହି ମନ୍ଦିର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ଦିର ଥିଲା । ଏହି ସାମ୍ରାଜ୍ୟର ସମସ୍ତ ରାଜବଂଶର ରାଜାମାନେ ଏହି ମନ୍ଦିରରେ ଯଜ୍ଞାଦି କର୍ମ କରୁଥିଲେ । ଏଠାରେ ଥିବା ଶିଳାଲେଖରେ ବିଜୟନଗର ସାମ୍ରାଜ୍ୟର ସମ୍ରାଟମାନଙ୍କର ନାମ ଉଲ୍ଲେଖ ରହିଛି ।

ମନ୍ଦିରରେ ମହାଲକ୍ଷ୍ମୀଙ୍କ ବ୍ୟତୀତ ବିଷ୍ଣୁ ବା ପେରୁମଲଙ୍କର ମନ୍ଦିର ରହିଛି । ମନ୍ଦିରର ଅଧିଷ୍ଠାତ୍ରୀ ଦେବୀ ମହାଲକ୍ଷ୍ମୀ ହେଲେ ମଧ୍ୟ ମୁଖ୍ୟ ଦେବତା କମଳ ବରଦରାଜ । ତାଙ୍କର ଚଳନ୍ତି ରୂପ ଭାବରେ ଶାଳଗ୍ରାମଙ୍କୁ ପୂଜା କରାଯାଏ । ତେବେ ମନ୍ଦିରରେ କମଳ ବରଦରାଜ ପେରୁମଲଙ୍କ ପ୍ରତିମା ଚାରୁଭୁଜ ବିଶିଷ୍ଟ । ଉପର ଦୁଇ ହାତରେ ଶଙ୍ଖ ଏବଂ ଚକ୍ର, ଦଳ ଦୁଇ



ହାତରେ ପଦ୍ମ ଏବଂ ଗଦା ରହିଛି ।





ମୁଖ୍ୟ ମନ୍ଦିର ନିକଟରେ ରହିଛି ଗାୟତ୍ରୀ ବାସ୍ତୁ ମଣ୍ଡପମ୍ । ଏହା ୨୪ଟି ଗାୟତ୍ରୀ ବିଜାକ୍ଷର ଶକ୍ତି ସ୍ତମ୍ଭରେ ଗଠିତ । ନିକଟରେ ରହିଛି ଶ୍ରୀ ଥାୟାଙ୍କ ମନ୍ଦିର । ଏହି ମନ୍ଦିରରେ ସଙ୍ଗୀତମୟ ସ୍ତମ୍ଭ ଅଛି । ଯେଉଁ ସ୍ତମ୍ଭକୁ ଆଘାତ ଦେଲେ ପ୍ରତିଧ୍ୱନି ଏବଂ ସଙ୍ଗୀତର ମୂର୍ଚ୍ଛନା ସୃଷ୍ଟି ହୁଏ । ଏହି ମନ୍ଦିରରେ ବିଶ୍ୱକ ସେନା, ଶ୍ରୀବେଦାନ୍ତ ଦେଶିକା ଏବଂ ଶ୍ରୀମାନବଲାମାମୁନି ଆଦି ଦେବତାଙ୍କର ପ୍ରତିମା ପୂଜିତ ହୁଅନ୍ତି । ମନ୍ଦିରର ମୁଖ୍ୟ ପ୍ରବେଶପଥକୁ ଶ୍ରୀପୁରନ୍ଧନବାସାଲ ଦ୍ୱାର କୁହାଯାଏ । ଏହି ମନ୍ଦିର ପରିସରର ମୁଖ୍ୟ ମନ୍ଦିର ପଶ୍ଚିମମୁଖା । ମୁଖ୍ୟ ମନ୍ଦିରର ଗର୍ଭ ଗୃହ ଆଗରେ ବିଶାଳ ମଣ୍ଡପ ରହିଛି । ମନ୍ଦିର କାନ୍ଥରେ ସୁନ୍ଦର ଭାବରେ ଧାର୍ମିକ ଉପଦେଶ ଖୋଦେଇ ହୋଇଛି । ଏସବୁ ଖୋଦେଇ ଚୋଳ ଶାସନ ସମୟର । ଏହି ମନ୍ଦିର ନବଗ୍ରହ ଉପାସନା ପାଇଁ ସର୍ବୋତ୍ତମ ସ୍ଥାନ ବୋଲି ବିବେଚନା କରାଯାଏ । ନବଗ୍ରହଙ୍କ ସହ ସେମାନଙ୍କର ଜୀବନସାଥିମାନେ ମଧ୍ୟ ଶ୍ରୀ ସୁନ୍ଦରା ମହାଲକ୍ଷ୍ମୀଙ୍କୁ ଏହି ମନ୍ଦିରରେ ପୂଜା କରନ୍ତି । ପ୍ରତ୍ୟେକ ଗ୍ରହଙ୍କର ସାଥିମାନେ ଭିନ୍ନଭିନ୍ନ ଲକ୍ଷ୍ମୀ ରୂପରେ ଏହି ମନ୍ଦିରରେ ସୁନ୍ଦରା ମହାଲକ୍ଷ୍ମୀଙ୍କୁ ପୂଜା କରିଥିଲେ । ସେମାନେ ହେଉଛନ୍ତି ଆଦିଲକ୍ଷ୍ମୀ, ସୋମଲକ୍ଷ୍ମୀ, ମଙ୍ଗଳ ଲକ୍ଷ୍ମୀ, ଭୌମ୍ୟଲକ୍ଷ୍ମୀ, ଗୁରୁପାରା ଲକ୍ଷ୍ମୀ, ଶୁକ୍ରଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ ବା ସୁମଙ୍ଗଳି ବରଲକ୍ଷ୍ମୀ । ଏହି ମନ୍ଦିର ସଲଗ୍ନ ପାଲାର ନଦୀକୁ ପୂର୍ବପୁରୁଷଙ୍କ ତର୍ପଣ ପାଇଁ ଅନ୍ୟତମ ଶ୍ରେଷ୍ଠ ସ୍ଥାନ ଭାବରେ ବିବେଚନା କରାଯାଏ । ଏହି ମନ୍ଦିର ଚେନ୍ନାଇ-ଦିଣ୍ଡିବନମ୍ ରାଜପଥରେ ୭୦ କିଲୋମିଟର ଦୂର ଚେଙ୍ଗାଲପଟୁଠାରୁ ୧୫ କିଲୋମିଟର ଦୂରରେ ରହିଛି । ଏହିଠାରୁ ବସ୍, ଅଟୋ କିମ୍ବା କାର୍‌ରେ ମନ୍ଦିରରେ ପହଞ୍ଚି ହୁଏ । ଏହା ନିକଟତମ ରେଳଷ୍ଟେସନ ହେଉଛି ପଦଲାମ ଏବଂ ଓଟିବକାଇସ୍ । ବିମାନ ଯୋଗେ ଯିବାକୁ ହେଲେ ଏହାର ନିକଟତମ ବିମାନ ବନ୍ଦର ଚେନ୍ନାଇ ।

ସମୃଦ୍ଧି କହିଲେ କେବଳ ବ୍ୟାଙ୍କରେ ଥିବା ଜମା ଟଙ୍କା କିମ୍ବା ସମ୍ପତ୍ତି ବୁଝାଏ ନାହିଁ । ଏହା ୬୪ ପ୍ରକାର ସମ୍ପଦକୁ ବୁଝାଇଥାଏ । ୬୪ ପ୍ରକାର ସମ୍ପଦ ଜଣେ ଜଣେ ଲକ୍ଷ୍ମୀଙ୍କ ଅଧୀନରେ ଥାଏ । ସେମାନେ ହେଉଛନ୍ତି– ଧନଲକ୍ଷ୍ମୀ, ଧାନ୍ୟଲକ୍ଷ୍ମୀ, ବିଜୟଲକ୍ଷ୍ମୀ, ବୀରଲକ୍ଷ୍ମୀ, ଧୈର୍ଯ୍ୟଲକ୍ଷ୍ମୀ, ଗଜଲକ୍ଷ୍ମୀ, ସାନ୍ତନ ଲକ୍ଷ୍ମୀ, ବିଦ୍ୟାଲକ୍ଷ୍ମୀ, ମଙ୍ଗଳଲକ୍ଷ୍ମୀ, ମାଧବଲକ୍ଷ୍ମୀ, ଭାଗ୍ୟଲକ୍ଷ୍ମୀ, ସେଞ୍ଚି ଲକ୍ଷ୍ମୀ, ସୌନ୍ଦର୍ଯ୍ୟଲକ୍ଷ୍ମୀ, ବର ଲକ୍ଷ୍ମୀ, ଯୋଗଲକ୍ଷ୍ମୀ, ଜ୍ୟୋର୍ତିଲକ୍ଷ୍ମୀ, ସେତୁ ଲକ୍ଷ୍ମୀ, ସୀତା ଲକ୍ଷ୍ମୀ, ମହାଲକ୍ଷ୍ମୀ ଏବଂ ଅନ୍ୟମାନେ । ଏ ସମସ୍ତଙ୍କ ର ଜନନୀ ହେଉଛନ୍ତି ସୁନ୍ଦର ମହାଲକ୍ଷ୍ମୀ ବା ଆଦିଲକ୍ଷ୍ମୀ । ଯେଉଁମାନେ ସମସ୍ତ ୬୪ ପ୍ରକାର ଐଶ୍ୱର୍ଯ୍ୟ ଲାଭ କରିବାକୁ ଚାହାନ୍ତି ସେମାନେ ମା' ସୁନ୍ଦରା ମହାଲକ୍ଷ୍ମୀଙ୍କ ଉପାସନା କରିବା ଉଚିତ୍ ।



ମନ୍ଦିରର କାନ୍ଥରେ ଅନେକ ଶିଳାଲିପି ରହିଛି । ସର୍ବ ପୁରାତନ ଶିଳାଲିପି ଖ୍ରୀଷ୍ଟାବ୍ଦ ୧୨୩୭ ମସିହା ଅଗଷ୍ଟ ୨୪ ତାରିଖର । ଏହା ତୃତୀୟ ରାଜାରାଜ ଚୋଳଙ୍କର ଯିଏକି ୧୨୧୬ରୁ ୧୨୫୦ ପର୍ଯ୍ୟନ୍ତ ବିଜୟ ନଗରମ୍ ରାଜ୍ୟର ସମ୍ରାଟ ଥିଲେ । ଏହି ସମୟର ଏକ ଖୋଦେଇରେ ମନ୍ଦିରକୁ ତିନୋଟି ଗାଈ ଏବଂ ବାଛୁରୀ ଦାନ କରାଯାଇଛି ବୋଲି ଲିପିବଦ୍ଧ କରାଯାଇଛି । ମଦୁରାଇର ପାଣ୍ଡ୍ୟ ରାଜବଂଶର ରାଜା ପ୍ରଥମ ଜାତବର୍ମନ ସୁନ୍ଦରା ପାଣ୍ଡ୍ୟଙ୍କର ୧୨୫୯ ଖ୍ରୀଷ୍ଟାବ୍ଦ ଫେବୃଆରୀ ୨୬ ତାରିଖର ଶିଳାଲିପି ଏବଂ ଏହି ରାଜ ବଂଶର ରାଜା ଦ୍ୱିତୀୟ ସୁନ୍ଦରା ପାଣ୍ଡ୍ୟାଙ୍କର ୧୨୯୧ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୮ ତାରିଖର ଶିଳାଲେଖ ରହିଛି ।

ମନ୍ଦିରର ସ୍ଥାପନାକୁ ନେଇ ଅନ୍ୟ ଏକ କିମ୍ବଦନ୍ତୀ ମଧ୍ୟ ଅଛି । ଏହା ଅନୁଯାୟୀ ପଲାର ନଦୀ କୂଳରେ ଏହି ସ୍ଥାନରେ ଥିବା ଗୋଟିଏ ଅଶ୍ୱତ୍ଥ ଗଛ ମୂଳେ ଶ୍ରୀ ବ୍ରହ୍ମା ବିଷ୍ଣୁଙ୍କ ଉଦ୍ଦେଶ୍ୟରେ ତପସ୍ୟା କରିଥିଲେ ଏବଂ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ନିଜର ଦୁଇ ସଙ୍ଗିନୀ ଭୂଦେବୀ ଏବଂ ଶ୍ରୀ ଦେବୀଙ୍କ ସହ ବ୍ରହ୍ମାଙ୍କ ଆଗରେ ଆବିର୍ଭୁତ ହୋଇଥିଲେ । ଅନ୍ୟ ଏକ ବିଶ୍ୱାସ ଅନୁଯାୟୀ ବ୍ରହ୍ମା ଏହି ସ୍ଥାନରୁ ଯଜ୍ଞକୁଣ୍ଡ ପାଇଁ ମାଟି ସଂଗ୍ରହ କରିବା ସମୟରେ ଏହି ନଦୀରୁ ଏକକ କଳାମୁଗୁନି ପଥରରେ କମଳ ବରଦରାଜ ଏବଂ ସୁନ୍ଦରା ମହାଲକ୍ଷ୍ମୀଙ୍କ ପ୍ରତିମା ଏଠାରେ ପୋତିହୋଇ ପଡ଼ିଥିବା ଦେଖିଥିଲେ ଏବଂ ତାହାକୁ ବାହାର କରି ପରିଷ୍କାର କରି ଏହି ସ୍ଥାନରେ ପ୍ରତିଷ୍ଠା କରାଇ ଥିଲେ ଏବଂ ରାଜା ଜନକଙ୍କୁ ଏହାର ସ୍ଥାପନ ପାଇଁ ଅନୁରୋଧ କରିଥିଲେ ।

---



# ବର୍ଲିନ ୱାଲ୍ ଭଙ୍ଗାକୁ ପୂରିଲା ୩୯

ଗୋଟାଏ ଦେଶ, ଭାବନା ଏକ, ଭାଷା ଏକ । ପରମ୍ପରା, ସଂସ୍କୃତି, ଖାଦ୍ୟପେୟ, ଚାଲିଚଳନ ସବୁ ସମାନ । ରାଜନୈତିକ ଦ୍ୱନ୍ଦ୍ୱରେ ଦୁଇ ଭାଗ କରିବା ପାଇଁ ପଥରର ପାଚେରି କ'ଣ କେବେ ସବୁଦିନ ପାଇଁ ଅଲଗା କରିପାରେ କି ? ଯେମିତି ଘର, ଡିହ ଦି'ଭାଗ ହୋଇ ମଝିରେ କାନ୍ଥ ଉଠିଲେ ବି, ଭାଇ ଭାଇର ସମ୍ପର୍କ ସେ କାନ୍ଥ ତଳେ ଚାପିହୁଏ ନାହିଁ । ସେମିତି ବର୍ଲିନ ପ୍ରାଚୀର ଦୁଇ ଭାଗରେ ବିଭକ୍ତ କରିଥିଲେ ମଧ୍ୟ ପଶ୍ଚିମ ଓ ପୂର୍ବ ଜର୍ମାନୀ ଅଧିବାସୀଙ୍କୁ ପ୍ରାଣରୁ ଅଲଗା କରିପାରିନଥିଲା । ସମୟ ସ୍ରୋତରେ ଭାଇ ଭାଇ ଏକାଠି ହେବାର ଉଠିଲା ଜନ ଆନ୍ଦୋଳନ । ରାଜନେତାଙ୍କୁ ଏଡ଼ାଇ ସାଧାରଣ ଲୋକେ ମାଟି ନୁହେଁ, ଛାତିର ପଡ଼ିଥିବା ପାଚେରିକୁ ଲାଗିଥିଲେ ହଟାଇବାକୁ । ସେହି ବର୍ଲିନ ପ୍ରାଚୀନ ଭଙ୍ଗା ଐତିହାସିକ ଘଟଣା ୩୭ ବର୍ଷ ପୂରଣ ହୋଇଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଜର୍ମାନୀରେ ବାମପନ୍ଥୀଙ୍କ ଶାସନ ଚାଲୁଥିବାବେଳେ, ପଶ୍ଚିମ ଜର୍ମାନୀରେ ଗଣତାନ୍ତ୍ରିକ ଶାସନ ଚାଲୁଥିଲା । ହେଲେ ବାମପନ୍ଥୀଙ୍କ ଶାସନ ବେଶୀଦିନ ତିଷ୍ଠି ପାରିଲା ନାହିଁ । ସେପଟେ ପାଶ୍ଚାତ୍ୟ ଚିନ୍ତାଧାରାରେ ପଶ୍ଚିମ ଜର୍ମାନୀର ଅର୍ଥନୈତିକ ଶକ୍ତି ବଢ଼ିବାରେ ଲାଗିଲା । ଲୋକଙ୍କ ଜୀବନଶୈଳୀ ମଧ୍ୟ ଉନ୍ନତତର ହେଲା । ପଶ୍ଚିମ ଜର୍ମାନୀର ଉନ୍ନତି ଦେଖି ପୂର୍ବ ଜର୍ମାନୀର ଅନେକ ବାସିନ୍ଦା ପଶ୍ଚିମ ଜର୍ମାନୀ ମୁହାଁ ହେଲେ । ପଶ୍ଚିମ ଜର୍ମାନୀକୁ ଲୋକଙ୍କ ଏପରି ଅବାଧ ଯାତାୟାତ, ପୂର୍ବ ଜର୍ମାନୀ ପାଇଁ ମୁଣ୍ଡ ବ୍ୟଥାର କାରଣ ହେବାରୁ ତାହାକୁ ରୋକିବା ପାଇଁ ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଏକ କା ତାରବାଡ଼ର ସୀମାରେଖା ଟାଣି ରାସ୍ତା ବନ୍ଦ କରିଦିଆଗଲା । ହେଲେ ଜର୍ମାନୀ ରାଜଧାନୀ ବର୍ଲିନର ପୂର୍ବ ଓ ପଶ୍ଚିମ ସେକ୍ଟର ରାସ୍ତା ଯାତାୟାତ ପାଇଁ ଖୋଲା ରହିଥିଲା । ଫଳ ସ୍ୱରୂପ ବର୍ଲିନ ପୂର୍ବ ଜର୍ମାନୀ ପାଇଁ ବାଧକ ବନିଲା । ଏହି ବାଧକକୁ ଦୂର କରି ପୂର୍ବ ଜର୍ମାନୀବାସୀଙ୍କୁ ନିୟନ୍ତ୍ରଣକୁ ଆଣିବା ପାଇଁ ୧୯୫୭ ମସିହାରେ ସରକାର ପଶ୍ଚିମ ଜର୍ମାନୀକୁ ଯିବା ପାଇଁ ପାସପୋର୍ଟ ନିୟମ ଲାଗୁ କଲେ ।

ଏହି ନିୟମ ଲାଗୁ ହେବା ଫଳରେ ପୂର୍ବ ଜର୍ମାନୀ ବାସିନ୍ଦାଙ୍କ ପଶ୍ଚିମକୁ ଯାତାୟାତ ଆଶ୍ଚର୍ଯ୍ୟଜନକ ଭାବେ ୧୯୫୮ରେ ୬୦ ପ୍ରତିଶତରୁ ୯୦ ପ୍ରତିଶତକୁ ବଢ଼ିଗଲା । କାରଣ ଏପରି ନିୟମ ହେବା ପରେ ଲୋକେ ପଶ୍ଚିମ ବର୍ଲିନରୁ ଟ୍ରେନ୍ ମାଧମରେ ଯାତାୟାତ କଲେ । ଆଉ ଏହିପରି ଭାବେ ୧୯୬୧ ମସିହାରେ ପ୍ରାୟ ୩.୫ ମିଲିୟନ ପୂର୍ବ ଜର୍ମାନୀବାସୀ ସେମାନଙ୍କର ଭିଟାମାଟି ଛାଡ଼ି ପଶ୍ଚିମ ଜର୍ମାନୀ ପଳାୟନ କଲେ । ଏହାଦ୍ୱାରା ପୂର୍ବ ଜର୍ମାନୀର ସମୁଦାୟ ଜନସଂଖ୍ୟାର ପ୍ରାୟ ୨୦ ପ୍ରତିଶତ ଲୋକ ଖାଲି ହୋଇଗଲେ ପୂର୍ବ ଜର୍ମାନୀରୁ । ସେମାନଙ୍କ ମଧ୍ୟରେ ବିଶେଷ କରି ଉଚ୍ଚ ଶିକ୍ଷିତ ଯୁବଗୋଷ୍ଠୀ ସାମିଲ ଥିଲେ । ଶିକ୍ଷକ, ଇଞ୍ଜିନିୟର, ଟେକ୍ନସିଆନ, ଓକିଲ ଆଦି ପଦରୁ ଦକ୍ଷ କର୍ମଚାରୀମାନେ ହଠାତ୍ ଖାଲି ହୋଇଯିବାରୁ ପୂର୍ବ ଜର୍ମାନୀକୁ ପ୍ରାୟ ୭ରୁ ୯ ବିଲିୟନ ଡଲାର କ୍ଷତି ସହିବାକୁ ପଡ଼ିଲା । ଦେଶର ଉଭୟ ଅର୍ଥନୈତିକ ଓ ମାନବ ସମ୍ବଳ କ୍ଷତି ୧୯୬୧ ମସିହା ଅଗଷ୍ଟ ୧୩ ତାରିଖରେ ପୂର୍ବ ଓ ପଶ୍ଚିମ ବର୍ଲିନ ମଧ୍ୟରେ ୧୪୦ କିଲୋମିଟର ଲମ୍ବର ପାଚେରି ନିର୍ମାଣ କରିଦେଲା । ଏହାଦ୍ୱାରା ପୂର୍ବ ଜର୍ମାନୀ ବାସିନ୍ଦା ଆଉ ପଶ୍ଚିମ ଜର୍ମାନୀ ଯାଇପାରିଲେ ନାହିଁ । ଏହା ଦ୍ୱାରା ଅନେକ ପରିବାର ଅଲଗା ହୋଇଗଲେ । ପଶ୍ଚିମ ବର୍ଲିନରେ ନିଯୁକ୍ତି ପାଇଥିବା ପୂର୍ବ ବର୍ଲିନବାସୀ ଚାକିରି ହରାଇଲେ । ପୂର୍ବରୁ ପଶ୍ଚିମ ଜର୍ମାନୀକୁ ଯିବା ପାଇଁ ସବୁଠାରୁ ସହଜ ରାସ୍ତା ବନିଥିବା ବର୍ଲିନ ସବୁଠାରୁ କଷ୍ଟକର ରାସ୍ତା ହୋଇଗଲା । ଏହି ପାଚେରୀକୁ ଡେଇଁବା ପାଇଁ ଚେଷ୍ଟା କରି ଅନେକ ପ୍ରାଣ ହରାଇଥିଲେ । ୧୯୬୧ରୁ ୧୯୮୯ ମସିହା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଜାରି ରହିଲା । ହେଲେ ପୂର୍ବ ଜର୍ମାନୀ ବାସିନ୍ଦାଙ୍କୁ ପଶ୍ଚିମ ଜର୍ମାନୀ ଯିବା ପାଇଁ ଅନୁମତି ନ ମିଳିବା ଦ୍ୱାରା ପୂର୍ବ ଜର୍ମାନୀ ବାସିନ୍ଦାଙ୍କ ମନରେ ବିଦ୍ରୋହର ନିଆଁ ଜଳୁଥିଲା । ଆଉ ଏହି ବିଦ୍ରୋହର ନିଆଁ ୧୯୮୯ ମସିହାରେ ପୁରା ପର୍ବ ଜର୍ମାନୀରେ ବ୍ୟାପି ଗଲା । ବିଦ୍ରୋହକାରୀମାନେ ପୂର୍ବ ଛାଡ଼ି ପଶ୍ଚିମକୁ ଯିବା ପାଇଁ ନାରା ଲଗାଇଲେ । ଲୋକଙ୍କ ବିଦ୍ରୋହ ଶେଷରେ ପୂର୍ବ ଜର୍ମାନୀ ସରକାରଙ୍କ ଉପରେ ପ୍ରଭାବ ପକାଇବାରେ ସଫଳ ହେଲା । ସେହି ମସିହା ନଭେମ୍ବର ୯ ତାରିଖ ରାତିରେ ଏକ ନ୍ୟୁଜ ପ୍ରୋଗ୍ରାମରେ ବର୍ଲିନ ପାଚେରି ଖୋଲିବା ପାଇଁ ଅବିଶ୍ୱସନୀୟ ଘୋଷଣା କରାଗଲା । ଏହି ଖବର ପ୍ରସାରିତ ହେବା ପରେ ପୂର୍ବ ଜର୍ମାନୀବାସୀ ପାଚେରି ପାଖରେ ଏକାଠି ହେଲେ । ଏବୁ ପୁରା ପୂର୍ବ ଜର୍ମାନୀ ବାସିନ୍ଦାଙ୍କ ଉପସ୍ଥିତିରେ ସୀମା ସୁରକ୍ଷାକାରୀମାନେ ସଙ୍ଗେ ସଙ୍ଗେ ଖୋଲି ଦେଲେ ଗେଟ୍ । ଆଉ ଗେଟ ଖୋଲିବା ସହ ହଟିଗଲା ପୂର୍ବ ଓ ପଶ୍ଚିମ ଜର୍ମାନୀ ମଧ୍ୟରେ ଥିବା ସବୁ ପ୍ରତିବନ୍ଧକ ଓ ଏକାଠି ହୋଇଯାଇଥିଲା ପୂର୍ବ ଓ ପଶ୍ଚିମ ବର୍ଲିନ । ଆଜିର ବସ୍ତୁବାଦୀ ଓ ଆତ୍ମ ପ୍ରଚାରଯୁକ୍ତ ମଣିଷ ମାନଙ୍କ ଭିତରେ ଭାଇଚାରା ଏକ ପ୍ରକାର ଅପହଞ୍ଚ । ସମଗ୍ର ଭାରତବର୍ଷ ଆର୍ଯ୍ୟ ସନାତନ ସଂସ୍କୃତିର ମହାମନ୍ତ୍ର 'ବସୁଧୈବକ କୁଟୁମ୍ବକମ୍' ବାଣୀକୁ ବିଶ୍ୱାସ କରେ ଓ ଏହି ଅନୁଚିନ୍ତନ ସମଗ୍ର ବିଶ୍ୱବାସୀଙ୍କ ପାଇଁ ଧ୍ୟେୟ ହେଉ ବୋଲି ଆଜିର ଦିବସରେ କାମନା କରୁଛି ।







ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୯ ନଭେମ୍ବର ୨୦୨୫ । ରବିବାର

# ଚୋରାମଦ ଜବତ, ୮ ଗିରଫ

କେନ୍ଦ୍ରାପଡ଼ା,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ, ଜମ୍ବୁ ସାମୁଦ୍ରିକ, ପାଟକୁରା ଓ କୁଦାନଗରୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି । ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରା(୬୧)ଙ୍କ ଠାରୁ ୨୮ଲିଟର ବିଦେଶୀ ମଦ, ବ୍ରହ୍ମପୁର ଗ୍ରାମର କୈଳାସ ମଲିକ(୪୦)ଙ୍କ ଠାରୁ ୨୪ଲିଟର ଦେଶୀମଦ, ପାଖଡ ଗ୍ରାମର ରଞ୍ଜନ କୁମାର ପରିଡା(୩୨)ଙ୍କ ଠାରୁ ୩୦ଲିଟର ବିଦେଶୀ ମଦ, ଉମାକାନ୍ତ ସେଠୀ(୩୫)ଙ୍କ ଠାରୁ ୧୯ଲିଟର ବିଦେଶୀ ମଦ, ଛୋଟୀ ଗ୍ରାମର ତପିନା ମଲିକ(୩୦)ଙ୍କ ଠାରୁ ୨୨୧ଲିଟର ଦେଶୀ ରନ୍ଧା ମଦ, ପ୍ରଭାକରପୁର ଗ୍ରାମର ବଦନୀ ରାଉତ(୩୨)ଙ୍କ ଠାରୁ ୩୦ଲିଟର ଦେଶୀ ମଦ, ରମାକାନ୍ତ ରାଉତ(୩୬)ଙ୍କ ଠାରୁ ୫୨୦ଲିଟର ଦେଶୀ ରନ୍ଧା ମଦ ଓ ରାଜା ରାଉତଙ୍କ ଠାରୁ ୩୨୦ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୧୯୨ଲିଟର ଚୋରା ଦେଶୀ ମଦ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇଥିବା ବେଳେ ୮ଜଣ ଚୋରାମଦବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ଏହି ଚଢାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢାଉରେ ଅବକାରୀ ନିରୀକ୍ଷକ ହିତାଂଶୁଶେଖର ମଲିକ, ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ଏସଆଇ ପରୀକ୍ଷା କେଲେଙ୍କାରୀ ନେଇ ଆଲୋଚନା

କଟକ,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ପୋଲିସ ଏସଆଇ କେଲେଙ୍କାରୀ ଘଟଣାକୁ ନେଇ ଏସଆଇଟି ବୈଠକରେ ବିଶେଷ ଆଲୋଚନା ହୋଇଥିବା ଜଣାପଡ଼ିଛି । ଏସଆଇଟି ଉପାଧ୍ୟକ୍ଷ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଶୁକ୍ରବାର କେବଳ ଓଡ଼ିଶା ସଂକ୍ରାନ୍ତରେ ଆଲୋଚନା ହୋଇଛି । ଆଜିର ବୈଠକରେ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀଙ୍କ ସମେତ ଇଡ଼ି ଓ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଯୋଗ ଦେଇଥିଲେ । ନିକଟ ଅତୀତରେ ରାଜ୍ୟରେ ଘଟିଥିବା କେତେକ ନିର୍ଦ୍ଦିଷ୍ଟ ଘଟଣାକୁ ନେଇ ପୋଲିସ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଛି । ତେବେ ଆସନ୍ତା ୯ ତାରିଖରେ ଏସଆଇଟିର ପରବର୍ତ୍ତୀ ବୈଠକ ମୁମ୍ବାଇରେ ହେବ । ଆଗାମୀ ମାର୍ଚ୍ଚ ସୁଦ୍ଧା ଜଷ୍ଟିସ ପଶାୟତ ସୁପ୍ରିମ କୋର୍ଟରେ ନବମ ଅନ୍ତରୀଣ ରିପୋର୍ଟ ଦାଖଲ କରିବେ ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ

କେନ୍ଦ୍ରାପଡ଼ା,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଟ ଜେନା, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଜୀବନାନନ୍ଦ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼.ଅରବିନ୍ଦ ଦାସ, ଶ୍ରୀଧର ପ୍ରସାଦ ପ୍ରଧାନ, ମାର୍ଶାଘାଇ କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ମୁଖ୍ୟଅତିଥି ଶ୍ରୀଅନ୍ନ ଅଭିଯାନ ରଥର ଶୁଭାରମ୍ଭ କରିଥିଲେ । ଏହି ରଥଟି କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ପରିକ୍ରମା କରିବ । ପରେ ଅତିଥିମାନେ ଶ୍ରୀଅନ୍ନ ଅଭିଯାନ ଏବଂ ମାଣ୍ଡିଆ ଦିବସ ଅବସରରେ ଆୟୋଜିତ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ । ବୈଠକରେ ଅତିଥିମାନେ କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ମତ ରଖିବା ସହ ଘରୋଇ ସ୍ତରରେ ଶ୍ରୀଅନ୍ନ (ପୁଷ୍ଟିଶସ୍ୟ) ଶସ୍ୟ ଭିତ୍ତିକ ବ୍ୟବହାରକୁ ପ୍ରୋତ୍ସାହିତ କରିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପୁଷ୍ଟି ଶସ୍ୟ ଭିତ୍ତିକ ଖାଦ୍ୟ ସଂସ୍କୃତିକୁ ପୁନଃରୁଦ୍ଧାର କରିବା ଏବଂ ଓଡିଶାକୁ ଦେଶର ମିଲେଟ ହବରେ ପରିଣତ କରିବା ଦିଗରେ ବିସ୍ତୃତ ଆଲୋଚନା କରିଥିଲେ । ସାଧାରଣ ବଣ୍ଟନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନଭୋଜନ, ଆବାସିକ କେନ୍ଦ୍ର ଆଦି ଗୁଡିକରେ ଶ୍ରୀଅନ୍ନର ଅନ୍ତର୍ଭୁକ୍ତିକରଣ କରିବା ଶ୍ରୀଅନ୍ନ ଯୋଜନାର ମୁଖ୍ୟ ଲକ୍ଷ୍ୟ । ସୂଚନା ଯୋଗ୍ୟ ଯେ, ଓଡିଶାର ୩୦ଟି ଜିଲ୍ଲାର ୧୭୭ଟି ବ୍ଲକରେ ଶ୍ରୀଅନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର କେନ୍ଦ୍ରାପଡ଼ା ଏବଂ ଡେରାବିଶ ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି । ମାଣ୍ଡିଆ, ବାଜରା ଆଦି ପୁଷ୍ଟିଶସ୍ୟ ମଣିଷ ଦେହକୁ ବହୁତ ମାତ୍ରାରେ ପୁଷ୍ଟି ଯୋଗାଇଥାଏ ଯାହାକି ମଣିଷକୁ ହୃଷ୍ଟପୁଷ୍ଟ କରିଥାଏ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହିଳା, କୃଷକ, ସଫଳ ଚାଷୀ, ସାଧାରଣଜନତା, ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ଏବଂ କୃଷି ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପ୍ରଥମଥର ପାଇଁ ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାରେ ପ୍ରଥମ ଥରପାଇଁ ଆରମ୍ଭ ହେବାକୁ ଯାଉଛି ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଶୁଣାଣି ଶିବିର । କୌଣସି ବ୍ୟକ୍ତିଙ୍କ ଜମିଜମା କିମ୍ବା ଅନ୍ୟ କୌଣସି ତହସିଲ ବା ରାଜସ୍ୱ ସଂକ୍ରାନ୍ତୀୟ ଅଭିଯୋଗ ଯଦି ଥାଏ ତେବେ ନିର୍ଦ୍ଧାରିତ ଦିନ ଆସି ନିଜ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ଦାଖଲ କରିପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି । ଏହି ଅଭିଯୋଗ ଶୁଣାଣିରେ ନିଜେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ ଏବଂ ଉପଜିଲ୍ଲାପାଳ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ । ଆସନ୍ତା ନଭେମ୍ବର ୧୨ ତାରିଖରେ ରାଜନଗର ତହସିଲ କାର୍ଯ୍ୟାଳୟ, ୧୩ ତାରିଖରେ କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ, ୧୪ ତାରିଖରେ ଗରଦପୁର, ୧୫ ତାରିଖରେ ଆଳି, ୧୮ ତାରିଖରେ ଡେରାବିଶ, ୧୯ ତାରିଖରେ ରାଜକନିକା, ୨୦ ତାରିଖରେ ପଟ୍ଟାମୁଣ୍ଡାଇ, ୨୬ ତାରିଖରେ ମହାକାଳପଡ଼ା ଏବଂ ୨୮ ତାରିଖରେ ମାର୍ଶାଘାଇ ତହସିଲ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ ଘଟିକା ଠାରୁ ୧ ଘଟିକା ପର୍ଯ୍ୟନ୍ତ ଅଭିଯୋଗ ଗୁଡିକର ଶୁଣାଣି ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି ।

## ପୋଲିସର ସାଇବର ସୁରକ୍ଷା ଅଭିଯାନ

ମାର୍ଶାଘାଇ,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ମାର୍ଶାଘାଇ ପୋଲିସ ପକ୍ଷରୁ ସାଇବର ଅପରାଧ ଜନିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ସାଇବର ଅପରାଧୀ ଜନିତ ସଚେତନତା ସୃଷ୍ଟି କରିବା ପାଇଁ ମାର୍ଶାଘାଇ ପୋଲିସ ପକ୍ଷରୁ ଦୁମୁକା ପଞ୍ଚାୟତର କାନପୁର, ମାର୍ଶାଘାଇ ମହାବିଦ୍ୟାଳୟ, ଗରଜଙ୍ଗା ପଞ୍ଚାୟତର ଆଠବାଟିଆ, ତାରିଣୀ ଘରୋଇ କଲେଜ ତାଳସଙ୍ଗା ଓ ଟିକରପଙ୍ଗା ସଚେତନତା କାର୍ଯ୍ୟକ୍ରମ କରାଯାଇଛି । ସାଇବର ଅପରାଧ ସମାଜ ଉପରେ କାୟା ବିସ୍ତାର ଲାଭ କରୁଥିବା ବେଳେ ଏହି ସାଇବର ଅପରାଧରେ ଆର୍ଥିକ ଲାଭ କହି ବଡ଼ ଧରଣର ଠକେଇ ହେଉଛି ଯାହା ଫଳରେ ସହର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଲୋକମାନେ ଠକାମିର ଶିକାର ହୋଇ ସର୍ବଶାନ୍ତ ହେଉଛନ୍ତି । ଏହା ଏକ ସାମାଜିକ ବ୍ୟାଧି ଓ ସାଧାରଣ ଲୋକମାନଙ୍କୁ ସଚେତନ କରିବାକୁ ଏହି ରଥ ପରିକ୍ରମାର ମୁଖ୍ୟ ଲକ୍ଷ୍ୟ ରହିଛି । ବର୍ତ୍ତମାନ ସମାଜରେ ହେଉଥିବା ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଙ୍ଗନକଲି ଋଣ ଠକେଇ, କଷ୍ଟମ ଠକେଇ, ନକଲି ପରିଚୟ ଏବଂ ଓଟିପି ଠକେଇ, ଇ-କମର୍ସ ଭଳି ଅନେକ ଡିଜିଟାଲ ଠକେଇର ଶିକାର ହେଉଛନ୍ତି ଲୋକେ । ଏହିସବୁ ସାଇବର ଠକେଇକୁ ସମସ୍ତେ ସତର୍କଅ ରହିବା ସହିତ କୌଣଶି ପ୍ରଲୋଭନରେ ପ୍ରଲୋଭିତ ନହେବାକୁ ଥାନା ଅଧିକାରୀ ତପନ ନାୟକ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଏସଡିପିଓ ଜ୍ୟୋତି ରଞ୍ଜନ ଗୌଡା, ଡିଏସପି ସରୋଜ ସାହୁ, ଇନ୍ସପେକ୍ଟର ନାରାୟଣ ସାହୁ, ପ୍ରବୀଣ କୁମାର କାଣ୍ଡୁଲାନା, ରତିକାନ୍ତ ଶତପଥୀ, ପ୍ରଶାନ୍ତ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ରଞ୍ଜନ ଭୋଇ ରାଜେଶ ରଞ୍ଜନ ଦାସ, ମିନତୀ ଜେନା, କଲ୍ୟାଣୀ ସାହୁଙ୍କ ସମେତ ମାର୍ଶାଘାଇ ଥାନା କର୍ମଚାରୀ ସହାୟତା କରିଥିଲେ, କାର୍ଯ୍ୟକ୍ରମରେ ମାର୍ଶାଘାଇ ଅଞ୍ଚଳର ବହୁ ବୁଦ୍ଧିଜୀବି, ସ୍କୁଲ କଲେଜ ଛାତ୍ରଛାତ୍ରୀମାନଙ୍କ ସହିତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସାମିଲ ହୋଇଥିଲେ ।

## 'ବନ୍ଦେ ମାତରମ୍'ର ସାମୁହିକ ଗାନ ଓ ସ୍ୱଦେଶୀ ଶପଥ ପାଠ

କେନ୍ଦ୍ରାପଡ଼ା,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ବଙ୍କୀମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୁହିକ ବନ୍ଦେ ମାତରମ ଗାନ କରିଛନ୍ତି । ଏହାସହିତ ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ସାମୁହିକ ଗାନ କରାଯାଇଛି । ଏଥିସହିତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱଦେଶୀ ଶପଥ ପାଠ କରାଇଥିଲେ । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ପ୍ରାଥମିକତା ଏବଂ ଆଜିର ଯୁବପିଢି ଏବଂ ପିଲାମାନଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ପ୍ରେରଣା ଏବଂ ପରବର୍ତ୍ତୀ ପିଢ଼ିକି ଏହାର ଗୁରୁତ୍ୱ ଜଣାଇବା ଇତ୍ୟାଦି ବିଷୟ ଶପଥ ପାଠରେ ଉଲ୍ଲେଖ ରହିଥିଲା । 'ବନ୍ଦେ ମାତରମ' ୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସହ ଅନ୍ୟ କାର୍ଯ୍ୟକ୍ରମକୁ ସିଧାପ୍ରସାରଣ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପଞ୍ଚୁକବ୍ରତ ଉଦଯାପିତ

କେନ୍ଦ୍ରାପଡ଼ା,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

କେନ୍ଦ୍ରାପଡା ପବିତ୍ର ତୁଳସୀକ୍ଷେତ୍ରର ଶ୍ରୀ ଶ୍ରୀ ବଳଦେବଜୀଉ ମହାପ୍ରଭୁଙ୍କ ବିଜେସ୍ଥଳୀରେ ଅନୁଷ୍ଠିତ ୬ଦିନିଆ ହବିଷ୍ୟାଳୀଙ୍କ ପଞ୍ଚୁକବ୍ରତ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଗରାପୁର ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟ ସ୍ୱରୂପାନନ୍ଦ ସରସ୍ୱତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଟ ଜେନା ଓ ପୌରାଧ୍ୟକ୍ଷା ସରିତା ସାହୁ ବିଶିଷ୍ଟ ଅତିଥି, ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ ଓ ଶ୍ରୀଜୀଉଙ୍କ ମନ୍ଦିର ପ୍ରଶାସନର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀମା'ଙ୍କ ଉଦ୍ୟମରେ ତୁଳସୀକ୍ଷେତ୍ରରେ ଦୀର୍ଘ ୭ବର୍ଷ ଧରି ଶାନ୍ତିଶୃଙ୍ଖଳାର ସହିତ ହୋଇ ଆସୁଥିବା ହବିଷ୍ୟାଳୀଙ୍କ ପଞ୍ଚୁକବ୍ରତ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ହବିଷ୍ୟାଳୀମାନଙ୍କୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିବା ବେଳେ ପୌର ପରିଷଦ, ଜିଲ୍ଲା ପ୍ରଶାସନ ଓ ଶ୍ରୀଜୀଉଙ୍କ ଦେବୋତ୍ତର ସଂସ୍ଥା ନ୍ୟାସ ପକ୍ଷରୁ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯାଇଥିବାରୁ ସମସ୍ତଙ୍କୁ ଆଶ୍ରମ ପକ୍ଷରୁ କୃତଜ୍ଞତା ଅର୍ପଣ କରାଯାଇଥିଲା । ଏହି ଅବସରରେ ହବିଷ୍ୟାଳୀ ମା'ମାନଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା । ଏହି ଉପଲକ୍ଷେ ବଳଦେବସେନାର ସଭାପତି ପପୁନ ସ୍ୱାଇଁଙ୍କୁ ବଳଦେବ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ଶ୍ରୀଜୀଉଙ୍କ ଟ୍ରଷ୍ଟବୋର୍ଡ ସେବାୟତ ସଦସ୍ୟ ନୃସିଂହ ଚନ୍ଦ୍ର ପତ୍ରୀ, ଅର୍ଚ୍ଚନା ଗୋଏଙ୍କା, ଶିବ ପ୍ରସାଦ ପରିଡା, ଅମୀୟ ପଣ୍ଡା, ଗୋଲଖ ଦାସ, ନୃସିଂହ ତ୍ରିପାଠୀ, ଦ୍ରୌପଦୀ ରାଉତ, ଶିବାନୀ, ସନ୍ତୋଷ ପଣ୍ଡା ପ୍ରମୁଖ ସାହାଯ୍ୟ ସହଯୋଗ କରିଥିବାରୁ ସେମାନଙ୍କୁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା । ଶେଷରେ ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଛାଡଖାଇରେ ଭିଡ ଜମିଲା ମାଛ ମାର୍କେଟ୍

ଯାଜପୁର,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍



କାର୍ତ୍ତିକ ମାସ ପାଇଁ ୧ ମାସ ବ୍ୟାପି ବହୁ ଲୋକେ ସାତ୍ତ୍ୱିକ ଭୋଜନ ଆହାର କରି କାର୍ତ୍ତିକ ବ୍ରତପାଳନ କରୁଥିଲେ । ବୁଧବାର ସରିଛି କାର୍ତ୍ତିମାସ ମାସ । ଛାଡଖାଇ ଗୁରୁବାର ହୋଇଥିବାରୁ ଲୋକମାନେ ନିରାମିଷ ଖାଇଥିଲେ । ଶୁକ୍ରବାର ସକାଳୁ ଯାଜପୁର ସହରରେ ଥିବା ଆରଏମସି ମାଛ ମାର୍କେଟ୍‌ରେ ଲୋକମାନଙ୍କର ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଥିଲା । ରୋହି, ଭାକୁର, ଇଲିସି, ପାମ୍ଫେଲଟ୍, ଚିଙ୍ଗୁଡ଼ି, ପୋହଡା ମାଛ ଗୁଡିକୁ ଗ୍ରାହକମାନେ କିଣୁଥିବାର ଦେଖିବାକୁ ମିଳିଥିଲା । ଇଲିସି ମାଛ କିଲୋ ପ୍ରତି ୨ହଜାର ଟଙ୍କା ହୋଇଥିବା ବେଳେ ଚିଙ୍ଗୁଡି ମାଛ ୮ଶହ ଟଙ୍କା, ପାନିଆଖିଆ ମାଛ ୫ଶହ ଟଙ୍କାରେ ବିକ୍ରି ହେଉଥିଲା । ଏହି ଚଢ଼ା ଦରରେ ମଧ ଗ୍ରାହକମାନେ ମନ ଖୁସିରେ କିଣି ଘରକୁ ନେଇଯାଉଥିଲେ । ସେହିପରି ଚିକେନ୍ ଓ ମଟନ ଦୋକାନରେ ଭିଡ ଜମିଥିବାର ଦେଖାଦେଇଥିଲା । ମଟନ କିଲୋ ୮ଶହ ଟଙ୍କାକୁ ଚିକେନ୍ କିଲୋ ପ୍ରତି ୨୫୦ଟଙ୍କାରେ ବିକ୍ରି ହେଉଥିଲା । ଏହି ଛାଡ ଖାଇରେ ଗ୍ରହକମାନେ ମାଂସକୁ କିଣି ନେଇ ଛାଡଖାଇ ମନାଉଥିଲେ । ଚିକେନ କଷାକୁ ମଟନ ଝୋଳ, ସୋରିଷ ଇଲିସିକୁ ଲାଉ ଚିଙ୍ଗୁଡି, ପାମ୍ଫେଲଟ୍ ଝୋଳକୁ ଭାକୁର ଆଳୁ ଝୋଳ ସାଙ୍ଗରେ ଗରମ ଭାତର ମଜା ନେଉଛନ୍ତି ଯାଜପୁରବାସୀ ।

# ଗୋରୁ ଚୋରି ଘଟଣାରେ ଜଣେ ଅଟକ

ସୋର,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଗୋରୁ ଚୋରି କରୁଥିବା ବେଳେ ଜଣେ ଯୁବକକୁ ଗ୍ରାମବାସୀମାନେ କାବୁ କରି ସୋର ପୋଲିସକୁ ହସ୍ତାନ୍ତର କରିଛନ୍ତି । ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ସୋର ଥାନା ସାରୁପଦା ଗାଁରେ ଏକ ଗାଡିରେ ଚାରିଜଣ ଯୁବକ ଗୋରୁ ଚୋରି କରିବାକୁ ଆସିଥିବା ବେଳେ ରାତିରେ ଗ୍ରାମର କିଛି ଯୁବକ ଏବାବଦରେ ଜାଣିପାରି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ । ଏହି ସମୟରେ ଚାରି ଜଣ ଯୁବକଙ୍କ ମଧ୍ୟରୁ ତିନିଜଣ ଉକ୍ତ ଗାଡିରେ ଫେରାର ହୋଇଯାଇଥିବା ବେଳେ ଅନ୍ୟ ଜଣେ ଯୁବକ ଗାଁରେ ଲୁଚି ରହିଥିଲେ । ଶନିବାର ସକାଳେ ଗ୍ରାମବାସୀମାନେ ଉକ୍ତ ଯୁବକକୁ କାବୁ କରି ସୋର ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

## ମଡେଲ ପାର୍ଲାମେଣ୍ଟରେ ପିଏମଶ୍ରୀ କୋରୋ ବିଦ୍ୟାଳୟ

କେନ୍ଦ୍ରାପଡ଼ା,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍

ପିଏମଶ୍ରୀ କୋରୋ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଜିଲ୍ଲାସ୍ତରୀୟ ସୁରଭିର ମଡେଲ ପାର୍ଲାମେଣ୍ଟରେ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ ଓ ସସ୍ଥିର ଭବିଷ୍ୟତ ବିଲ -୨୦୨୫ ଉପରେ ଆଲୋଚନା କରିଥିଲେ । ବାଚସ୍ପତି ଭାବେ ମଧୁସ୍ମିତା ସାହୁ, ମୁଖ୍ୟମନ୍ତ୍ରୀ ଭାବେ ହରପ୍ରିୟା ରାଉତ, ପରିବେଶ ମନ୍ତ୍ରୀ ଭାବେ ସୁଚିସ୍ମିତା ସିଂହ, ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବେ ହିମାଂଶୁ ବରାଳ, ବିରୋଧୀ ଦଳ ନେତା ଭାବେ ପ୍ରତ୍ୟୁଷା ଜେନା, ସ୍ୱାଧୀନ ବିଧାୟକ ଭାବରେ ନିବେଦିତା ବରାଳ, ଜୟପୁର ବିଧାୟକ ଭାବରେ ତୃପ୍ତି ମଞ୍ଜରୀ ଦାସ ଓ ମାର୍ଶାଲ ଭାବରେ ଓମ ପ୍ରକାଶ ବେହେରା ଗୃହ ଅଧିବେଶନରେ ଭାଗ ନେଇଥିଲେ । ତତ୍‌ସହିତ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ହସ୍ତକଳା, ପ୍ଲାଷ୍ଟିକ ବର୍ଜ୍ୟରୁ ଗୃହ ଉପକରଣ, ବିଭିନ୍ନ ଔଷଧୀୟ ବୃକ୍ଷ, ପୁଷ୍ଟିକର ମୁଗଗଜା ଓ ଲେମନ ଟା ବିତରଣ ଆଦିର ବ୍ୟବସ୍ଥା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲାସ୍ତରରେ ପ୍ରସଂଶା କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମହାପାତ୍ର ଓ ବରିଷ୍ଠ କଳା ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟଙ୍କ ସକ୍ରିୟ ତଥା ବଳିଷ୍ଠ ଉଦ୍ୟମରେ କାର୍ଯ୍ୟକ୍ରମଟି ସଫଳ ହେଇଥିବାରୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟୁଛି ।

# ଗୋ ତସ୍କର ଗାଡି ଛାଡି ଛୁ

ବୋଲଗଡ,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଖୋର୍ଦ୍ଧାଜିଲ୍ଲା ବୋଲଗଡ ବ୍ଲକ ଫାସିଓଡା ଗ୍ରାମପଞ୍ଚାୟତର କାଉତରା ଠାରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । ନୟାଗଡ ଜିଲ୍ଲା ପଟୁ ଏକ ଗାଈ ବୋଝେଇ ପିକଅପ୍ ଭ୍ୟାନ୍ ଓଡି୨୫ଏଫ୍ ୪୭୪୮ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ସନ୍ଧ୍ୟାରେ କାଉତରା ଠାରେ ପଲଟିଯାଇଛି । ବୋଲଗଡ ବଜରଙ୍ଗ ଦଳର ସଦସ୍ୟମାନେ ଗାଈ ଗୁଡିକୁ ଉଦ୍ଧାର କରି ନିକଟସ୍ଥ ଗୋଶାଳାରେ ଛାଡିଥିବା ସୂଚନା ରହିଛି । ସୂଚନାରୁ ଜଣାଯାଏ ନୟାଗଡ ପଟୁ ଏକ ପିକ୍ ଅପ୍‌ଭ୍ୟାନ୍ ଚୋରାରେ ୭ଟି ଗାଈଙ୍କୁ ଲୋଡ କରି ବିକ୍ରିପାଇଁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା । ଇଟାମାଟି ଥାନା ପୋଲିସ ସୂଚନାପାଇ ଗାଡିଟିକୁ ଅଟକାଇବାକୁ ଚେଷ୍ଟା କରିଥିଲା, କିନ୍ତୁ ଗାଡିଟି ନଅଟକି ଦ୍ରୁତ ଗତିରେ ବେପରୁଆ ଭାବରେ ପଳାଇଆସିଥିଲା । ଭାରସାମ୍ୟ ହରାଇ କାଉତରା ଠାରେ ଓଲଟି ପଡିଥିଲା । ସଙ୍ଗେ ସଙ୍ଗେ ଗୋ ତସ୍କରମାନେ ଗାଡିଟିକୁ ଛାଡି ଦେଇ ଗହିର ମଝିରେ ଦୌଡି କେଉଁ ଆଡେ ପଳାଇଥିଲେ । ଘଟଣାକୁ ଦେଖି କାଉତରା ଏବଂ ମଣ୍ଡଳସିଂହ ଗ୍ରାମର ଯୁବକ ଓ ବଜରଙ୍ଗ ଦଳର ସଦସ୍ୟ ଶ୍ରୀତମ କୁମାର ପ୍ରଧାନ, ସୁଦର୍ଶନ ସାହୁ, ପ୍ରିତମ ପ୍ରଧାନ, ଶିବଶଙ୍କର ଦାସ, ସୌମ୍ୟରଞ୍ଜନ ଦାସ, ହୃଦୟରଞ୍ଜନ ସାମନ୍ତରାୟ, ସୋନୁ ମୁଦୁଲି ଏବଂ ଇଟାମାଟି ଥାନା ପୋଲିସ ଗାଈମାନଙ୍କୁ ଉଦ୍ଧାର କରି ଗୋଶାଳାକୁ ହସ୍ତାନ୍ତର କରିଥିଲ । ଆଗାମୀ ଦିନରେ ପୋଲିସ ପ୍ରଶାସନ ଚ଼ଢାଉ ଜୋରଦାର କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

# ବିଜେଡ଼ି ପକ୍ଷରୁ ବିଶାଳ ଜନସମ୍ପର୍କ ପଦଯାତ୍ରା

ନୀଳଗିରି,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରତିବର୍ଷ ଭଳି ଚ଼ଳିତ ବର୍ଷ ବିଜୁ ଜନତା ଦଳ ପକ୍ଷରୁ ସାରା ଓଡ଼ିଶାରେ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି । ବାଲେଶ୍ୱର ଜିଲ୍ଲା ନୀଳଗିରି ବିଜେଡ଼ି ପକ୍ଷରୁ ନୀଳଗିରି ନିର୍ବାଚ଼ନମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇସାରିଥିବା ବେଳେ ଶନିବାର ନୀଳଗିରିରେ ବିଶାଳ ଜନସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଲୋକପ୍ରିୟ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ନୀଳଗିରି ନିର୍ବାଚ଼ନମଣ୍ଡଳୀରୁ ହଜାର ହଜାର ସଂଖ୍ୟାରେ ମହିଳା ଓ ପୁରୁଷମାନେ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏକ ବିଶାଳ ପଦଯାତ୍ରା ଆସିବା ବେଳେ ବିଜେପି ସରକାର ହାଏ ହାଏ, ମୋହନ ମାଝୀ ହାଏ ହାଏ, ଭୋଟ ଚୋର ହାଏ ହାଏ ନାରା ଦେଉଥିବା ବେଳେ ବିଜୁ ପଟ୍ଟନାୟକ ଅମର ରହେ, ବିଜେଡ଼ି ଜିନ୍ଦାବାଦ, ନବୀନ ପଟ୍ଟନାୟକ ଜିନ୍ଦାବାଦ, ପ୍ରଫୁଲ୍ଲ ସାମଲ ଜିନ୍ଦାବାଦ ସୁକାନ୍ତ ନାୟକ ଜିନ୍ଦାବାଦ ଧ୍ୱନୀରେ ନୀଳଗିରି ସହର ପ୍ରକମ୍ପିତ ହୋଇଥିଲା । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରୁ ବିଶାଳ ପଦଯାତ୍ରା ନୀଳଗିରି ସହର ପରିକ୍ରମା କରି ନୀଳଗିରି ବାଇପାସ ନିକଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କେସି ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ଜନସଂପର୍କ ପଦଯାତ୍ରା ନିମନ୍ତେ ଆୟୋଜିତ ସାଧାରଣ ସଭା ଆରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଆଜିର ବିଜେଡ଼ି ଜନସମ୍ପର୍କ ପଦଯାତ୍ରାରେ ବାଲେଶ୍ୱର ଜିଲ୍ଲା ବିଜେଡ଼ି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ପରିଡ଼ା ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ନିର୍ବାଚ଼ିତ ପ୍ରତିନିଧିଙ୍କ ସହିତ ବହୁ ବିଜେଡ଼ିର ବରିଷ୍ଠ ନେତା ଓ ନେତ୍ରୀ ଯୋଗଦେଇ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି ଦେଇ ଜନସାଧାରଣଙ୍କୁ ଭକୁଆ ଓ ପ୍ରତାରଣା ବନାଇ ଶାସନଭାର କରିଛି କହିବା ସହ ୩୦୦ୟୁନିଟ ବିଜୁଳି ଛାଡ, ୩୦୦୦ଟଙ୍କା ଭତ୍ତା, ସୁଭଦ୍ରା ଯୋଜନାରେ ପ୍ରତି ମହିଳାଙ୍କୁ ୫୦ହଜାର ଟଙ୍କା କୁଆଡେ ଗଲା ବୋଲି ରାଜ୍ୟ ସରକାରଙ୍କୁ ନିନ୍ଦା କରିବା ସହିତ ଦିନ କୁ ଦିନ ନାରୀ ନିର୍ଯାତନା ବଢ଼ି ଚ଼ାଲିଥିବା ବେଳେ ନାରୀମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି ଏବଂ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡିଯାଇଛି ବୋଲି କହିଛନ୍ତି ବିଜେଡ଼ିର ବରିଷ୍ଠ ନେତା ଓ ନେତ୍ରୀମାନେ । ପୂର୍ବ ବିଜେଡ଼ି ନବୀନ ପଟ୍ଟନାୟକ ସରକାରରେ ଗାଁକୁ କାମ ମା'କୁ ସମ୍ମାନ ଦେଉଥିବା ବେଳେ ବିଜେପି ସରକାର ଉକ୍ତ ନାରର ଧଜ୍ଜିଆ ଉଡ଼ାଇଛି । ଏଥିସହିତ ଗତ ୧୭ମାସ ଶାସନ ସମୟରେ ପୂର୍ବ ବିଜେଡ଼ି ନବୀନ ସରକାରଙ୍କ ଯୋଜନାର ନାମ ପରିବର୍ତ୍ତନ ଓ ରଙ୍ଗମରା କାର୍ଯ୍ୟ ବ୍ୟତୀତ ଅନ୍ୟ କୌଣସି ଉନ୍ନତିମୂଳକ କାର୍ଯ୍ୟ ହେଉ ନଥିବାର ଅଭିଯୋଗ କରିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ । ଏଥିସହିତ ବିଜେପି ସରକାର ଆସିବା ପରେ ନୀଳଗିରିରେ ଲଘୁଖଣିଜସମ୍ପଦ ଅଧିକ ଚୋରାଚ଼ାଲାଣ ହେଉଥିବା ବେଳେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ଭୁଷୁଡ଼ି ପଡିଛି ବୋଲି ନିଜ ନିଜ ଅଭିଭାଷଣରେ ମତ ପ୍ରଦାନ କରିଥିଲେ ।

# ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍



ପ୍ରଗତିବାଦୀ ପକ୍ଷରୁ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ ଶୁକ୍ରବାରର ଆରମ୍ଭ ହୋଇଛି । ପ୍ରଥମେ କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ସାହିତ୍ୟିକା ପ୍ରଫେସର ଡଃ ସଂଘମିତ୍ରା ମିଶ୍ର, ସମାଜସେବିକା ଝରଣା ପଟ୍ଟନାୟକ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଗୋପାଳକୃଷ୍ଣ ଆଚ଼ାର୍ଯ୍ୟ ଯୋଗ ଦେଇଥିଲେ । କବି କ୍ଷଣପ୍ରଭା ଷଡଙ୍ଗୀ ଏବଂ ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ କରିଥିଲେ ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ଡଃ ଝୁମକୀ ରଥ ଓ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କମିଶନର ପୂର୍ବତନ ଅଧ୍ୟକ୍ଷା ନମିତା ପଣ୍ଡା ହିନ୍ଦୀ ଲେଖିକା ଜାଗୃତି ରାହୀ ଯୋଗ ଦେଇଥିଲେ । ବ୍ରତତୀ ବଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କବି ଡଃ ସଂଯୁକ୍ତା ପରିଡ଼ା ସ୍ୱାଗତ ଶ୍ୱେତା ରାଉତ ଓ ବନୀତା ସାହୁ ଯୋଗ ଦେଇଥିବା ବେଳେ ସାହିତ୍ୟିକା ପ୍ରୀତିଛନ୍ଦା ଧଳ ଧନ୍ୟବାଦ ଦେଇଥିଲେ । ପ୍ରଦର୍ଶନୀ ଏବଂ ବାଲୁକା ଚିତ୍ରକଳାକୁ ଉନ୍ମୋଚ଼ନ କରିଥିଲେ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ କମିଟିର ଅଧକ୍ଷ ପଦ୍ମଚ଼ରଣ ନାୟକ । ଅଭ୍ୟର୍ଥନା କମିଟି ଅଧକ୍ଷ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସଂଯୋଜକ ଡାକ୍ତର ବିଶ୍ୱଜିତ, 'ପ୍ରଗତିବାଦୀ' ଅଧ୍ୟକ୍ଷା ଶାଶ୍ୱତୀ ବଳ, ବରିଷ୍ଠ ଗବେଷକ ଡଃ ଉଦ୍ଧବ ଚ଼ରଣ ନାୟକ, ଡଃ ଅଜୟ କୁମାର ପାତ୍ର, କବି ସୂର୍ଯ୍ୟ ମିଶ୍ର, ଶିକ୍ଷକ ନେତା ଗୋଲକ ନାୟକ, ଗଗନ ବେଉରା, ପ୍ରଫେସର ରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ ।

# ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା

ଭଦ୍ରକ,୮।୧୧ ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ସଞ୍ଚୟ ପକ୍ଷ ପାଳନ ଅବସରରେ ବରିଷ୍ଠ ନାଗରିକ, ପେନ୍‌ସନର ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଓ ସାଇବର କ୍ରାଇମ ସମ୍ପର୍କରେ ସଚେତନତା ଶିବିର, ଭଦ୍ରକ ଜିଲ୍ଲା ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆର୍ଥିକ ସେବା ସଞ୍ଚୟ କାର୍ଯ୍ୟାଳୟ ଅଧିକାରୀ, ଡାକ ବିଭାଗ ଅଧିକାରୀ, ସାଇବର ସେଲ ଅଧିକାରୀ, ପଦ୍ମନ ରାୟ ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ବରିଷ୍ଠ ନାଗରିକ ସଂଘ ଭଦ୍ରକର ପ୍ରେସିଡେଣ୍ଟ ଓ ସେକ୍ରେଟାରୀ ଅତିଥି ଭାବେ ଯୋଗଦେଇଥିଲେ । ବରିଷ୍ଠ ନାଗରିକ, ପେନ୍‌ସନର ଓ ଜିଲ୍ଲା ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତ କାରଣ ଶିବିର ଆୟୋଜିତ ହୋଇଥିଲା । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପିଲାମାନଙ୍କୁ ସଞ୍ଚୟର ମହତ୍ତ୍ୱ ବୁଝାଇ ଥିଲା ଓ ପିଲାମାନଙ୍କୁ ସଞ୍ଚୟ ଅଭ୍ୟାସ ବୃଦ୍ଧି କରିବା ପାଇଁ ପ୍ରେରଣା ଦେଇଥିଲେ । ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ ପିଲାମାନଙ୍କୁ ସଞ୍ଚୟ କରିବା ପ୍ରେରଣା ଦେଇଥିଲେ । ସାଇବର ସେଲ ଅଧିକାରୀ ବରିଷ୍ଠ ନାଗରିକ ଓ ପିଲାମାନଙ୍କୁ ସାଇବର ଅପରାଧୀମାନଙ୍କ ଶୀକାର ନ ହେବାର ଉପୟମନ ଜଣାଇ ଥିଲେ । ଡାକ ଅଧିକାରୀ ସଞ୍ଚୟ ଯୋଜନା ଗୁଡିକ ସମ୍ପର୍କରେ ସଚେତନ କରାଇଥିଲେ । ଜିଲ୍ଲା ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସଞ୍ଚୟ ଯୋଜନା ଗୁଡିକ ସମ୍ପର୍କରେ ଏକ ନାଟକ ପ୍ରଦର୍ଶନୀ କରିଥିଲେ । ସଭା ଶେଷରେ ପିଲାମାନଙ୍କ ମଧ୍ୟରେ ଏକ କୁଇଜ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏହି ସଭାରେ ପ୍ରାୟ ୧୦୦ ବରିଷ୍ଠ ନାଗରିକ, ଛାତ୍ର ଛାତ୍ରୀ, ଡାକ ଅଭିକର୍ତ୍ତା ଯୋଗ ଦେଇଥିଲେ ।

# ମାଣ୍ଡିଆ ଦିବସ ଉପଲକ୍ଷେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ମେଳା

ଯାଜପୁର,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍

ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଶିବାନନ୍ଦ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି । ଓଡ଼ିଶାରେ ପୁଷ୍ଟିଶସ୍ୟର ମହତ୍ତ୍ୱ ପାଇଁ ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ମାଣ୍ଡିଆ ଦିବସ ଭାବରେ ପାଳନ କରାଯାଉଅଛି । ଚ଼ଳିତ ବର୍ଷ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ମାଣ୍ଡିଆ ଦିବସ ଉପଲକ୍ଷେ ଆନ୍ତର୍ଜାତୀୟ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ୨୦୨୫ ଅନୁଷ୍ଠିତ ହେବାକୁ ଯାଉଅଛି । ଏହି ଉପଲକ୍ଷେ ଜିଲ୍ଲାସ୍ତରରେ 'ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ମେଳା'ର ଆୟୋଜନ କରାଯାଉଅଛି । ପ୍ରାଚ଼ୀନ ପୁଷ୍ଟିଶସ୍ୟଗୁଡ଼ିକ କେବଳ ପୁଷ୍ଟିକର ନୁହନ୍ତି ବରଂ ଏହା ଚ଼ିରନ୍ତନ କୃଷି ପଦ୍ଧତି ପାଇଁ ସହାୟକ ହୋଇଥାନ୍ତି । ପାରମ୍ପରିକ ଫସଲ ଯେଉଁ ଗୁଡ଼ିକ ସ୍ଥାନୀୟ ପରିବେଶରେ ପ୍ରାକୃତିକ ଭାବେ ବଢୁଥିଲେ, ସେଗୁଡିକ ଯତ୍ନ ଓ ସଚେତନତା ଅଭାବରୁ ଧିରେ ଧିରେ ଲୋପ ପାଇବାକୁ ଲାଗିଲେଣି । ୨୦୨୩ ମସିହାରେ ଓଡ଼ିଶା ମିଲେଟ ମିଶନରେ ଅଧୀନରେ ଯାଜପୁର ଜିଲାରେ ପ୍ରଥମ ଥର ମିଲେଟ ଚ଼ାଷ ପାଇଁ ସୁକିନ୍ଦା ଓ ଦାନଗଦି ବ୍ଲକରେ ମୋଟ ୩୪୪ ହେକ୍ଟର ଜମିରେ ୭୦୦ହିତାଧିକାରୀଙ୍କୁ ନେଇ ଚ଼ାଷ କରାଯାଇଥିଲା । ୧୩୯ କ୍ୱିଂଟାଲ ମିଲେଟ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯାଇଥିଲା । ସେହିପରି ଚ଼ଳିତ ବର୍ଷ ଶ୍ରୀଅନ୍ନ ଅଭିଯାନ ଅଧୀନରେ ଏହି ୨ ବ୍ଲକରେ ୧୬୭୩ ହିତାଧିକାରୀଙ୍କୁ ନେଇ ୬୦୦ ହେକ୍ଟର ଜମିରେ ମାଣ୍ଡିଆ, ଯଅ ଫସଲର କ୍ଷେତ୍ର ପ୍ରଦର୍ଶନ ହୋଇଅଛି । ଏହି ୬୦୦ କ୍ୱିଂଟାଲ ମିଲେଟ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଅଛି । ଏହି ଯୋଜନା ଆନୁକୁଲ୍ୟରେ କ୍ଷେତ୍ର ପ୍ରଦର୍ଶନୀ ଅନ୍ତର୍ଗତ ମିଲେଟ ଚ଼ାଷୀଙ୍କୁ ହେକ୍ଟରକୁ ପ୍ରଥମ ବର୍ଷରେ ୧୦ ହଜାର ଟଙ୍କା, ଦ୍ୱିତୀୟ ବର୍ଷରେ ୭୫୦୦ ଟଙ୍କା, ତୃତୀୟ ବର୍ଷରେ ୫ ହଜାର ଟଙ୍କା ଏବଂ ଚ଼ତୁର୍ଥ ଓ ପଂଚମ ବର୍ଷରେ ୨ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି । ବିଶ୍ୱସ୍ତରରେ ପୁଷ୍ଟିଶସ୍ୟ ଓ ଶ୍ରୀଅନ୍ନର ପୁନରୁଦ୍ଧାର କରାଯାଇ ଏହାକୁ ପ୍ରତ୍ୟେକ ଖାଦ୍ୟ ଥାଳିରେ ସାମିଲ କରିବା ଦ୍ୱାରା ଏହାର ପୁଷ୍ଟିପୋଷକତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରରେ ଶ୍ରୀଅନ୍ନ ଓ ବିସ୍ମୃତ ଖାଦ୍ୟ ମେଳା ଆୟୋଜିତ ହୋଇଅଛି । ଏହି ମେଳାରେ ମୁଖ୍ୟଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ନଳିନୀପ୍ରଭା ଜେନା, ସମ୍ମାନିତ ଅତିଥିଭାବେ ଯାଜପୁର ପୌରପାଳିକା ଅଧକ୍ଷା ରଂଜୁଲତା ହୋତା ଯୋଗଦାନ କରିଥିଲେ । ଅତିରିକ୍ତ ଜିଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ସୁଚ଼ାରୁରୂପେ ପାଳିତ ହୋଇଥିଲା । ମାଣ୍ଡିଆ ତଥା ଶ୍ରୀ ଅନ୍ନ ଫସଲର ଖାଦ୍ୟର ଗୁଣବତା ଏବଂ ବର୍ତ୍ତମାନ ଯୁଗରେ ଏହାର ଚ଼ାଷ ଏବଂ ମାଣ୍ଡିଆ ଜାତୀୟ ଖାଦ୍ୟର ବହୁଳ ପ୍ରସାର ନିମନ୍ତେ ସଭାପତି ସମସ୍ତଙ୍କୁ ଦିଗଦର୍ଶନ ଦେଇଥିଲେ ।

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO II
BHUBANESWAR
eerb2_bbsr@yahoo.com
676-B
INVITATIONS FOR BIDS THROUGH e-Procurement
Bid Identification No- C.C. (R&B) - 02
e – Procurement Notice No. 22 of 2025-26

The Superintending Engineer, Bhubaneswar (R&B) Division No-II, Bhubaneswar on behalf of the Governor of Odisha invites percentage rate bids for Three Number Building & Road works to be received in online bidding, Single & Double cover system as detailed in: https://tendersorissa.gov.in. The details of bid documents will be available in the above website from 10.11.2025 to 5.00 P.M of 24.11.2025. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 25.11.2025 in the Office of the Superintending Engineer, Bhubaneswar (R&B) Division No-II, Bhubaneswar. Further details can be seen from the e-procurement portal www.tendersorissa.gov.in.

Addendum / Corrigendum, if required, will be available only in the Website.

Sd/-
Superintending Engineer,
BBSR (R&B) Division No.II, BBSR

Ministry of Culture
Government of India

ସାଂସ୍କୃତିକ ସମ୍ବଳ ଏବଂ ପ୍ରଶିକ୍ଷଣ କେନ୍ଦ୍ର
(ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର)
ଫ୍ଲାଟ ନଂ-୧୫ଏ, ସେକ୍ଟର-୭, ଦ୍ୱାରକା, ନୂଆ ଦିଲ୍ଲୀ-୧୧୦୦୭୫

ବିଭିନ୍ନ ସାଂସ୍କୃତିକ କ୍ଷେତ୍ରମାନଙ୍କରେ ଯୁବ କଳାକାରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବାର ଯୋଜନା (ଏସ.ୱାଇ,ଏ)

ସାଂସ୍କୃତିକ ସମ୍ବଳ ଏବଂ ତାଲିମ କେନ୍ଦ୍ର (ସିସିଆରଟି), ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର ଦ୍ୱାରା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ରଙ୍ଗମଞ୍ଚ, ଦୃଶ୍ୟ କଳା, ଲୋକ, ପାରମ୍ପରିକ ଏବଂ ସ୍ୱଦେଶୀ କଳା ତଥା ସୁଗମ ଶାସ୍ତ୍ରୀୟ ସଂଗୀତ କ୍ଷେତ୍ରରେ "ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ଯୁବ କଳାକାରମାନଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିବାର ଯୋଜନା" ଅନ୍ତର୍ଗତ ଅଫଲାଇନ ଆବେଦନ ପତ୍ର ଆମନ୍ତ୍ରଣ କରାଯାଉଅଛି । ଦୟାକରୀ ଧ୍ୟାନ ଦିଅନ୍ତୁ, ଆବେଦନ ପତ୍ର ବର୍ଷ ୨୦୨୫-୨୬ ପାଇଁ ଆମନ୍ତ୍ରଣ କରାଯାଉ ଅଛି ଯାହା ୧୦ ନଭେମ୍ବର ୨୦୨୫ ଠାରୁ ଆରମ୍ଭ ହେବ । ଏହି ବର୍ଷ ଦିଆ ଯାଉଥିବା ଛାତ୍ରବୃତ୍ତିର ସଂଖ୍ୟା ୪୦୦ ଅଟେ । ଯୋଜନାର ବିବରଣୀ ଆବେଦକ ନିର୍ଦ୍ଦେଶ, ଯୋଗ୍ୟତା ଏବଂ ସମ୍ବଳ ତଥା ଆବେଦନ ପତ୍ରର ସମସ୍ତ ବିବରଣୀ ଭାରତ ସରକାର ସଂସ୍କୃତି ମନ୍ତ୍ରଣାଳୟ ଏବଂ ସାଂସ୍କୃତିକ ସମ୍ବଳ ଏବଂ ପ୍ରଶିକ୍ଷଣ କେନ୍ଦ୍ରର ନିମ୍ନଲିଖିତ ୱେବସାଇଟରେ ଉପଲବ୍ଧ ଅଟେ ।

www.indiaculture.gov.in, www.ccrtindia.gov.in
ଆବେଦନ ପତ୍ର ଆବେଦନର ଶେଷ ତାରିଖ - ୧୫ ଡିସେମ୍ବର ୨୦୨୫ ।
ଆବେଦନ ପତ୍ର ଅଫଲାଇନ୍ ମାଧ୍ୟମରେ ସ୍ୱିକାର ହେବ ।
CBC 09127/12/0007/2526

## ସୁବର୍ଣ୍ଣପୁର ଜିଲ୍ଲାପାଳ ପାଇବେ ପ୍ରଶାସନିକ ସେବା ରତ୍ନ ସମ୍ମାନ

**ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ ବୈଦ୍ୟ ଚିନ୍ତାମଣି ବେହେରା ସ୍ମୃତି ପରିଷଦ ବଲାଙ୍ଗିରର ରାଜ୍ୟ ସ୍ତରୀୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆଗାମୀ ଡିସେମ୍ବର ୨୫ ତାରିଖ ଦିନ ସ୍ଥାନୀୟ ହୋଟେଲ ପାର୍କ ଲ୍ୟାଣ୍ଡ ଠାରେ ଅନୁଷ୍ଠିତ ହେବ। ଏଥିରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ.ନୃପରାଜ ସାହୁଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ପ୍ରଶାସନିକ ସେବା ରତ୍ନ ସମ୍ମାନ-୨୦୨୫ ପ୍ରଦାନ କରାଯିବ।



ଏତଦ୍ ଭିନ୍ନ ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବନ୍ଧପଡା ଗ୍ରାମର ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବିଶିଷ୍ଟ ବୈଦ୍ୟ ଝସକେତନ ଗୁରୁଙ୍କୁ ତାଙ୍କର ରୋଗୀ ତଥା ସମାଜ ସେବା ପାଇଁ "ବୈଦ୍ୟ ରାଜ ଉପାଧି"ପ୍ରଦାନ କରାଯିବ। ଉଭୟଙ୍କୁ ମୁକୁଟ ପରିଧାନ ପୂର୍ବକ ରାଜ୍ୟ ଓ ଜାତୀୟ ସ୍ତରର ଅତିଥି ମାନଙ୍କ ଗହଣରେ ସମ୍ମାନିତ କରାଯିବ। ପ୍ରକାଶ ଥାଉ କି ଏହି ଅବସରରେ ଲୋକ ସେବକ ମଣ୍ଡଳ ଜାତୀୟ ଉପାଧ୍ୟକ୍ଷ (ଦିଲ୍ଲୀ) ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ମୁଖ୍ୟ ଅତିଥି,ଉତ୍କଳ ସାହିତ୍ୟ ସମାଜର ନବ ନିର୍ବାଚିତ ସମ୍ପାଦକ ହାଇକୋର୍ଟ ଏଡ୍‌ଭୋକେଟ୍ ରାଜୀବ କୁମାର ଷଡଙ୍ଗୀ ତଥା କୋଷାଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ କୁମାର ଦାସ ଅତିଥି ଭାବେ ଯୋଗଦାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି। ରାଜ୍ୟ ତଥା ଜାତୀୟ ସ୍ତରର ଅତିଥିମାନେ ତିନୋଟି ଅଧିବେଶନରେ ମଂଚାସିନ ହୋଇ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରି ଉତ୍ସାହିତ କରିବା ପାଇଁ ସହମତି ପ୍ରଦାନ କରିଥିବା ସମ୍ପାଦକ ଡ.ନବକିଶୋର ବେହେରା ଏକ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

## ବୋଲଗଡ଼ ଟାଉନ୍ ରେଳଷ୍ଟେସନ ନିର୍ମାଣ ପାଇଁ ଅନୁମତି

**ବୋଲଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍**

ପଶ୍ଚିମ ଓଡିଶାର ଲାଇଫ ଲାଇନ ଭାବେ ପରିଚିତ ପୂର୍ବତଟ ରେଳବିଭାଗର ଖୋର୍ଦ୍ଧା ବଲାଙ୍ଗୀର ନୂତନ ରେଳ ପ୍ରକଳ୍ପର ଅଧିନ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ସଦର ମହକୁମାର ବୋଲଗଡ଼ ଟାଉନ୍ ପାସେଞ୍ଜର ହଲ୍ଟକୁ ପୂର୍ଣ୍ଣାଙ୍ଗ ଷ୍ଟେସନରେ ପରିଣତ କରିବା ପାଇଁ ରେଳ ବିଭାଗ ପକ୍ଷରୁ ଅନୁମତି ମିଳିଛି। ଏହା ଫଳରେ, ବୋଲଗଡ଼ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ପୂର୍ବତଟ ରେଳବାଇ ପକ୍ଷରୁ ଭୁବନେଶ୍ୱରର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୁୱାଲଙ୍କ ଚିଠି ନଂ ୧୧୦/୫୩୮ ଅନୁଯାୟୀ ଗତ ୩ ତାରିଖ ଦିନ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀଙ୍କ ନିକଟକୁ ଆସିଛି। ତୁରନ୍ତ ବୋଲଗଡ଼ ପିଏଚ୍‌କୁ ପୂର୍ଣ୍ଣାଙ୍ଗ ରେଳଷ୍ଟେସନ ଘୋଷଣା ହେବା ସହିତ ଏହାର ପ୍ଲାଟଫର୍ମ ନିର୍ମାଣ, ଲୁପ୍ ଲାଇନ୍ ପାଇଁ ନୂତନ ରେଳ ଲାଇନିର ଦୋହରିକରଣ ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରାଜସୁନାଖଳା ଓ ମାଣିକାଗୋଡ଼ା ଷ୍ଟେସନ ମଝିରେ ଏହି ନୂତନପୂର୍ଣ୍ଣାଙ୍ଗ ବୋଲଗଡ଼ ଟାଉନ୍ ଷ୍ଟେସନ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ବ୍ଲକ ହେଡକ୍ୱାଟର୍ ଥିବାରୁ ଅନେକ ସରକାରୀ କାର୍ଯ୍ୟାଳୟ, କଲେଜ, ବ୍ୟବସାୟ ପ୍ରତିଷ୍ଠାନ, ଶିଳ୍ପ, ପର୍ଯ୍ୟଟନସ୍ଥଳ ରହିଛି। ଏପରିକି ଆଖପାଖ ୩୦ଟି ଗ୍ରାମର ଜନ ସାଧାରଣଙ୍କ ଯାତାୟାତ ପାଇଁ ବହୁ ସୁବିଧା ହେବ। ଗତ ଜୁନ୍ ମାସ ୧୯ ତାରିଖରେ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଏସଂକ୍ରାନ୍ତରେ ରେଳମନ୍ତ୍ରଣାଳୟ ନିକଟରେ ଦାବୀ ଉପସ୍ଥାପନ କରିଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ କିଟ୍ ଓ କିସ୍ ପରିଦର୍ଶନ



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ରାଷ୍ଟ୍ରମନ୍ତ୍ରୀ ଡ. ରାମଦାସ ଅଠୱାଲେ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ବିଭିନ୍ନ ବିଭାଗ ବୁଲି ଦେଖିବା ପରେ ସେ କିସ୍‌ର ୪୦ ହଜାର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିଲେ। ଡ. ଅଠୱାଲେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଲେ, ତୁମମାନଙ୍କୁ ଅଚ୍ୟୁତ ସାମନ୍ତ ପାଠ ପଢ଼ିବା ପାଇଁ ଯେଉଁ ସୁଯୋଗ ଦେଇଛନ୍ତି, ତାର ସଦୁପଯୋଗ କର। ପାଠ ପଢ଼ି ଶିକ୍ଷିତ ହୋଇ ନିଜ ପରିବାର, ସମାଜ, ରାଜ୍ୟ ତଥା ଦେଶର ପ୍ରଗତିରେ ଯୋଗଦାନ ନିମନ୍ତେ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେ କହିଲେ, ମୁଁ ଅଚ୍ୟୁତ ସାମନ୍ତଙ୍କଠାରୁ କିଟ୍ ଓ କିସ୍ ବିଷୟରେ ପୂର୍ବରୁ ବହୁବାର ଶୁଣିଥିଲି। ଆଜି ଏହି ଅନୁଷ୍ଠାନ ପରିଦର୍ଶନ କରିବା ପରେ ଅଚ୍ୟୁତ ସାମନ୍ତ ଜନଜାତିଙ୍କ ବିକାଶ କ୍ଷେତ୍ରରେ ଅଭୂତପୂର୍ବ କାର୍ଯ୍ୟ କରୁଥିବା ମୋର ହୃଦୟଙ୍ଗମ ହୋଇଛି ବୋଲି ଡ. ଅଠୱାଲେ କହିଥିଲେ। କିସ୍‌ରେ ଛାତ୍ରଛାତ୍ରୀଙ୍କ ଶୃଙ୍ଖଳା ଓ ଆଚାର ବ୍ୟବହାର ମୋତେ ଅଭିଭୂତ କରିଛି ବୋଲି ସେ କହିଥିଲେ।

ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟଙ୍କ ସମେତ କିଟ୍ ଓ କିସ୍‌ର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ବୁଢ଼ୀ ଠାକୁରାଣୀ ରୋଷଘରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ଥାନା ଅଧୀନ ହରାପୁର ଗ୍ରାମ ବୁଢ଼ୀ ଠାକୁରାଣୀଙ୍କ ରୋଷଘରର ଝରକା ଗ୍ରିଲରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତ ଯୁବକ ହେଲେ ହରାପୁର ଗ୍ରାମର ପିତାମ୍ବର ସାହୁଙ୍କ ସାନ ପୁଅ ନିରାକାର ସାହୁ (୩୧)। ତେବେ ନିରାକାରଙ୍କ ଗୋଡ଼ ତଳକୁ ଲାଗି ଝୁଲୁଥିବାରୁ ତାଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଚେଷ୍ଟା କରାଯାଇଥିବା ସନ୍ଦେହ କରାଯାଉଛି। ମାନସିକ ଭରସାମ୍ୟ ହରାଇ ନିରାକାର ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ତେବେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଣାଯାଇଛି। ସୂଚନା ଅନୁସାରେ ଅବିବାହିତ ନିରାକାର ଜଣେ କାର ଚାଳକ। ଅଧିକାଂଶ ସମୟ ନିଶା ଖାଇ ବୁଲନ୍ତି। ୩ ଦିନ ତଳେ ତାଙ୍କର ଘରେ ଝଗଡା ହୋଇଥିଲା। ତେଣୁ ଘରକୁ ନଯାଇ ପଦାରେ ବୁଲୁଥିଲେ। ଆଜି ଭୋର ସମୟରେ ବୁଢ଼ୀ ଠାକୁରାଣୀଙ୍କ ଝରକା ଗ୍ରିଲରେ ଝୁଲି ପଡିଥିଲେ। ତେଣୁ ନିରାକାରଙ୍କୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ନେଇ ଟାଙ୍ଗି ଦିଆଯାଇଥିବା ନେଇ ସନ୍ଦେହ ପ୍ରକାଶ ପାଇଛି। ଖବର ପାଇ ପୁଲିସ ମୃତଦେହ ଜବତ କରିଥିଲା।

# ପଦଯାତ୍ରାରେ ଆଇନଶୃଙ୍ଖଳାକୁ ନେଇ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଶେରଗଡ:ଏକ୍ସପ୍ରେସ୍ ନ୍ୟୁଜ୍**

ବିଜୁ ଜନତା ଦଳର ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ପକ୍ଷରୁ ରାଜ୍ୟ ବ୍ୟାପୀ ଜନସମ୍ପର୍କ ପଦଯାତ୍ରା ଜାରି ରହିଛି। ଦୀର୍ଘ ଏକ ମାସ ଧରି ଜାରି ରହିଥିବା ଏହି ଅଭିଯାନରେ ଲୋକଙ୍କ ନିକଟତର ହୋଇ ସରକାରଙ୍କ ବିଫଳତା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସଚେତନତା କରାଯାଇଛି। ପ୍ରତି ବର୍ଷ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଠାରୁ ନଭେମ୍ବର ୨ ପର୍ଯ୍ୟନ୍ତ ଏହି ଜନସମ୍ପର୍କ ପଦଯାତ୍ରା ଆୟୋଜିତ କରାଯାଉଥିବା ବେଳେ ଚଳିତ ବର୍ଷ ନଭେମ୍ବର ୦୯ ତାରିଖ ଗୋପବନ୍ଧୁ ଜୟନ୍ତୀ ପର୍ଯ୍ୟନ୍ତ ଜାରି ରହିବ। ଏହି କ୍ରମରେ ଆଜି ଶେରଗଡ




ବ୍ଲକ ବିଜେଡି ପକ୍ଷରୁ ମାନ୍ୟବର ବିରୋଧୀ ଦଳର ନେତାଙ୍କ ବ୍ଲକ ପ୍ରତିନିଧି ଦିଗାମ୍ବର ନାହାକ ଏବଂ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକଙ୍କ ମିଳିତ ନେତୃତ୍ୱରେ ଶେରଗଡ ବ୍ଲକ ଠୁରୁବୁରାଇ ଠାରେ ଜନସମ୍ପର୍କ ପଦଯାତ୍ରା ଏବଂ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଶନିବାର ସକାଳେ ଦଳର ସମସ୍ତ ନେତୃବୃନ୍ଦ, କର୍ମୀ, ଜନପ୍ରତିନିଧି ଠୁରୁବୁରାଇ ପଞ୍ଚାୟତ ଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ଠୁରୁବୁରାଇ ଗ୍ରାମ ପରିକ୍ରମା କରି ଗୋପୀନାଥ ମନ୍ଦିର ସାମନାରେ ଏକ ସଭାର ଆୟୋଜନ କରାଯାଇଥିଲା। ଦେଢ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କ୍ଷମତାରେ ଥିବା ଡବଲ ଇଞ୍ଜିନ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ପାଳନ କରିବାରେ କିଭଳି ବିଫଳ ହୋଇଛି ଏବଂ ନବୀନ ପଟ୍ଟନାୟକ ସରକାରଙ୍କ ସମୟର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ବନ୍ଦ କରି ଦିଆଯାଇଛି, ସେନେଇ ଉପସ୍ଥିତ ଜନତାଙ୍କୁ ସଚେତନ କରାଯାଇଥିଲା। ସାରା ରାଜ୍ୟରେ ଦେଖାଯାଇଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଯୋଗୁଁ ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ମହିଳା, ବରିଷ୍ଠ ନାଗରିକ ସମସ୍ତେ ନିଜକୁ ଅସୁରକ୍ଷିତ ମଣୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବାରେ ସରକାର ବିଫଳ ହୋଇଥିବା ସଭାରେ ମଞ୍ଚାସୀନ ଦଳୀୟ ନେତାମାନେ ପ୍ରକାଶ କରିଛନ୍ତି। ଆଜିର ଏହି ପଦଯାତ୍ରା ସମୟରେ ବିରୋଧୀ ଦଳ ନେତାଙ୍କ ଡିଆରଡିଏ ପ୍ରତିନିଧି ଦେବାନନ୍ଦ ମହାପାତ୍ର, ବିରୋଧୀ ଦଳ ନେତାଙ୍କ ହିଞ୍ଜିଳିକାଟୁ ବ୍ଲକ ପ୍ରତିନିଧି ଏଲା.ସୁଦର୍ଶନ, ବ୍ଲକ ବିଜେଡି ସଭାପତି ଶରତଚନ୍ଦ୍ର ପାତ୍ର, ପୂର୍ବତନ ସରପଞ୍ଚ ସିମାଞ୍ଚଳ ପ୍ରଧାନ, ବରିଷ୍ଠ ବିଜେଡି ନେତା ହୀନ ବେହେରା, କୃଷକ ନେତା ବଳରାମ ରାଉତ, ବରିଷ୍ଠ ନେତା ଦୁର୍ଗା ମାଧବ ବିଷୋୟୀ, ସ୍ଥାନୀୟ ସରପଞ୍ଚ ଏ.ପ୍ରଭାତ ଆଚାରୀ, ପୂର୍ବତନ ସରପଞ୍ଚ ମେଘନାଦ ଦାସଙ୍କ ସମେତ ବହୁ ଦଳୀୟ ନେତା, ହଜାର ହଜାର ସଂଖ୍ୟାରେ ଦଳୀୟ କର୍ମୀ ଏବଂ ଶୁଭେଚ୍ଛୁ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ମହୁଲ ପୋଚ ଓ ଦେଶୀ ମଦ ଜବତ

**ବାମରା:ଏକ୍ସପ୍ରେସ୍ ନ୍ୟୁଜ୍**

ଗୋବିନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ତମାମ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣର ମହୁଲି ମଦ ଓ ପୋଚ ଜବତ କରିବା ସହ ଜଣକୁ ଗିରଫ କରାଯାଇଛି। ସୂଚନା ଅନୁସାରେ ଅବକାରୀ ବିଭାଗ ପକ୍ଷରୁ ବାମରା ବ୍ଲକ ଅନ୍ତର୍ଗତ ଆମମୁଡ଼ା ଓ ସିମାବର୍ଷ ସଂଲଗ୍ନ ମହୁଲଡ଼ିହି ଅଞ୍ଚଳରେ ଚଢ଼ାଉ କରାଯାଇଥିବା ବେଳେ ଗ୍ରାମ ନିକଟ ଜଙ୍ଗଲରୁ ପ୍ରାୟ ୧୫ ଶହ ଲିଟର ମହୁଲ ପୋଚ ଓ ୪୫ ଲିଟର ମଦ ଜବତ କରାଯାଇଥିଲା। ଦୁମକୁ ଗ୍ରାମର ଦଶରୁ ମାଝୀ ଏକ ଲୁନାରେ ମଦ ଚାଲାଣ କରୁଥିବା ସୂଚନା ପାଇ ଅବକାରୀ ବିଭାଗ ମସନିକାନି ରାସ୍ତାରୁ ତାକୁ ଗିରଫ କରି ୧୦ ଲିଟର ରନ୍ଧା ମଦ ଓ ଲୁନା ଗାଡ଼ି ଜବତ କରିଥିଲା।

# 'ଭୋଟ ଚୋର ଗାଦି ଛାଡ଼' କାର୍ଯ୍ୟକ୍ରମ ଓଡ଼ିଶାରେ ସମ୍ପନ୍ନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସର ସର୍ବମାନ୍ୟ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଗତ ଅଗଷ୍ଟ ୭ ତାରିଖ ଦିଲ୍ଲୀଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ପ୍ରମାଣ ଦେଇ, ନିର୍ବାଚନ ଆୟୋଗଙ୍କ ସହଯୋଗରେ ବ୍ୟାପକ ହେରଫେର ଓ ଭୋଟ ଜାଲିଆତି ହୋଇଥିବା ବର୍ଣ୍ଣନା କରିଥିଲେ। 'ଭୋଟ୍ ଚୋରି' ଜରିଆରେ ବିଜେପି କିପରି ଏକାକି ନିର୍ବାଚନ ଜିଣିଛି ଦର୍ଶାଇ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଥିଲେ। ପରବର୍ତ୍ତୀ ସମୟରେ ଭୋଟ ଚୋରି ପ୍ରସଙ୍ଗରେ ପିସିସି ସଭାପତି ଭକ୍ତ ଚରଣ ଦାସ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ୩୫ଟି ସାଂଗଠାନିକ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସାମ୍ବାଦିକ ସମ୍ମିଳନୀ କରାଯାଇ ସ୍କ୍ରିନିଂ କରାଯାଇଥିଲା। ବିଜେପିର ଏପରି ହୀନ ପଦକ୍ଷେପ ବିରୋଧରେ ଦେଶବ୍ୟାପୀ ସାଧାରଣରେ ନିନ୍ଦା କରାଯାଉଥିବା ସ୍ପଷ୍ଟ ହୋଇଛି। ନିର୍ବାଚନ ଆୟୋଗ ପରି ଏକ ପବିତ୍ର ସାମ୍ବିଧାନିକ ଅନୁଷ୍ଠାନକୁ ହାତବାରିସି କରି ଏ ଦେଶର ଆତ୍ମା 'ଗଣତନ୍ତ୍ର'କୁ ହତ୍ୟା କରିବାକୁ ଉଦ୍ୟମ କରୁଥିବା ଦଳ ଓ ଏହାର ନେତାଙ୍କୁ କଂଗ୍ରେସ ପକ୍ଷରୁ ସମାଲୋଚନା କରିବା ପାଇଁ ଏବଂ ଜନଜାଗରଣ ସୃଷ୍ଟି କରିବା ନିମନ୍ତେ ଏଆଇସିସି ପକ୍ଷରୁ 'ଭୋଟ ଚୋର ଗାଦି ଛାଡ଼' ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲ୍ଲା ସ୍ତରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକ




ପତ୍ର ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ମଶାଲ ଶୋଭାଯାତ୍ରା କରାଯାଇଥିଲା। ଅନୁରୂପ ଭାବେ ସମଗ୍ର ଭାରତ ବର୍ଷରେ ସେପ୍ଟେମ୍ବର ୧୫ ତାରିଖରୁ ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ୫ କୋଟି ଦସ୍ତଖତ ସଂଗ୍ରହ କରି ମହାମହିମ ରାଷ୍ଟ୍ରପତିଙ୍କୁ ଦସ୍ତଖତ ଅଭିଯାନ ସମ୍ବଳିତ ଦାବିପତ୍ର ଦିଆଯିବାର ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ଓପିସିସି ପକ୍ଷରୁ ୱାର ରୁମ୍ ଜରିଆରେ 'ଭୋଟ ଚୋର ଗାଦି ଛାଡ଼' ଦସ୍ତଖତ ଅଭିଯାନକୁ ଜୋରଦାର କରାଯାଇଥିଲା। ଏଥିରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ, ମହିଳା, ଛାତ୍ର, ସେବାଦଳ, ସମସ୍ତ ବିଭାଗ ଓ ପ୍ରକୋଷ୍ଠର କର୍ମକର୍ତ୍ତା ସାମିଲ ହୋଇ ଦସ୍ତଖତ ଅଭିଯାନକୁ ସଫଳ କରିଛନ୍ତି। ରାଜ୍ୟରୁ ମୋଟ ୧୨ ଲକ୍ଷ ୫୩୭ ଦସ୍ତଖତ ସଂଗ୍ରହ କରାଯାଇଛି। ଏହାକୁ ଏଆଇସିସି ପଠାଇବା ପାଇଁ ଶେଷରେ ଆଜି କଂଗ୍ରେସ ଭବନଠାରେ ବରିଷ୍ଠ କଂଗ୍ରେସ ମୁଖପାତ୍ର ତଥା ପିସିସି ୱାର ରୁମ୍ ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ଦସ୍ତଖତ ଅଭିଯାନର ନଥିପତ୍ର 'ଫ୍ଲାଗ ଅଫ' ଓ ଆଲୋଚନା କାର୍ଯ୍ୟକ୍ରମ ସହିତ ଏକ ନାଗରିକ ସଚେତନ ଶୋଭାଯାତ୍ରା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ନିରଞ୍ଜନ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ଶରତ କୁମାର ରାଉତ, ସମୀର କୁମାର ରାଉତରାୟ, ନଗେନ୍ଦ୍ର ପ୍ରଧାନ, ଶିବାନନ୍ଦ ରାୟ, ସୁଜିତ ପାଢ଼ୀ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଯୋଗଦେଇ ଭୋଟ ଚୋରି ଉପରେ ନିଜର ମତାମତ ଉପସ୍ଥାପନ କରିଥିଲେ।

## ସ୍କୁଲରେ ବିଦ୍ୟାର୍ଥୀଙ୍କୁ ପୋଷାକ ବିତରଣ

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ରାଣିଛେଲି କ୍ଲଷ୍ଟର ଅଧିନ କଳପଙ୍ଗୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ପୋଷାକ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଥ କହଁର ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଉପସ୍ଥିତରେ ଅନୁଷ୍ଠାନର ୧୭୦ ଜଣ ଛାତ୍ରଛାତ୍ରୀଙ୍କୁ ୨ ହଳ ଲେଖାଁଏ ନୂତନ ପୋଷାକ ବିତରଣ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୂର୍ବତଟ ରେଳପଥରେ ସାମୁହିକ ସଂଗୀତ କାର୍ଯ୍ୟକ୍ରମ ସହିତ 'ବନ୍ଦେ ମାତରମ୍'

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଆଜି ଭୁବନେଶ୍ୱରର ରେଳ ସଦନରେ ପ୍ରତୀକାତ୍ମକ ଜାତୀୟ ଗୀତର ଏକ ସାମୂହିକ ଗାନ ମାଧ୍ୟମରେ ଗଭୀର ଦେଶପ୍ରେମ ଉତ୍ସାହ ଏବଂ ଶ୍ରଦ୍ଧାର ସହିତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନ କରିଛି। ଅଧିକାରୀ, କର୍ମଚାରୀ ଏବଂ ସ୍କୁଲ ପିଲାମାନଙ୍କ ସାମୂହିକ ସ୍ୱରରେ 'ବନ୍ଦେ ମାତରମ୍' ଗାନ ସହିତ ଉତ୍ତର ବ୍ଲକର ଅଳିନ୍ଦ ପ୍ରକମ୍ପିତ ହୋଇଥିଲା। ଏହି ଉତ୍ସାହଜନକ ପରିବେଷଣ ପରିବେଶକୁ ଭାବନା ଏବଂ ଗର୍ବରେ ପରିପୂର୍ଣ୍ଣ କରିଥିଲା, ଭାରତ ମାତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା ଏବଂ ଏହି ଗୀତରେ ଥିବା ଏକତା, ଭକ୍ତି ଏବଂ ତ୍ୟାଗର ଭାବନାକୁ ପ୍ରତିଫଳିତ କରିଥିଲା।

ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ମହାପ୍ରବନ୍ଧକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ, ଭାରତର ସ୍ୱାଧୀନତା ଏବଂ ଜାତୀୟ ପରିଚୟର ଏକ କାଳଜୟୀ ଗୀତ ଭାବରେ 'ବନ୍ଦେ ମାତରମ୍'ର ସ୍ଥାୟୀ ଐତିହ୍ୟକୁ ପୁନଃନିର୍ମାଣ କରିଥିଲେ। ବଙ୍କିମଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ଲିଖିତ ଏହି ଅମର ଗୀତରୁ ଶକ୍ତି ଏବଂ ପ୍ରେରଣା ପାଇଥିବା ଅଗଣିତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମାବେଶ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା।

ସ୍କୁଲ ଛାତ୍ରଛାତ୍ରୀମାନେ ଏହି ଅବସରରେ ଯୁବ ଉତ୍ସାହ ବୃଦ୍ଧି କରିଥିଲେ, ସେତେବେଳେ ରେଳ ସଦନର ତ୍ରିରଙ୍ଗା ସାଜସଜ୍ଜା ଏବଂ ଦେଶପ୍ରେମର ପରିବେଶ ଏକ ଭାବପ୍ରବଣ ପରିବେଶ ସୃଷ୍ଟି କରିଥିଲା। ଏହି କାର୍ଯ୍ୟକ୍ରମ ଭାରତର ସମୃଦ୍ଧ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟ ପ୍ରତି କୃତଜ୍ଞତା ଏବଂ ଗର୍ବର ଏକ ହୃଦୟସ୍ପର୍ଶୀ ଅଭିବ୍ୟକ୍ତି ଭାବରେ କାର୍ଯ୍ୟ କରିଥିଲା।

ଗଣ ଗାନ ପରେ, ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେ, ଭାରତର ଏକତା ଏବଂ ଶକ୍ତିର ପ୍ରତୀକ ଭାବରେ 'ବନ୍ଦେ ମାତରମ୍'ର ଐତିହାସିକ ମହତ୍ତ୍ୱ ଏବଂ ଭାବପ୍ରବଣ ଶକ୍ତି ଉପରେ ପ୍ରତିଫଳିତ କଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ, କର୍ମଚାରୀ, ସ୍କୁଲ ପିଲା ଏବଂ ଅନ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଦେଶପ୍ରେମ ଗର୍ବର ସହିତ ଶୁଣିଥିଲେ। ତାଙ୍କର ପ୍ରେରଣାଦାୟକ ବାଣୀ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ଜାତୀୟତାବାଦ ଏବଂ ସାମୂହିକ ପ୍ରତିବଦ୍ଧତାର ଭାବନାକୁ ଆହୁରି ଗଭୀର କରିଥିଲା।

ପୂର୍ବ ତଟ ରେଳପଥ ଅଧୀନରେ ଥିବା ସମସ୍ତ ଡିଭିଜନ, କର୍ମଶାଳା ଏବଂ ବିଭିନ୍ନ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍'ର ସାମୂହିକ ଗାନ ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଗୀତଟିକୁ ଷ୍ଟେସନଗୁଡ଼ିକରେ ମଧ୍ୟ ପରିବେଷଣ କରାଯାଇଥିଲା, ଯାହା ଦ୍ୱାରା ଯାତ୍ରୀ ଏବଂ ରେଳ କର୍ମଚାରୀମାନେ ଜାତୀୟ ଗର୍ବ ଏବଂ ଏକତାର ମୁହୂର୍ତ୍ତରେ ନିଜର ଯୋଗଦାନ ଦେଇପାରିବେ। ସମଗ୍ର ଜୋନରେ ଏହାର ଏକକାଳୀନ ପାଳନ ଦିନଟିକୁ ସାମୂହିକ ଭାବନା ଏବଂ ଦେଶପ୍ରେମ ଭକ୍ତିର ଏକ ଉତ୍ସବ ଭାବରେ ପରିଣତ କରିଥିଲା, ଯାହା 'ରାଷ୍ଟ୍ର ପ୍ରଥମ, ସର୍ବଦା ପ୍ରଥମ' ଆଦର୍ଶକୁ ପୁନଃନିର୍ମାଣ କରିଥିଲା।

## ମଙ୍ଗଳାକ୍ଷୀ ଚାରିଟେବୁଲ ଟ୍ରଷ୍ଟର ରକ୍ତଦାନ ଶିବିର

**ଭଦ୍ରକ:ଏକ୍ସପ୍ରେସ୍ ନ୍ୟୁଜ୍**

ଧର୍ମପ୍ରାଣା ସମାଜସେବିକା ସ୍ୱର୍ଗତଃ ମଙ୍ଗଳାକ୍ଷୀ ବାରିକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଆଜି ମଙ୍ଗଳାକ୍ଷୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ବନ୍ତଛକସ୍ଥିତ ସତ୍‌ସଙ୍ଗ ବିହାର ନିକଟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ରକ୍ତଭଣ୍ଡାରର ମୁଖ୍ୟ ଡାକ୍ତର ବିମଳା ମିଶ୍ରଙ୍କ ତତ୍ତ୍ୱାବଧାନରେ ବ୍ଲଡ୍ ବ୍ୟାଙ୍କର ରୂପକ କୁମାର ସେନାପତିଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ସହଯୋଗିତାରେ ଏହି ଶିବିରର ଆୟୋଜନ ହୋଇଥିଲା। ସକାଳ ୯ ଘଟିକାରୁ ଆରମ୍ଭ ହୋଇଥିବା ଏହି ଶିବିର ଅପରାହ୍ନ ୨ ଘଟିକାରେ ଶେଷ ହୋଇଥିବାବେଳେ ମୋଟ ୬୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି ଶିବିରଟି ଟ୍ରଷ୍ଟର ସଭାପତି ରମାକାନ୍ତ ପଲାଇଙ୍କ ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣରେ ଉଦ୍‌ଯାପିତ ହୋଇଥିଲା। ପ୍ରତ୍ୟେକ ରକ୍ତଦାତାଙ୍କୁ ଟ୍ରଷ୍ଟ ପକ୍ଷରୁ ଗୋଟାଏ ଲେଖାଏଁ ଛତା ପ୍ରଦାନ କରି ଶ୍ରୀ ପଲାଇ କୃତଜ୍ଞତା ଜ୍ଞାପନ କରିଥିଲେ। ବିଶେଷକରି ରଶ୍ମିରଂଜନ ମହାକୁଡ, ମନିଷା ପଲେଇ ଓ ମିନାକ୍ଷୀ ମହାକୁଡ ପ୍ରମୁଖ ଏହି ଶିବିରର ପରିଚାଳନାରେ ସକ୍ରୀୟ ସହଯୋଗ କରିଥିଲେ।

## ବାର୍ଷିକୋତ୍ସବରେ ସମ୍ବର୍ଦ୍ଧିତ ହେବେ ୫ ସାମ୍ବାଦିକ



**ବୈଶିଙ୍ଗା/ବେତନଟୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ମୟୁରଭଞ୍ଜ ଜିଲା ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗାସ୍ଥିତ ରୟାଲ ବଗିଚା ମଣ୍ଡପ ପରିସରରେ ଅନୁଷ୍ଠିତ ହେବ ବୋଲି ବୈଶିଙ୍ଗା ମିଡ଼ିଆ ସେଣ୍ଟର ଦାୟିତ୍ୱ ନେବାପରେ ଶନିବାର ଅପରାହ୍ନରେ ଏକ ପ୍ରସ୍ତୁତି ବୈଠକ ସଭାପତି ଅରୁଣ କୁମାର ଓତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଚଳିତ ମାସ ୨୩ ତାରିଖରେ ଏହି ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାକୁ ଥିବାରୁ କିପରି ଏହି ସାମାଜିକ କାର୍ଯ୍ୟ ଅନୁଷ୍ଠିତ ହେବ ସେ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ଏହି ଉତ୍ସବର ସଠିକ ପରିଚାଳନା କରିବା ପାଇଁ ସଂଘର ଉପସ୍ଥିତ ସଦସ୍ୟଙ୍କ ସହଯୋଗ କାମନା କରାଯାଇଥିଲା। ଉତ୍ସବକୁ ମାତ୍ର ୧୨ ଦିନ ଥିବାରୁ ବିଶେଷଭାବେ ବୈଶିଙ୍ଗା ମିଡ଼ିଆ ସେଣ୍ଟରର ଅଧ୍ୟକ୍ଷ ବିମଳେନ୍ଦୁ ମହାପାତ୍ର, ସ୍ୱରୂପ ପଟ୍ଟନାୟକ, ମଧୁସୂଦନ ମହାନ୍ତିଙ୍କ ସମେତ ବେତନଟୀ ସାମ୍ବାଦିକ ଉପଖଣ୍ଡର ଉପ ସଭାପତି ସୀତାନାଥ ବେହେରା ପ୍ରମୁଖ ଦାୟିତ୍ୱ ନେଇଥିବାରୁ ସେମାନଙ୍କୁ ଉଚ୍ଚ ପ୍ରଶଂସା କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ଯୋଗଦାନ କରିଥିବା ସଦସ୍ୟମାନଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଏହି ଅବସରରେ ପାଞ୍ଚ ଜଣ ସାମ୍ବାଦିକଙ୍କ ସମେତ କେତେକ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ମୟୁରଭଞ୍ଜ ଜିଲା ସାମ୍ବାଦିକ ସଙ୍ଘ ଜିଲାର ସର୍ବ ପୁରାତନ ସଙ୍ଘ ହୋଇଥିବାବେଳେ ସଙ୍ଘ ଯେପରି ନିଜର ଗୌରବକୁ ବଜାୟ ରଖିବ ସେଥିନିମନ୍ତେ ଧ୍ୟାନ ଦେବାକୁ ସଦସ୍ୟ ମାଣିକଲାଲ ପାଣି ପ୍ରସ୍ତାବ ରଖିଥିଲେ। ସଭାପତିଙ୍କ ସମେତ ମିଡ଼ିଆ ସେଣ୍ଟର ସଦସ୍ୟ ଓ ସଦର ଉପ ସଭାପତି ମନୋଜ କୁମାର ବେହେରାଙ୍କୁ ଅତିଥିଙ୍କ ସହ ଯୋଗାଯୋଗ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ଅନ୍ୟ ସଦସ୍ୟଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଶୋକ ମହାନ୍ତି, ଶିକ୍ଷାବିତ ତଥା ଖବର କାଗଜ ସମ୍ପାଦକ ବିକାଶ ଚନ୍ଦ୍ର ସେଠୀ, ମନୋରଞ୍ଜନ ମହାନ୍ତି, ମିଲନ କୁମାର ବେହେରା, ବୁଲୁ ଦାସ, ଶିରିଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ବୈଠକ କେବେ ଅନୁଷ୍ଠିତ ହେବ ଜଣାଇ ଦିଆଯିବ ବୋଲି ସଭାପତି ପ୍ରକାଶ କରିଥିଲେ। ଉପଖଣ୍ଡ ଦାୟିତ୍ୱରେ ଥିବା ପଦାଧିକାରୀମାନେ ଉପଯୁକ୍ତ ସାମ୍ବାଦିକଙ୍କ ନାମ ପ୍ରସ୍ତାବ ଦେବାକୁ ଅନୁରୋଧ କରାଯାଇଥିଲା। ଶେଷରେ ବରିଷ୍ଠ ସାମ୍ବାଦିକ ବିମଳେନ୍ଦୁ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ବିଭାଗର ବେପରୁଆ ମନୋଭାବରୁ ପାନୀୟ ଜଳରୁ ବଞ୍ଚିତ ଅଞ୍ଚଳବାସୀ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ବ୍ଲକ ୩୩ ନଂ ଜୋନ୍ ଅନ୍ତର୍ଗତ କୋରକରା ପଞ୍ଚାୟତର ବିଶିପଦା, କୋରକରା, ବାଙ୍କେଶ୍ୱର, ନଗରୀ ପଞ୍ଚାୟତର ଅରଡିଆପଦା, ସାଇଁସୋ ଗ୍ରାମପଞ୍ଚାୟତର ଜିଗିନୀପୁର, ଉସୁମା ପଞ୍ଚାୟତର ଉତ୍ତର ଉସୁମା ପାନୀୟ ଜଳଯୋଗାଣ ପ୍ରକଳ୍ପ ଟି.ପି.ସି.ଓ.ଡି.ଏଲର ବେପରୁଆ ମନୋଭାବ ପାଇଁ ଅଚଳ ହୋଇପଡିଛି। ପ୍ରକାଶ ଥାଉ କି, ଏହି ସମସ୍ତ ପଞ୍ଚାୟତର ଆକାଉଣ୍ଟ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ରହିଛି। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏକକୀକରଣ ହେତୁ ନୂତନ ଆଇ.ଏଫ୍.ଏସ.ସି କୋଡ ସମସ୍ୟା ଦେଖାଦେଇଛି। ଯାହା ଦ୍ୱାରା ଗ୍ରାମପଞ୍ଚାୟତର ବିଦ୍ୟୁତ୍ ଦେୟ ରାଶି ଦିଆଯାଇ ପାରୁନାହିଁ। ରାଜ୍ୟ ସ୍ତରର ନିର୍ଦ୍ଦେଶ ଅନୁଯାୟୀ ଏହି ସମସ୍ୟା ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ ହେବାର ସୂଚନା ଦିଆଯାଇଛି। ସମସ୍ୟା ସମାଧାନ ପରେ ସମସ୍ତ




ବକେୟା ବିଲ ତତକ୍ଷଣାତ୍ ପଇଠ କରାଯିବ ବୋଲି ଚିଫ୍ ଅପରେଟିଂ ଅଫିସର୍ ଟି.ପି.ସି.ଓ.ଡି.ଏଲଙ୍କୁ ପତ୍ର ସଂଖ୍ୟା- ୩୯୩୪, ତା - ୨୭.୧୦.୨୦୨୫ରିଖ ମାଧ୍ୟମରେ ବାରଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ଅବଗତ କରାଇଛନ୍ତି। ସେହିପରି ନଗରୀ, ଉସୁମା, କୋରକରା, ସାଇଁସୋ ସରପଞ୍ଚମାନେ ପୃଥକ ଭାବରେ ଟି.ପି.ସି.ଓ.ଡି.ଏଲକୁ ପତ୍ର ମାଧ୍ୟମରେ ଅଣ୍ଡରଟେକିଂ ଦେଇଥିଲେ ମଧ୍ୟ ଟି.ପି.ସି.ଓ.ଡି.ଏଲ ଅଣଦେଖା କରିଛି। ବର୍ତ୍ତମାନ ୪ଟି ପଞ୍ଚାୟତର ପାଖାପାଖି ୧୦- ୧୫ ଗ୍ରାମ ପାନୀୟ ସମସ୍ୟାରେ ଗତି କରୁଥିବାବେଳେ ଆଉ ୨ଟି ପଞ୍ଚାୟତ ହରିଅନ୍ତା, ଖଲର୍ଦ୍ଦା ଉକ୍ତ ସମସ୍ୟାର ବହୁତ ଜଲଦି ସମ୍ମୁଖୀନ ହେବାର ଦେଖିବାକୁ ମିଳିପାରେ। ଟି.ପି.ସି.ଓ.ଡି.ଏଲ ବିଦ୍ୟୁତ୍ ବିଭାଗର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠେ ଯେ, ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ପତ୍ରର କ'ଣ କିଛି ମୂଲ୍ୟ ନାହିଁ? ଏହି ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବା ଫଳରେ ପ୍ରାୟ ୨୦ ହଜାର ଲୋକ ଗୁରୁତର ଭାବେ ବିଭିନ୍ନ ପ୍ରକାରର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରକଳ୍ପରେ ସଂଯୋଗିକରଣ କରାଯାଇଥିବା ଅଙ୍ଗନୱାଡ଼ି, ବିଦ୍ୟାଳୟ, ଧର୍ମସ୍ଥଳ ଆଦି ସାମୂହିକ ସ୍ଥାନମାନଙ୍କରେ ଉକ୍ତ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଟି.ପି.ସି.ଓ.ଡି.ଏଲ ନିଜର କାର୍ଯ୍ୟ ଯଥା ଟ୍ରାନ୍ସଫର୍ମରର ରକ୍ଷଣାବେକ୍ଷଣ, ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବ୍ୟାରିକେଟ ନିର୍ମାଣ, ଟ୍ରାନ୍ସଫର୍ମର ଓ ବିଦ୍ୟୁତ୍ ଖୁମ୍ବଗୁଡ଼ିକୁ ଅନାବନା ଗଛରୁ ମୁକ୍ତ କରିବା ଆଦି କାର୍ଯ୍ୟରେ ଅବହେଳା କରୁଥିବା ଦେଖିବାକୁ ମିଳିଛି। ସାରା ରାଜ୍ୟ ଡବଲ ଇଞ୍ଜିନ ସରକାର ପ୍ରଗତି ପଥରେ ଆଗେଇଥିବା ବେଳେ ଟି.ପି.ସି.ଓ.ଡି.ଏଲର ଏଭଳି କାର୍ଯ୍ୟରେ ସରକାରଙ୍କ ଉପରେ ଥିବା ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସକୁ କେଉଁଠି ନା କେଉଁଠି ଭାଙ୍ଗିବାରେ ସଫଳ ହୋଇଛି।

ନଗରୀ ସରପଞ୍ଚ ନରୋତ୍ତମ ଦାସ କହିଛନ୍ତି, ଲୋକ ପ୍ରତିନିଧିମାନଙ୍କ ଚିଠିକୁ ବିଦ୍ୟୁତ ବିଭାଗର ଅଣ ଦେଖା କରିବା ଅତ୍ୟନ୍ତ ଦୁଃଖ ଦାୟକ। ଅରଡିଆପଦା ଗ୍ରାମ ଆମ ପଞ୍ଚାୟତର ବୃହତ୍ ଗ୍ରାମ। ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସରକାର ଏହାର ଶୀଘ୍ର ସମାଧାନ କରିବେ ବୋଲି ଆଶା ରଖୁଛୁ।

କୋରକୋରା ସରପଞ୍ଚ ଅଶୋକ କୁମାର ପାତ୍ର କହିଛନ୍ତି, ମୁଁ ପ୍ରତ୍ୟେକ ମାସ ବ୍ୟାଙ୍କରେ ଟଙ୍କା ଡିପୋଜିଟ କରେ। ଏ ମାସରେ ମଧ୍ୟ ବ୍ୟାଙ୍କରେ ଟଙ୍କା ଡିପୋଜିଟ ହୋଇଛି। ମୋ ପଞ୍ଚାୟତରେ ଥିବା ୩ଟି ପାଣି ଟାଙ୍କି ବାଙ୍କେଶ୍ୱର, କୋରକରା, ବିଶୀପଦା ଅଧିନରେ ପାଖାପାଖି ୬ ରୁ ଉର୍ଦ୍ଧ୍ୱ ଗ୍ରାମ ପାଣି ସମସ୍ୟାରେ ଜର୍ଜରିତ ହେଉଛନ୍ତି। ଏକାଧିକ ଲୋକ ପ୍ରତ୍ୟେକ ଦିନ ମୋ ଘର ସମ୍ମୁଖରେ ଆସି ସମସ୍ୟାର ସମାଧାନ ହେଲା କି ନାହିଁ ପଚାରୁଛନ୍ତି ଏବଂ ମୁଁ ନିରୁପାୟ ବୋଲି ଉତ୍ତର ରଖୁଛି।

ସେହିପରି ସାଇଁସୋ ପଞ୍ଚାୟତର ସରୋଜ ମହାପାତ୍ର କହିଛନ୍ତି ବ୍ୟାଙ୍କର ତ୍ରୁଟି ଯୋଗୁଁ ଜନସାଧାରଣ କାହିଁକି ପିଇବା ପାଣି ଭଳି ଜରୁରୀ ସେବାରୁ ବଞ୍ଚିତ ହେବେ ଏହା ବିସ୍ମିତ କରୁଛି। ବିଭାଗୀୟ ତ୍ରୁଟିକୁ ନ ସୁଧାରି ପାନୀୟ ଜଳ ଭଳି ଜରୁରୀ ଆବଶ୍ୟକ ସେବାରୁ ଜନସାଧାରଣଙ୍କୁ ବଞ୍ଚିତ କରାଯାଉଛି। ଉପରୋକ୍ତ ସରପଞ୍ଚ ଓ ଅଞ୍ଚଳବାସୀଙ୍କ ତରଫରୁ ଯଥାଶୀଘ୍ର ପାନୀୟ ଜଳ ପ୍ରକଳ୍ପକୁ ବିଦ୍ୟୁତ୍ ସଂଯୋଗ ପୁନଃସ୍ଥାପନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିନମ୍ର ଅନୁରୋଧ କରାଯାଇଛି।

## ବରିଷ୍ଠ ଚାଷୀଙ୍କ ପରଲୋକ

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୁହୁଡି ଗ୍ରାମର ଜଣାଶୁଣା ବରିଷ୍ଠ ଚାଷୀ ତଥା ସମାଜସେବୀ ଦୈତାରୀ ନାୟକଙ୍କ ୭୮ ବର୍ଷରେ ନିଜ ବାସଭବନ ଠାରେ ଅକାଳ ବିୟୋଗ ଘଟିଛି। ସ୍ୱର୍ଗତ ଦୈତାରୀ ୧୯୫୩ ମସିହା ଅପ୍ରେଲ ୪ ତାରିଖରେ ଜନ୍ମଗ୍ରହଣ କରିଥିବା ବେଳେ ଏକାଦଶ ପାଠ୍ୟରେ ଉତ୍ତୀର୍ଣ୍ଣ ହୋଇ ଅବିଭକ୍ତ କୋରାପୁଟରେ ପ୍ରାଥମିକ ଶିକ୍ଷକ ଭାବେ ନିଯୁକ୍ତି ପାଇଥିଲେ। ସ୍ୱଳ୍ପ ଦରମାରେ ଚାକିରି କରି ଗମନାଗମନ ସୁବିଧା ନଥାଇ ଘରଘର ବୁଲି ଆଜିର ଶିଶୁ କାଲିର ଭବିଷ୍ୟତକୁ ନିଜ ହାତରେ ଗଢି ତୋଳି ଥିଲେ। ସେ ସମୟରେ ତେଲ ଲୁଣ ସଂସାର ଚଳେଇବା କଷ୍ଟସାଧ୍ୟ ହୋଇଥିବା ବେଳେ ଘରର ବଡ଼ପୁଅ ହୋଇ ନିଜର କର୍ମମୟ ଜୀବନ ସୁଚାରୁରୂପେ ସମ୍ପାଦନା କରିଥିଲେ ଓ ନିଜର ନିଷ୍ଠା କର୍ତ୍ତବ୍ୟ ଆଗରେ ଘରେ ଘରେ ପରିଚିତ ହୋଇପାରିଥିଲେ। ସ୍ୱର୍ଗତ ଦୈତାରୀ ସରଳ, ଶାନ୍ତ, ମିଷ୍ଟଭାଷୀ ପରୋପକାରୀ ବ୍ୟକ୍ତି ଥିଲେ। ହଠାତ୍ ଗତକାଲି ରାତ୍ର ୯.୩୦ ମିନିଟ ସମୟରେ ହୃଦଘାତରେ ପରଲୋକ ଖବର ଶୁଣି ସାରା ଅଞ୍ଚଳ ଶୋକର ଛାୟା ଖେଳିଯାଇଛି। ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ବଡ଼ପୁଅ ତପନ ମୁଖାଗ୍ନି ଦେଇଥିଲେ। ସାନପୁଅ ତରୁଣ, ବୋହୂ, ନାତିନାତୁଣୀ ପରିବାର ବର୍ଗ ଉପସ୍ଥିତ ଥିଲେ। ଶୋକସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି ପୁରୀ ଜିଲ୍ଲାର ପ୍ରଶାସନିକ ଅଧିକାରୀ ରାଜନେତା ସମାଜସେବୀଙ୍କ ସହ ଓଡ଼ିଶା କର୍ମଜୀବି ସାମ୍ବାଦିକ ସଂଘ ପୁରୀ ଜିଲ୍ଲା ଶାଖା ତଥା ସଭାପତି ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର ସଭାପତି ଶରତ ପରିଡ଼ା।

# ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 9th November, 2025 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15


## ଚୋରଙ୍କ ଭୁଲ ନିଷ୍ପତ୍ତି

**ହେଲ୍‌ଥ ଟନିକ୍**



ଚୋରମାନେ ଘରେ ପଶି ଘର ମାଲିକଙ୍କ ଗୋଡ଼ହାତ ବାନ୍ଧି ସ୍ତ୍ରୀଙ୍କୁ ଦେହରେ ଥିବା ଗହଣା ଖୋଲି ଦେବାକୁ କହିଲେ। ସ୍ତ୍ରୀ କହିଲେ- ମୁଁ ସବୁ ଦେଇଦେବି। ତମେମାନେ ଜମା ବ୍ୟସ୍ତ ହୁଅନା। ପ୍ରଥମେ ତାଙ୍କୁ ଖୋଲିଦିଅ।

ଜଣେ ଚୋର କହିଲା- ତାଙ୍କୁ ଖୋଲିଦେଲେ ତମେ ଆଉ କ'ଣ ଆମ କଥା ଶୁଣିବ?

ସ୍ତ୍ରୀ କହିଲେ- ସବୁ ଶୁଣିବି। ଆଗ ତାଙ୍କୁ ଖୋଲ। ସେ ମୋ ସ୍ୱାମୀ ନୁହନ୍ତି। ସେ ଆମ ପଡ଼ିଶାଘର ଭୂଜନ୍ତି। ଏବେ ମୋ ସ୍ୱାମୀଙ୍କ ଆସିବା ବେଳ ହୋଇଗଲାଣି। ପ୍ଲିଜ୍ ତାଙ୍କୁ ଖୋଲିଦିଅ।

# ବର୍ଷାରେ ଧୋଇଗଲା ଶେଷ ମ୍ୟାଚ୍: ୨-୧ରେ ସିରିଜ ଜିତିଲା ଭାରତ

ନୂଆଦିଲ୍ଲୀ,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍

ଅଷ୍ଟ୍ରେଲିଆ ମାଟିରେ ପୁଣି ଗୋଟିଏ ଟି-୨୦ ସିରିଜ ଜିତିଛି ଭାରତୀୟ ଟିମ। ଆଜି ଶେଷ ଟି-୨୦ ବର୍ଷା ଯୋଗୁ ଧୋଇ ହୋଇ ଯାଇଛି। ଶେଷ ମ୍ୟାଚ୍‌କୁ ବର୍ଷା ଧୋଇ ଦେବାରୁ ଭାରତୀୟ ଟିମ ୨-୧ରେ ସିରଜ୍ଜୁ କବଜା କରି ନେଇଛି।

୨୦୧୧/୧୨ରୁ ଭାରତ କେବେ ହେଲେ ବି ଅଷ୍ଟ୍ରେଲିଆ ମାଟିରେ ଟି-୨୦ ସିରିଜ ହାରି ନାହିଁ। ଏହାକୁ ସୂର୍ଯ୍ୟ କୁମାର ଯାଦବଙ୍କ ଯୁବ ଟିମ ମଧ୍ୟ ଅତୁଟ ରଖିଛି। ୨୦୦୭/୦୮ରେ ଭାରତ ଶେଷଥର ପାଇଁ କୌଣସି ଟି-୨୦ ସିରିଜ ଅଷ୍ଟ୍ରେଲିଆ ମାଟିରେ ହାରିଥିଲା। ଏହି ସିରିଜର ପ୍ରଥମ ମ୍ୟାଚ୍ ବର୍ଷା ଧୋଇ ଦେଇଥିଲା। ଦ୍ୱିତୀୟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଦମଦାର ଢଙ୍ଗରେ ୪ ୱିକେଟରେ ଜିତିଥିଲା। ୧-୦ରେ ପଛରେ ଥିବା ଭାରତୀୟ ଟିମ ତୃତୀୟ ଟି-୨୦ରେ କମବ୍ୟାକ କରିଥିଲା। ଦଳ ଏହି ମ୍ୟାଚ୍‌କୁ ୫ ୱିକେଟରେ ଜିତିଥିଲା। ୪ର୍ଥ ଟି-୨୦ ମଧ୍ୟ ଭାରତ ସପକ୍ଷରେ ଯାଇଥିଲା। ଏହି ମ୍ୟାଚ୍‌କୁ ଭାରତ ୪୮ ରନରେ ଜିତି ଟି-୨୦ ସିରିଜରେ ୨-୧ରେ ଆଗୁଆ ହୋଇ ଯାଇଥିଲା।

ଆଜି ଗାବାରେ ଖେଳା ଯାଇଥିଲା ୫ମ ଟି-୨୦। ଭାରତ ଅପେକ୍ଷା ଘରୋଇ ଅଷ୍ଟ୍ରେଲିଆ ପାଇଁ ଆଜିର ମ୍ୟାଚ୍ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା। ମ୍ୟାଚ୍ ଜିତି ସିରିଜ ବରାବର ଲକ୍ଷ୍ୟରେ ଥିଲା କଙ୍ଗାରୁ ଟିମ। ମ୍ୟାଚ୍‌ରେ ଟସ୍ ଜିତି ଅଧିନାୟକ ମିଚେଲ ମାର୍ଶ ବୋଲିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଚ୍ୟାଲେଞ୍ଜିଂ କଣ୍ଡିସନରେ ଭାରତର ଦୁଇ ଓପନର ଅଭିଷେକ ଶର୍ମା ଓ ଶୁବମନ ଗିଲ ଅଷ୍ଟ୍ରେଲିଆ ବୋଲରଙ୍କୁ କାଉଣ୍ଟର ଆଟାକ କରିଥିଲେ। ୪.୫ ଓଭର ସୁଦ୍ଧା ଭାରତ ବିନା ୱିକେଟରେ ୫୨ ରନରେ ପହଞ୍ଚି ଯାଇଥିଲା। ଅଭିଷେକ ଶର୍ମା ୧୩ ବଲରେ ୨୩ ଓ ଗିଲ ୧୬ ବଲରେ ୨୯ ରନ କରିଥିଲେ। ଭାରତ ବଡ ସ୍କୋର ଲକ୍ଷ୍ୟରେ ଆଗକୁ ବଢୁଥିଲା। କିନ୍ତୁ ଏହି ସମୟରେ ହଠାତ୍ ଅଷ୍ଟ୍ରେଲିଆ ଆକାଶରେ ମାରିଥିଲା ବିଜୁଳି। ଏହାର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ଖେଳାଳି ଓ ଦର୍ଶକଙ୍କୁ ତୁରନ୍ତ ଖୋଲା ସ୍ଥାନରୁ ଚାଲି ଯିବାକୁ କୁହାଯାଇଥିଲା। ଘନଘନ ବିଜୁଳି ମାଡ ଯୋଗୁ ମ୍ୟାଚ୍‌କୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା। ବିଜୁଳି ମାଡ ପରେ ଆରମ୍ଭ ହୋଇଥିଲା ବର୍ଷା। ଲାଗୁଥିଲା କିଛି ସମୟ ପରେ ବର୍ଷା ଛାଡି ଯିବ। ହେଲେ ସମୟ ଗଡ଼ିବା ସହ ବର୍ଷାର ପ୍ରକୋପ ବଢ଼ି ଚାଲିଥିଲା। ଶେଷରେ ଦୁଇ ଅମ୍ପାୟାର ମ୍ୟାଚକୁ ବାତିଲ କରିବାକୁ ବାଧ ହୋଇଥିଲେ। ମ୍ୟାଚ୍ ବାତିଲ ହେବା କ୍ଷଣି ଭାରତ ୨-୧ରେ ଟି-୨୦ ସିରିଜକୁ କବଜା କରିଛି। ସୂର୍ଯ୍ୟ କୁମାର ଯାଦବ ବିଜୟ ଟ୍ରଫି ଗ୍ରହଣ କରିଛନ୍ତି। ସେହିପରି ୧୬୩ ରନ କରିଥିବା ଭାରତର ଅଭିଷେକ ଶର୍ମାଙ୍କୁ ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଛି। ଏହାପୂର୍ବରୁ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଦିନିକିଆ ସିରିଜ ଖେଳା ଯାଇଥିଲା। ଏହାକୁ ଅଷ୍ଟ୍ରେଲିଆ ୨-୧ରେ ଜିତି ନେଇଥିଲା। କିନ୍ତୁ ଏବେ ଭାରତ ଟି-୨୦ ସିରିଜକୁ ଜିତି ନେଇଛି।




## ଆଦିବାସୀଙ୍କ ସମସ୍ୟାର ସମାଧାନ କରିବି: ମୁଖ୍ୟମନ୍ତ୍ରୀ



ସୁନାବେଡ଼ା,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ସ୍ୱାଧିନତା ପରେ ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ମୋହନ ମାଝୀ ସୁନାବେଡ଼ାରେ ପହଞ୍ଚିଛନ୍ତି। ଏହି ଅବସରରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଛନ୍ତି। ପ୍ରଥମେ ମା' ସୁନାଦେଇ ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରାର୍ଥନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମନ୍ଦିରରେ ପରିସରରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ସ୍ଥାନୀୟ ସରପଞ୍ଚ ଏବଂ ଲୋକଙ୍କ ଲିଖିତ ଅଭିଯୋଗ ଶୁଣିଛନ୍ତି। ଏହାପରେ ବିଜେପି ପକ୍ଷରୁ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜୟ ଢ଼ୋଲକିଆଙ୍କ ପାଇଁ ଭୋଟ୍ ଭିକ୍ଷା କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ମାଝୀ କହିଛନ୍ତି, ଆଗକୁ ସୁନାବେଡ଼ା ଅଞ୍ଚଳର ବିକାଶ ହେବ। ସୁନାବେଡ଼ା ଅଞ୍ଚଳରେ ଯେଉଁ ଯେଉଁ ସମସ୍ୟା ତାର ସମାଧାନ ହେବ ବୋଲି ସ୍ଥାନୀୟ ବାସିନ୍ଦା ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ଦାବି ଶୁଣିବା ପରେ ପ୍ରତିଶ୍ରୁତି ଦେଇଛନ୍ତି ସୁନାବେଡ଼ା ଅଞ୍ଚଳରେ କଲେଜ ପ୍ରତିଷ୍ଠା ହେବ ସହ ମେଡିକାଲର ମଧ୍ୟ ଉନ୍ନତି କରାଯିବ ବୋଲି ମୋହନ କହିଛନ୍ତି। ସେହିପରି ସ୍ୱତନ୍ତ୍ର ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ମୁଁ ଜନଜାତି ବର୍ଗଙ୍କୁ ପ୍ରତିନିଧିତ୍ୱ କରୁଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ଭାବେ ମୋର ଆଦିବାସୀ ଭାଇ ଭଉଣୀଙ୍କ ବିକାଶ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ବିଜେଡି ଏବଂ ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଏହା ସହିତ ନବୀନଙ୍କୁ ପ୍ରଶ୍ନ କରିଛନ୍ତି ମୋହନ, ୨୪ ବର୍ଷ କ୍ଷମତାରେ ଥିଲା ବିଜେଡ଼ି। ସୁନାବେଡ଼ାରେ କାହିଁକି ବିକାଶ କରି ନଥିଲା ବିଜେଡି, ତାର ଉତ୍ତର ଦେଇ ପାରିବେ କି? ଆଦିବାସୀଙ୍କୁ ମୌଳିକ ସୁବିଧା ସୁଯୋଗ ବଞ୍ଚିତ ରଖିଥିଲା ପୂର୍ବ ବିଜେଡି ସରକାର। ତାର ଉତ୍ତର ଦେଇ ପାରିବେ କି? ବିଜେଡି ପାଇଁ ସୁନାବେଡ଼ା ପଛୁଆ ଥିଲା। କିନ୍ତୁ ବିଜେପି ସରକାର ସୁନାବେଡ଼ା ବିକାଶ କରିବ। ନବୀନ ବାବୁ ସୁନାବେଡ଼ାକୁ କେବେ ଆସି ନାହାନ୍ତି। ଆସିଥିଲେ କେଉଁ ଭାଷାରେ କଥା ହୋଇ ଥାଆନ୍ତେ। ସେ ଭାଷାରେ କଥା ହେବେ। ଆପଣଙ୍କ କଥା କେବେ ବୁଝିପାରିବେ ନାହିଁ। ଯିଏ ଓଡ଼ିଆ ଭାଷା କହିପାରୁ ନାହାନ୍ତି। ୨୪ ବର୍ଷ ଶାସନ କରିବା ପରେ ବି ଯିଏ ଓଡ଼ିଆ ଶିଖି ପାରିଲେ ନାହିଁ। ସିଏ କେମିତି ଆପଣଙ୍କ ଆଦିବାସୀ ଭାଷା ବୁଝିବେ। ୨୪ ବର୍ଷ ଧରି ସିଏ ସୁନାବେଡାକୁ ଆସିଲେ ନାହିଁ। ଆସିଥିଲେ ଜାଣିଥାଆନ୍ତେ। କେବଳ ପୋଷ୍ଟର ମାରିଛନ୍ତି। ଆଉ ଏବେ ଭୋଟ୍ ମାଗିବା ପାଇଁ କେଉଁ ମୁହଁରେ ଆସୁଛନ୍ତି ନବୀନ ବାବୁ। ମୁଁ କିନ୍ତୁ ଆଦିବାସୀ ଆପଣ କଥା ବୁଝିବି। ଆପଣଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବି।

# ଜବରଦଖଲକାରୀଙ୍କ କବଜାରେ ମାର୍କେଟ ଜମି

ଭୁବନେଶ୍ୱର,୮।୧୧: ତଥ୍ୟ

ନବେ ଦଶକରେ ରାଜଧାନୀରେ ପ୍ରତିଷ୍ଠା ହୋଇଥିବା ଇନ୍ଦ୍ରଧନୁ ମାର୍କେଟ ଆଖପାଖରେ ଥିବା ମୂଲ୍ୟବାନ ଜମି ଏବେ ଜବରଦଖଲକାରୀଙ୍କ କବଜାରେ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏହି ଜମିକୁ ଉଦ୍ଧାର କରିବା ତ ଦୂରରକଥା ବେଆଇନ୍ ନିର୍ମାଣକାରୀଙ୍କୁ ରୋକିବାକୁ ବି ସାହସ ଜୁଟାଇ ପାରୁନାହିଁ।



ଇନ୍ଦ୍ରଧନୁ ମାର୍କେଟ ନିର୍ମାଣ ସମୟରେ ଏଠାରେ ସ୍ଥାୟୀ ଦୋକାନ ପାଇଁ କୋଠା ନିର୍ମାଣ ସହିତ ପନି ପରିବା ବ୍ୟବସାୟ ପାଇଁ ପିଣ୍ଡି ନିର୍ମାଣ ହୋଇଥିଲା। ଏଥି ସହିତ କିଛି ଆବାସିକ ଗୃହ ମଧ୍ୟ ତିଆରି ହୋଇଥିଲା। ନିର୍ମାଣ ପରେ ଏହାକୁ ଲାଗି ଅନେକ ମୂଲ୍ୟବାନ୍ ଜମି ଥିଲା।

ପିଣ୍ଡିଗୁଡିକ ଏବେ ସ୍ଥାୟୀ ଦୋକାନଘର ପାଲଟିଥିବାବେଳେ ପିଣ୍ଡିରେ ବସି ବ୍ୟବସାୟ କରିବାକୁ ଥିବା ବେପାରୀମାନେ ତଳେ ବସୁଛନ୍ତି। ଏମାନଙ୍କ ସଂଖ୍ୟା ଦିନକୁ ଦିନ ବଢିବାରେ ଲାଗିଛି। ପିଣ୍ଡିର କାୟା ବି ବଦଳିଯାଇଛି। ତେବେ ହାଟ ନିକଟରେ ଥିବା ମୂଲ୍ୟବାନ୍ ଜମିକୁ କିଛି ବ୍ୟବସାୟୀ ଓ ଜବରଦଖଲକାରୀ କବ୍‌ଜାକରି ନେଇଛନ୍ତି। ଏହି ମୂଲ୍ୟବାନ୍ ଜମିରେ ପ୍ରଥମେ ବାଉଁଶ ପୋତି ଅସ୍ଥାୟୀ ଦୋକାନ କରି ବସିଲେ। ଏହାପରେ ବାଉଁଶ ଓ ଜରିପାଲ ତଳେ ସିମେଣ୍ଟ ପିଣ୍ଡି ତିଆରି କଲେ। ସେତେବେଳେ ଏମାନଙ୍କୁ କୌଣସି ପ୍ରକାର ବିରୋଧ ନହେବାରୁ ଧିରେ ଧିରେ ସେହିସବୁ ସ୍ଥାନରେ ସ୍ଥାୟୀ ଦୋକାନଘର ତିଆରି କରି ତାହାକୁ ଭଡାରେ ଲଗାଇ ଦେଇଛନ୍ତି। ବିଡିଏ ପକ୍ଷରୁ ଏହି ଜମିକୁ ଜବରଦଖଲମୁକ୍ତ କରାଯିବା ବଦଳରେ ସେଠାରେ ଟାଇଲ୍ ବିଛାଇ ଏକ ପ୍ରକାର ନିୟମିତ କରିଦିଆଯାଇଛି। ବିଡିଏ ଓ ସାଧାରଣ ପ୍ରଶାସନ ବିଭାଗ କର୍ତ୍ତୃପକ୍ଷ ହାଟରୁ ନିୟମିତ ଟିକସ ଆଦାୟ କରୁଥିବାବେଳେ ଜବରଦଖଲ ହୋଇଯାଉଥିବା ଏହି ଜମିକୁ କିଭଳି ଦେଖିପାରୁ ନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗୋଟିଏ ପଟେ ସରକାରୀ ଜମି ଜବଦରଖଲ ହୋଇ ଦୋକାନ ତିଆରି ହୋଇଥିବାବେଳେ ଏହା ନିକଟରେ ବି ସ୍ଥାୟୀ ବସ୍ତିଗଢି ଉଠିଛି। ଇନ୍ଦ୍ରଧନୁ ମାର୍କେଟ ଚାରିପଟେ ଏଭଳି ବେଆଇନ୍ ଦୋକାନଘର ନିର୍ମାଣ ସହିତ ଦୋକାନଗୁଡିକ ଖୋଲୁଥିବାରୁ ଯେଉଁମାନେ ଲକ୍ଷାଧିକ ଟଙ୍କା ବ୍ୟୟରେ ସରକାରଙ୍କ ଠାରୁ ଦୋକାନଘର କିଣିଥିଲେ ସେମାନଙ୍କ ବ୍ୟବସାୟ ମାନ୍ଦା ହେବାରେ ଲାଗିଛି। ଏହି ମାର୍କେଟକୁ ଆସୁଥିବା ଲୋକେ ଭିତରକୁ ଆସିବା ବଦଳରେ ବାହାରକୁ ସାମଗ୍ରୀ ଧରି ପଳାଉଥିବା କିଛି ବ୍ୟବସାୟୀମାନେ ମତ ଦେଉଛନ୍ତି।

ସେହିଭଳି ହାଟ ଚାରିପଟେ ଥିବା ଜମି ଜବରଦଖଲ ହେବାରୁ ଉଠା ଦୋକାନୀମାନେ ସ୍ଥାନ ଟିକେ ପାଇବାପାଇଁ ଧିରେ ଧିରେ ମାର୍କେଟ ଭିତରେ ଭିଡ ଜମାଇବାରେ ଲାଗିଛି। ଏଥିପାଇଁ ସଂଧ୍ୟା ହେଲେ ମାର୍କେଟକୁ ଯାଉଥିବା ଲୋକେ ନିଜ ନିଜ ଯାନବାହାନ ରଖିବାକୁ ସ୍ଥାନ ଟିକେ ପାଉନାହାନ୍ତି। କାରଣ ଯେଉଁସବୁ ସ୍ଥାନରେ ଯାନବାହାନ ପାଇଁ ପାର୍କିଂ ହୋଇପାରିଥାନ୍ତା ସେଠାରେ ବେଆଇନ୍ ଦୋକାନଗୁଡିକ ଗଢି ଉଠିଛି। ରାଜଧାନୀର କେବଳ ଏହି ଗୋଟିଏ ମାର୍କେଟ ନୁହେଁ ଅଧିକାଂଶ ମାର୍କେଟ ଆଖପାଖରେ ଥିବା ମୂଲ୍ୟବାନ ଜମି ଜବରଦଖଲ ହେବା ସହିତ ସେଠାରେ ଦୋକାନ ବଜାର ଗଢି ଉଠୁଛି। ଏଥିଯୋଗୁଁ କେବଳ ମାର୍କେଟରେ ଥିବା ବ୍ୟବସାୟୀମାନେ କ୍ଷତି ସହୁ ନାହାନ୍ତି ମାର୍କେଟକୁ ଆସୁଥିବା ଲୋକେ ବି ଗାଡିମୋଟର ଟିକେ ରଖିବାକୁ ସ୍ଥାନ ନପାଇ ହୀନସ୍ତା ହେବାରେ ଲାଗିଛନ୍ତି।

## ଶୁକ୍ରବାର ବିଜେଡିରେ ମିଶିଥିବା ନେତାଙ୍କ ଘରେ ଆଇଟି ରେଡ୍

ନୂଆପଡ଼ା,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍

ନୂଆପଡ଼ା ଉପନିର୍ବାଚନ ପାଇଁ ଜୋରଦାର ଚାଲିଛି ପ୍ରଚାର। ତିନି ପ୍ରମୁଖ ରାଜନୈତିକ ଦଳ ନିଜନିଜ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବାରେ ଲାଗିପଡିଛନ୍ତି। ଏହାରି ଭିତରେ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଖରିଆର ରୋଡ୍ ନଗର କଂଗ୍ରେସର ପୂର୍ବତନ ସଭାପତି ତଥା ବର୍ତ୍ତମାନର ବିଜେଡି ନେତା ମହମ୍ମଦ ଜୁନେଦଙ୍କ ଘରେ ଆଇଟି ବିଭାଗ ତରଫରୁ ରେଡ୍ ହୋଇଥିବା ସୂଚନା ମିଳିଛି।

ମହମ୍ମଦ ଜୁନେଦ ନୂଆପଡା କଂଗ୍ରେସର ଜଣେ ଟାଣୁଆ ମୁସଲିମ୍ ନେତା ଭାବେ ଜଣାଶୁଣା। ସେ ଖରିଆର ରୋଡ ନଗର କଂଗ୍ରେସର ପୂର୍ବତନ ସଭାପତି ମଧ୍ୟ ଥିଲେ। ଶୁକ୍ରବାର ସେ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ପରକୋଡ଼୍ ଠାରେ ଆୟୋଜିତ ବିଜେଡିର ଜନସଭା ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ। ତାଙ୍କର ଶତାଧିକ ସମର୍ଥକ ମଧ୍ୟ ବିଜେଡିରେ ମିଶିଥିଲେ।

ବିଜେଡିରେ ମିଶିବା ପରେ ସେ କହିଥିଲେ, ମୁଁ ଦୀର୍ଘ ୧୭ ବର୍ଷରୁ ଅଧିକ ସମୟ ଧରି କଂଗ୍ରେସ ଦଳରେ ନିଷ୍ଠାର ସହ କାମ କରି ଆସୁଥିଲି। କିନ୍ତୁ କଂଗ୍ରେସ କେବଳ ନିର୍ବାଚନ ସମୟରେ ସକ୍ରିୟ ହୋଇଯାଏ ଏବଂ ନିର୍ବାଚନ ସରିବା ପରେ ସମସ୍ତେ ଚୁପ୍ ବସି ଯାଉଛନ୍ତି। ଲୋକଙ୍କ ସହ ଦଳର ସମ୍ପର୍କ ରହୁନାହିଁ। ଅପରପକ୍ଷେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ଆଦର୍ଶ ମୋତେ ସର୍ବଦା ପ୍ରଭାବିତ କରିଥିଲା। ବିଜେଡି ସରକାର ଅମଳରେ ଓଡ଼ିଶାରେ ଯେଉଁ ଅଭୁତପୂର୍ବ ବିକାଶ ହୋଇଛି ତାହା ପୂର୍ବରୁ କେବେ ହୋଇନଥିଲା। ସେ ସାରା ଦେଶର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା। ତେଣୁ ମୁଁ ବିଧିବଦ୍ଧ ଭାବେ ବିଜେଡିରେ ମିଶିବା ପାଇଁ ନିଷ୍ପତ୍ତି ନେଇଥିଲି ବୋଲି ସେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଗୁଣ୍ଡିଚା ମନ୍ଦିର...

ଓ କ'ଣ ପାଇଁ ରଥଯାତ୍ରାର ୨-୩ ଦିନ ପୂର୍ବରୁ ସେଠାରେ ଡେରା ପକାଇ ରହିଥିଲେ, ଏହି ଅଘଟଣରେ ସେମାନଙ୍କୁ କାହିଁକି ଉତ୍ତରଦାୟୀ କରାଗଲାନି ଓ ଅନୁ ଗର୍ଗ କମିଟି କାହିଁକି ଚୁପ୍ ରହିଛି ତାହା ବି ସାଧାରଣରେ ସନ୍ଦେହ ବଢ଼ାଇଛି।

ଅନୁ ଗର୍ଗ ତଦନ୍ତ କମିଟି ଆଗରେ ପୁଲିସ ଡିଜି ଶ୍ରୀ ଖୁରାନିଆ ଉପସ୍ଥିତ ନହେବା କିମ୍ବା ବ୍ୟକ୍ତିଗତ ହାଜର ହୋଇ ସାକ୍ଷ୍ୟ ନଦେବା ହିଁ କମିଟିର ରିପୋର୍ଟ ଏବଂ ନିରପେକ୍ଷତାକୁ ସନ୍ଦେହଘେରକୁ ଆଣିଛି। ଯଦିଓ ରଥଯାତ୍ରାର ୩ଦିନ ପୂର୍ବରୁ ଜୁନ୍ ୨୪ତାରିଖରେ ପୁଲିସ ଡିଜି ଶ୍ରୀ ଖୁରାନିଆ ବରିଷ୍ଠ ପୁଲିସ ଅଧିକାରୀମାନଙ୍କ ସହ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ପୁରୀ ଟାଉନ୍ ଥାନା ପରିସରରେ ପ୍ରଥମଥର ପାଇଁ ଅତ୍ୟାଧୁନିକ ଜ୍ଞାନକୌଶଳ ବିଶିଷ୍ଟ ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ସ୍ଥାପନ କରାଯାଇଛି। ଉତ୍ତରା ଛକରୁ ପୁରୀ-କୋଣାର୍କ ରୋଡ୍ ପର୍ଯ୍ୟନ୍ତ ଏଆଇ କ୍ୟାମେରା ମାଧ୍ୟମରେ ଏହି କମାଣ୍ଡ ସେଂଟରରୁ ରଥଯାତ୍ରାର ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖାଯିବ। ଏହାମଧ୍ୟ ଶ୍ରଦ୍ଧାଳୁଙ୍କ ଭିଡ ନିୟନ୍ତ୍ରଣ ଓ ଟ୍ରାଫିକ ପରିଚାଳନାରେ ସହାୟକ ହେବ।

ତେବେ ପୁଲିସ ଡିଜିଙ୍କ ଏହି କଥାରେ ସାଧାରଣ ଲୋକ ଭରସା କରିଥିବାବେଳେ ରଥଯାତ୍ରାବେଳେ 'ଆଇସିସିସି' କିଭଳି ଫେଲ୍ ମାରିଲା ଓ ଡିଜିପି ନିଜେ ପୁରୀରେ ଉପସ୍ଥିତ ଥାଇ କାହିଁକି ଏହାର ତଦାରଖ କରୁନଥିଲେ ତାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ପୁଲିସ ଡିଜି ନିଜେ ଜୁନ୍ ୨୫ତାରିଖରୁ ପୁରୀରେ ଡେରା ପକାଇ ସାମଗ୍ରିକ ତଦାରଖର ଦାୟିତ୍ୱ ନେଇଥିଲେ। କିନ୍ତୁ ଅନୁ ଗର୍ଗ କମିଟି ତାଙ୍କୁ ଓ ଅନ୍ୟାନ୍ୟ ତଦାରଖ ଦାୟିତ୍ୱରେ ନିୟୋଜିତ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କୁ ପରୋକ୍ଷରେ କ୍ଲିନଚିଟ୍ ଦେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ୨୦୨୫ ମସିହା ଜୁନ୍ ୨୯ ତାରିଖରେ ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ହୋଇଥିଲା। ଏହି ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସରକାର ଉନ୍ନୟନ କମିଶନର ଅନୁ ଗର୍ଗଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ତଦନ୍ତ ରିପୋର୍ଟ ଆଧାରରେ ଆଜି ୭ ଜଣ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିସ୍ କରାଯାଇଛି।

### ବିଧାନସଭା ନିର୍ବାଚନ...

କରିଛି। ଚୋର କମିସନ କ'ଣ ଏହାର ଉତ୍ତର ଦେବେ? ଏସବୁ କ'ଣ ବାହାରୁ ଆସି ବିହାରରେ ଡେରା ପକାଇଥିବା ଗଣତନ୍ତ୍ରର ଲୁଟେରାଙ୍କ ଇଙ୍ଗିତରେ ଘଟୁଛି କି ବୋଲି ଦଳ ପ୍ରଶ୍ନ କରିଛି।

ଏହି ବିଧାନସଭା ଆସନ ପାଇଁ ଭୋଟ୍ ନଭେମ୍ବର ୬ ତାରିଖରେ ହୋଇଥିଲା। ଭୋଟ୍ ହେବାର ମାତ୍ର ଦୁଇ ଦିନ ପରେ, ଶୀତଲପଟ୍ଟି ଗାଁରେ ଅଳିଆ ଗଦାରୁ ଭିଭିପାଟ୍‌ର ବାଲଟ୍ ପେପର୍ ମିଳିଥିଲା। ଏହା ନିର୍ବାଚନ କମିସନଙ୍କ ଉପରେ ପ୍ରଶ୍ନ ଉଠାଇଛି। ବିବାଦ ବଢ଼ିବା ପରେ, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୁଲିସ ଅଧୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଏସମ୍ପର୍କରେ, ମୁଖ୍ୟ ନିର୍ବାଚନ କମିସନର କହିଛନ୍ତି, ସମସ୍ତିପୁର ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କୁ ଘଟଣାସ୍ଥଳ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଗୁଡ଼ିକ ଏକ ମକ୍ ପୋଲ୍‌ର ଭିଭିପାଟ୍ ସ୍ଲିପ୍। ଭୋଟ୍ ପ୍ରକ୍ରିୟାର ଅଖଣ୍ଡତା ବଜାୟ ରଖାଯାଇଛି। ଜିଲ୍ଲା ମାଜିଷ୍ଟ୍ରେଟ୍ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀମାନଙ୍କୁ ମଧ୍ୟ ସୂଚନା ଦେଇଛନ୍ତି। ତଥାପି, ଅବହେଳା ପାଇଁ ସମ୍ପୃକ୍ତ ଏଆରଓଙ୍କୁ ନିଲମ୍ବିତ କରାଯାଉଛି ଏବଂ ଏକ ଏଫଆଇଆର ରୁଜୁ କରାଯାଉଛି।

ସମସ୍ତିପୁର ଜିଲ୍ଲା ମାଜିଷ୍ଟ୍ରେଟ୍ ରୋଶନ କୁଶୱାହା କହିଛନ୍ତି, ଆମେ ସରାଇରଞ୍ଜନ ବିଧାନସଭା ନିର୍ବାଚନମଣ୍ଡଳୀର ଡେସପାଚ୍ କେନ୍ଦ୍ର ନିକଟରେ କିଛି ସ୍ଲିପ୍ ପାଇଲୁ। ମୁଁ ଅନ୍ୟ ଅଧିକାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ପ୍ରାର୍ଥୀମାନଙ୍କ ଉପସ୍ଥିତିରେ ସ୍ଲିପ୍ ଜବତ କରିଛି। ଏହି ମାମଲାରେ ଏକ ଏଫଆଇଆର ପଞ୍ଜିକୃତ କରାଯାଉଛି। ଏହି ମାମଲାରେ ଅବହେଳା କରିଥିବା ଦୁଇ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଏବଂ ନିଲମ୍ବନ ସୁପାରିଶ କରାଯାଇଛି।

### ବାଲକୋନି ଭୁଶୁଡ଼ି...

ମୃତକ ୩ ଜଣ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ୩ ଜଣଙ୍କର କଟକ ବଡ଼ ମେଡ଼ିକାଲରେ ଚିକିତ୍ସା ହେଉଥିବା ଜଣାପଡ଼ିଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ ଏହି ଆପାର୍ଟମେଣ୍ଟଟି ବହୁ ଦିନରୁ ବିପଦ ସଂକୁଳ ଅବସ୍ଥାରେ ଥିଲା। ଏ ବିଷୟରେ ସ୍ଥାନୀୟ ବାସିନ୍ଦାମାନେ ସିଡ଼ିଏ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୁରୁଣା କୋଠାଟି ଭାଂଗିବା ପାଇଁ କୌଣସି ପଦକ୍ଷେପ ନନେବାରୁ ଆଜି ଏ ଅଘଟଣ ଘଟିଛି। ଏହି ଘଟଣାରେ ସ୍ଥାନୀୟ ଲୋକେ ସିଡ଼ିଏ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। କଟକରେ ବିପଦସଂକୁଳ ଅବସ୍ଥାରେ ଥିବା କୋଠାଗୁଡ଼ିକୁ ଭାଙ୍ଗିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦୁର୍ଘଟଣା ପୁଣି ଥରେ ସହରରେ ପୁରୁଣା ଓ ଖରାପ ହେଉଥିବା କୋଠାଗୁଡ଼ିକର ସୁରକ୍ଷା ନେଇ ଚିନ୍ତା ସୃଷ୍ଟି କରିଛି। ଏ ସଂପର୍କରେ ସିଡ଼ିଏ କର୍ତ୍ତୃପକ୍ଷଙ୍କର କୌଣସି ମତାମତ ମିଳିପାରି ନାହିଁ। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଯନ୍ତ୍ରୀ ଅଭାବ...

ଏହାର ଉଲ୍ଲଂଘନ କରିବାରୁ ଆଇନ୍‌ଗତ ବିବାଦ ସୃଷ୍ଟି ହୋଇ ୩୦୦ରୁ ଅଧିକ ଏଇଇ ପଦବୀ ପୂରଣ ହୋଇପାରୁ ନାହିଁ। ଫଳରେ କନିଷ୍ଠ ଯନ୍ତ୍ରୀରୁ ସହକାରୀ ଯନ୍ତ୍ରୀ ଏବଂ ସହକାରୀ ଯନ୍ତ୍ରୀରୁ ଏଇଇ ପଦବୀକୁ ପଦୋନ୍ନତି ବାଧାପ୍ରାପ୍ତ ହୋଇଥିବା ବେଳେ କନିଷ୍ଠ ଯନ୍ତ୍ରୀ ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ମଧ୍ୟ ଏହାର ପ୍ରଭାବ ପଡୁଛି।

ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଏବେ ଆଇନ୍ ଅଦାଲତଙ୍କ ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି। ଅଦାଲତରୁ ସବୁଜ ସଂକେତ ମିଳିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କୁହାଯାଉଛି। ପର୍ଯ୍ୟାପ୍ତ ସଂଖ୍ୟକ ଯନ୍ତ୍ରୀ ପୂର୍ତ୍ତ ବିଭାଗରେ ନଥିବାବେଳେ ଏହି ବିଭାଗର କେତେକ ଯନ୍ତ୍ରୀ ମଧ୍ୟ ଅନ୍ୟ ବିଭାଗ ଓ ସଂସ୍ଥାକୁ ଡେପୁଟେସନ୍‌ରେ ଯାଇଛନ୍ତି। କେବଳ ସେତିକି ନୁହେଁ, ଭିଜିଲାନ୍ସ ଜାଲରେ ପଡ଼ି ଆଉ କେତେକ ଯନ୍ତ୍ରୀ ମଧ୍ୟ ନିଲମ୍ବିତ ହୋଇ ରହିଛନ୍ତି। କେବଳ ପୂର୍ତ୍ତ ବିଭାଗ ନୁହେଁ, ଜଳ ସଂପଦ, ଗ୍ରାମ ଉନ୍ନୟନ, ନଗର ଉନ୍ନୟନ ଆଦି ବିଭାଗରେ ମଧ୍ୟ ସହସ୍ରାଧିକ ଯନ୍ତ୍ରୀ ପଦବୀ ଖାଲି ପଡିଛି। ଗୋଟିଏ ପଟେ ଇଞ୍ଜିନିୟରିଂ ଡିଗ୍ରୀ ଓ ଡିପ୍ଲୋମାଧାରୀମାନେ ବର୍ଷବର୍ଷ ଧରି ଚାକିରି ପ୍ରତୀକ୍ଷାରେ ଥିବାବେଳେ ସମସ୍ତ ଖାଲି ପଦବୀ ଏକ ସଂଗେ ପୂରଣ ହୋଇପାରୁନଥିବାରୁ ନିର୍ମାଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କଷ୍ଟକର ହୋଇପଡୁଛି ବୋଲି ଅନେକ ଯନ୍ତ୍ରୀ ସ୍ୱୀକାର କରିଛନ୍ତି।

### ମଦୁଆ ପୁଲିସ୍‌ବାବୁଙ୍କ...

ଫେରୁଥିଲେ। ଏହି ସମୟରେ ସେମାନଙ୍କୁ ଧକ୍କା ଦେଇଥିଲେ ଯାଦବ। ଦଶରଥ ଘଟଣା ସ୍ଥଳରେ ପ୍ରାଣ ହରାଇଥିବା ବେଳେ ଅନ୍ୟମାନେ ଏବେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଘଟଣା ପରେ ସ୍ଥାନୀୟ ଲୋକମାନେ ରାସ୍ତାରୋକ କରି ଯାଦବଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଖବର ପାଇ ବରିଷ୍ଠ ଅଧିକାରୀମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ସେହିପରି ନୀମୁଚ ଏସ୍‌ପି ତୁରନ୍ତ ଏଏସ୍‌ଆଇ ଯାଦବଙ୍କୁ ନିଲମ୍ବନ କରିଛନ୍ତି। ସେହିପରି ତାଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ କରାଯାଇଛି।

## ଅଜଣା ଗାଡ଼ି ଧକ୍କାରେ ୨ ଛାତ୍ରୀ ମୃତ

ଆନନ୍ଦପୁର,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଅଜଣା ଗାଡ଼ି ଧକ୍କାରେ ଆଜି କେନ୍ଦୁଝର ଜିଲ୍ଲା ଆନନ୍ଦପୁରର ସାଳପଡା ସ୍ଥିତ କନକ ମଞ୍ଜରୀ (ଡିଗ୍ରୀ) ମହିଳା ମହାବିଦ୍ୟାଳୟର ଦୁଇଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେମାନେ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀ ଥିଲେ। ମୃତ ଛାତ୍ରୀ ଦ୍ୱୟ ହେଉଛନ୍ତି ଦୀପାଞ୍ଜଳି ସାହୁ ଓ ଅନ୍ନପୂର୍ଣ୍ଣା ପାତ୍ର। ଦୀପାଞ୍ଜଳିଙ୍କ ଘର ବେଲବାହାଲିରେ ହୋଇଥିବା ବେଳେ ଅନ୍ନପୂର୍ଣ୍ଣାଙ୍କ ଘର ସିଆପଡାରେ।

ଏହି ଦୁଇ ଛାତ୍ରୀ ସାଇକେଲ ଯୋଗେ କଲେଜରୁ ଘରକୁ ଫେରୁଥିବା ବେଳେ ବାରିଗାଁ ନିକଟରେ ୨୦ ନମ୍ବର ଜାତୀୟ ରାଜପଥରେ କୌଣସି ଏକ ଗାଡି ସେମାନଙ୍କୁ ପିଟି ଦେଇ ପଳାଇଥିଲା। କେଉଁ ଗାଡି ପିଟିଲା, ତାହା ସ୍ପଷ୍ଟ ହୋଇନଥିବା ବେଳେ ଏକ କାର ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିବା କୁହାଯାଉଛି। ଯେଉଁ ଗାଡି ଧକ୍କା ଦେଇଥିଲା, ତାହା ଦ୍ରୁତଗତିରେ ଯାଇଥିବା ଅନୁମାନ କରାଯାଉଛି। କାରଣ ଗାଡି ଧକ୍କାରେ ଛାତ୍ରୀ ଦ୍ୱୟ ରାସ୍ତାକଡ ଜମିକୁ ଛିଟିକି ପଡିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଲୋକେ ରାସ୍ତାରୋକ କରିଛନ୍ତି। ଖବର ଲେଖାଯିବା ସୁଦ୍ଧା ରାସ୍ତାରୋକ ହଟିନଥିଲା।

ଅପରପକ୍ଷେ ପୁଲିସ ବିଳମ୍ବରେ ଘଟଣାସ୍ଥଳରେ ପହଞ୍ଚିବାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ସହିତ ଅତିଶୀଘ୍ର ବାରିଗାଁରୁ ବେଲବାହାଲି ପର୍ଯ୍ୟନ୍ତ ସର୍ଭିସ ରୋଡ୍ ତିଆରି କରିବା ପାଇଁ ଦାବି କରିଛନ୍ତି ସ୍ଥାନୀୟ ଲୋକେ। ଏହି ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସର୍ଭିସ ରୋଡ୍ ନିହାତି ଜରୁରୀ ବୋଲି କହିଛନ୍ତି ଜିଲ୍ଲା ପରିଷଦ ସଦସ୍ୟ ଅମୀମା ମିଶ୍ର। ଦୁର୍ଘଟଣା ଘଟାଇଥିବା ଗାଡିକୁ ପୁଲିସ ତୁରନ୍ତ ଜବତ କରି ଡ୍ରାଇଭର ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

## ଦାରୁଠେଙ୍ଗ ପଥର ଖଣିରୁ କୁମ୍ଭୀର ଉଦ୍ଧାର

ଭୁବନେଶ୍ୱର,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱର ଦାରୁଠେଙ୍ଗ ନିକଟରେ ଥିବା ଏକ ପଥର ଖଣିରୁ ଗୋଟିଏ କୁମ୍ଭୀର ଉଦ୍ଧାର ହୋଇଛି। ସ୍ଥାନୀୟ କୁଝଗଡ଼ ଗାଁ ଲୋକ ଏହି କୁମ୍ଭୀରକୁ ଉଦ୍ଧାର କରିଛନ୍ତି। କୁମ୍ଭୀରଟି ଅନେକ ବାଛୁରୀ ଓ କୁକୁରଙ୍କୁ ଶିକାର କରିଥିଲା। କିଛି ମଣିଷ ବି କୁମ୍ଭୀର ଆକ୍ରମଣର ଶିକାର ହୋଇ କ୍ଷତାକ୍ତ ହୋଇଛନ୍ତି। ଏ ନେଇ ଅନେକଥର ଗଣମାଧ୍ୟମରେ ଖବର ପ୍ରକାଶ ହେବା ପରେ ମଧ୍ୟ ବନ ବିଭାଗ ଚୁପ ଥିଲା। ବନ ବିଭାଗ ଏହାକୁ ଗୁଜବ ବୋଲି କହୁଥିଲା। ତେବେ ଶନିବାର ସକାଳୁ ମାଛ ଜାଲରେ ଏହି କୁମ୍ଭୀର ଧରାପଡିଛି। କୁମ୍ଭୀର ଏହି ପଥର ଖଣିକୁ କେମିତି ଆସିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ କଟକ ଚଣ୍ଡୀଙ୍କ ଦର୍ଶନ

କଟକ,୮।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ଅତିରିକ୍ତ ମୁଖ୍ୟ ଶାସନ ସଚିବ, ସୂଚନା ଓ ଲୋକ ସମ୍ପର୍କ ଓ ଶିକ୍ଷ ବିଭାଗ, ହେମନ୍ତ କୁମାର ଶର୍ମା ନିଜ ପତ୍ନୀଙ୍କ ସହ ଚଣ୍ଡୀ ମନ୍ଦିର ଆସି ମା'ଙ୍କ ଦର୍ଶନ କରି ପୂଜା ଅର୍ଚ୍ଚନା କରିଥଲେ। ମନ୍ଦିର ପାର୍ଶ୍ୱ ବୁଲି ଏହାର ଉନ୍ନତି କାର୍ଯ୍ୟ ସଂପର୍କରେ ଅବଗତ ହୋଇଥିବା ସଂମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ। ଆଜିର ଏହି ଦର୍ଶନ ସମୟରେ ସଦର ଉପ-ଜିଲ୍ଲାପାଳ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଉଭୟ ଅଧିକାରୀ ସ୍ୱାଗତିକା ବେହେରା ଓ ଅଭିରାମ ଦାସ, ମନ୍ଦିର ପରିଚାଳନା କମିଟିର ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ବାଲିଯାତ୍ରାରେ ଭାରତ ମସଲା ଗ୍ରାହକଙ୍କୁ ସୁନିଶ୍ଚିତ ଆକର୍ଷଣୀୟ ଉପହାର

କଟକ,୮।୧୧
ଏକ୍ସପ୍ରେସ୍ ନ୍ୟୁଜ୍




ଭାରତ ମସଲା ପକ୍ଷରୁ ଆୟୋଜିତ ଦ୍ୱିତୀୟ ଦିନର ଲକି ଡ୍ର ଭାଗ୍ୟଶାଳୀ ବିଜେତାଙ୍କୁ କଟକ ଏଡିଏମ୍ ଶିବ ଟପ୍‌ନୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ମାଇକ୍ରୋ ଓଭାନ ପ୍ରଦାନ କରିଛନ୍ତି। ଏହି ପ୍ରଥମ ବିଜେତା ଜଣକ ହେଇଛନ୍ତି ୪୨ ମୌଜା କଟକର ବିଭୁପ୍ରସାଦ ରାଉତରାୟ। ସେହିପରି ୨ୟ ବିଜେତା ଗଡିରାଉତ ପାଟଣା କଟକର ସୁଧୀର କୁମାର ପରିଡ଼ାଙ୍କୁ ରେସିଙ୍ଗ ବାଇ ସାଇକେଲ। ୩ୟ ବିଜେତା ସୋମପୁର ଜଗତସିଂପୁରର ସସ୍ମିତା ମଲ୍ଲିକଙ୍କୁ ବାଉଲ୍ ସେଟ୍, ସ୍ୱାନ୍ତନା ମୂଳକ ବିଜେତା ସିଡିଏ ୧୧ ନଂ କଟକର ପ୍ରତ୍ୟୁଷ ବେହେରାଙ୍କୁ ଫ୍ରାୟୀଙ୍ଗ ପାନ୍ ଏଡିଏମ ଶ୍ରୀ ଟପନୋ ଅତିଥି ଭାବେ ଯୋଗଦେଇ ପୁରସ୍କାର ସ୍ୱରୂପ ପ୍ରଦାନ କରିଥିଲେ।

ସୁଚନା ଥାଉକି ଚଳିତ ବର୍ଷ ବାଲିଯାତ୍ରାରେ ଭାରତ ମସଲା ତାର ଗ୍ରାହକ ମାନଙ୍କ ପାଇଁ ଆଣିଛି ସୁନିଶ୍ଚିତ ଉପହାର ସ୍କିମ। ଗ୍ରାହକ ଗୋଟିଏ ମସଲା କିଣିଲେ ଗୋଟିଏ ଫ୍ରିରେ ପାଇଥିଲାବେଳେ ସମସ୍ତଙ୍କ ପାଇଁ ରହିଛି ନିଶ୍ଚିତ ଉପହାର। ୨୫୦ ଟଙ୍କାର ମସଲା କ୍ରୟ କଲେ ଗ୍ରାହକ ସୁନିଶ୍ଚିତ ଉପହାର ସ୍ୱରୂପ ପ୍ଲାଷ୍ଟିକ ମଗ ପାଇପାରୁଛନ୍ତି। ୫ଶହ ଟଙ୍କାରେ ଷ୍ଟିଲ ଗ୍ଲାସ୍, ୭୦୦ ଟଙ୍କାରେ ପ୍ଲାଷ୍ଟିକ କଣ୍ଟେନର, ୯ଶହ ଟଙ୍କାରେ ପ୍ଲାଷ୍ଟିକ ବାଲ୍ଟି, ୧୫ଶହ ଟଙ୍କାରେ ଷ୍ଟିଲ ଥାଳି, ୪ ହଜାର ଟଙ୍କାରେ ହଟ କେସ ବା ଟିଫିନ୍ ବାକ୍ସ, ୮ ହଜାର ଟଙ୍କାରେ ୫ ଗ୍ରାମର ରୂପା ମୁଦ୍ରା, ୧୦ ହଜାର ଟଙ୍କାରେ ବ୍ଲାଙ୍କେଟ୍, ୧୨ ହଜାର ଟଙ୍କାର କ୍ରୟ ଉପରେ କ୍ରମ୍ପଟନ ବ୍ରାଣ୍ଡର ସିଲିଂ ପଙ୍ଖା ନିଶ୍ଚିତ ଉପହାର ପାଉଛନ୍ତି। ଏତଦ୍ ବ୍ୟତୀତ ମସଲା ସହିତ ଲକି ଡ୍ର କୁପନ ପାଇବାକୁ ସକ୍ଷମ ହେଉଛି ଜଣେ ଗ୍ରାହକ। ଯାହାକି ଜଣେ ଗ୍ରାହକଙ୍କର ଭାଗ୍ୟକୁ ବଦଳାଇ ଦେଉଛି। ଆଜିର ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ଅଧକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ନିର୍ଦ୍ଦେଶକ ଶ୍ରୀମନ୍ତ କୁମାର ପଣ୍ଡା, ଦିଗନ୍ତ କୁମାର ପଣ୍ଡା, ଆଶୁତୋଷ ପଣ୍ଡା, ଏସଏନ ମିଲେନିୟମ, ଜିଏମ୍ ଅପରେସନ ଅରୁଣ କୁମାର ନାୟକ, ଜିଏମ୍ ପ୍ରଡକ୍ସନ ନବକୃଷ୍ଣ ପ୍ରଧାନଙ୍କ ସମେତ ଭାରତ ମସଲା କମ୍ପାନୀର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ